RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -209 | ସଂଖ୍ୟା-୨୦୯
ଭୁବନେଶ୍ୱର,ଗୁରୁବାର ୦୫ ନଭେମ୍ବର ୨୦୨୬
Bhubaneswar, Thursday 05 November, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଓଡ଼ିଶା ମାଟିରେ ନିର୍ବାଚନରୁ ଓହରିଲା ଆନ୍ଧ୍ର

କୋରାପୁଟ,୪।୧୧(ନି.ପ୍ର.);ଓଡ଼ିଶା-ଆନ୍ଧ୍ର ସୀମାରେ ଥିବା ବିବାଦୀୟ କୋଟିଆ ଅଞ୍ଚଳର ତାଡିବାଲାସା ଗ୍ରାମକୁ ନେଇ ଦେଖାଦେଇଥିବା ନିର୍ବାଚନୀ ଉତ୍ତ ?ଜନା ମଧ୍ୟରେ ଆନ୍ଧ୍ର ପ୍ରଶାସନ ନିର୍ବାଚନରୁ ଓହରିଯାଇଥିବା ଖବର ମିଳିଛି। ଏହି ଘଟଣାକୁ ନେଇ ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସଦ୍ ?ଭାବନା ବଜାୟ ରହିବା ନେଇ ଆଶା ପ୍ରକାଶ ପାଇଛି।

କୋଟିଆ ଅଞ୍ଚଳରେ ଓଡ଼ିଶାର ପ୍ରଶାସନିକ ଉପସ୍ଥିତିକୁ ମଜବୁତ କରିବା ସହ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଇଛି। ନିର୍ବାଚନକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଉତ୍ତ ?ଜନା ବୃଦ୍ଧି ପାଉଥିବା ସମୟରେ ଶାନ୍ତି ବଜାୟ ରଖିବା ଏବଂ ସ୍ଥାନୀୟ ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ନେଇ ପ୍ରଶାସନ ଗୁରୁତ୍ୱ ଦେଇଥିଲା ଜିଲ୍ଲା ପ୍ରଶାସନ ।



ଜିଲ୍ଲା ପ୍ରଶାସନର ଶାନ୍ତିପୂର୍ଣ୍ଣ ପଦକ୍ଷେପ ଓ ସମନ୍ୱୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ସନ୍ତୋଷ ପ୍ରକାଶ ପାଇଛି। ଶାନ୍ତି ଓ ସଦ୍ ?ଭାବନା ରକ୍ଷା କରିବାରେ ପ୍ରଶାସନର ଭୂମିକାକୁ ନେଇ ଧନ୍ୟବାଦ ଜଣାଯାଇଛି।

ତେବେ ସୀମା ବିବାଦର ସ୍ଥାୟୀ ସମାଧାନ ସହ କୋଟିଆ ଅଞ୍ଚଳରେ ଶାନ୍ତି ଓ ଉନ୍ନତି ବଜାୟ ରହିବା ଏବେ ସମସ୍ତଙ୍କ ଆଶା କ୍ଷଆସନ୍ତା କାଲି କୋଟିଆ ନିର୍ବାଚନ ପରିପେକ୍ଷୀରେ ନେରେଡି ବାଲସା ଠାରେ ଏକ ତ୍ରିତ ହୋଇଥିଲେ ତିନି ଦଳ ର ନେତା ଓ କର୍ମୀ ଓ ପଟାଙ୍ଗି କୋରାପୁଟ ଅଞ୍ଚଳ ରୁ ହଜାର ହଜାର ଲୋକ ଏକତ୍ରିତ ହୋଇ ଆନ୍ଧ୍ର ର ସୀମାରେ ବସିବା ସହ ଆନ୍ଧ୍ର ଗୋ ବ୍ୟାକ ନାରା ଦେଇଥିଲେ। ଆନ୍ଧ୍ର ର ଚାଲ ଉପରେ ଦିନ ତମାମ ପ୍ରଶାସନ ନଜର ରଖିଥିଲେ। ସନ୍ଧ୍ୟା ରେ ଆନ୍ଧ୍ର ପଟୁ ପୋଲିସ ଫୋର୍ସ ସହ ଅଧିକାରୀ ମାନେ ଆସୁଥିବା ଖବର ପାଇ ଉତେଜନା ପ୍ରକାଶ ପାଇଥିଲା। ସ୍ଥିତି ସମ୍ଭାଳି ଥିଲେ ଉପଜିଲ୍ଲାପାଳ ଫାବି ରସିଦ। ଅଧିକାରୀ ମାନଙ୍କୁ ଆସିବାକୁ ଦିଆ ଯାଇଥିଲା। ମାନ୍ୟମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ବୈଶାଳୀ ଓ ଉପ ଜିଲ୍ଲାପାଳ ପାର୍ବତୀପୁର ସଚିନ ରାଓ୍ୱର ଆସି କୋରାପୁଟ ଉପ ଜିଲ୍ଲାପାଳ ଫାବି ରସିଦ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ,କୋରାପୁଟ ବିଧାୟକ ରଘୁରାମ ମାଛ, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ , କୋଟପାଡ ବିଧାୟକ ରୁପୁ ଭତ୍ରା ପ୍ରମୁଖ କଥା ବାର୍ତ୍ତା କରିଥିଲେ ବିଧାୟକ ମାଛ କୌଣସି ପରିସ୍ଥିତି ରେ କୋଟିଆ ରେ ନିର୍ବାଚନ ହୋଇ ପାରିବ ନାହିଁ ବୋଲି କହିଥିଲେ ଓ ଶ୍ରି କାଡାମ ଆନ୍ଧ୍ର ର ନିର୍ବାଚନ ଆନ୍ଧ୍ର ରେ କରିବାକୁ କହିଥିଲେ। ରୁପୁ ଭତ୍ରା ଗତ ୩ ତାରିଖ ରେ ଆନ୍ଧ୍ର ପୋଲିସ ର ଦାଦାଗିରି ଓ ଓଡ଼ିଶା ଅଧିକାରୀଙ୍କୁ ଖରାପ ବ୍ୟବହାର ନେଇ ଅଭିଯୋଗ କରିଥିଲେ।ଉପ ଜିଲ୍ଲାପାଳ ଓଡ଼ିଶା ସୀମାରେ ନିର୍ବାଚନ ବ୍ୟେଧ ନୁହେଁ, ଆମ ଓଡ଼ିଶା ସୀମାରେ ନିର୍ବାଚନ କରିବାକୁ ଦିଆ ଜୀବନୀ କହିଥିଲେ। ଏହା ପରେ ଆନ୍ଧ୍ର ର ଅତିରିକ୍ତ ଜିଲ୍ଲାପାଳ ବୈଶାଳୀ କହିଥିଲେ ଆମେ ସବୁ ଭାରତୀୟ ଆମ ଭିତରେ ବିଶୃଙ୍ଖଳା ଠିକ ନୁହେଁ ଏଣୁ ଆମେ ଓଡ଼ିଶା ସୀମା ଭିତରେ କୌଣସି ପୁଲିଙ୍ଗ ବୁଥ କରିବୁ ନାହିଁ ଓଡ଼ିଶା ସୀମା ଠୁଁ ଆନ୍ଧ୍ର ଭିତରେ ଥିବା ସିର୍ଶି ଠାରେ ଏକ ପୁଲିଙ୍ଗ ବୁଥ କରିବୁ ସେଠାରେ ଆମର ଭୋଟର ଭୋଟ ଦେବେ ବୋଲି। ଆମେ ନିର୍ବାଚନକୁ ଏକ ଉତ୍ସବ ଭାବେ ମନାଇ ବାକୁ ଚାହୁଁଛୁ ବୋଲି କହି ଧନ୍ୟବାଦ୍ ଦେଇ ଫେରି ଯାଇ ଥିବା ଦେଖା ଦେଇଥିଲା। ତାଙ୍କ କଥା ବାର୍ତ୍ତା ସ୍ଥଳ ରୁ ୫୦ ମିଟର ଦୂର ରେ ଆନ୍ଧ୍ରର ତିନି ପ୍ଲାଟୁନ ଫୋର୍ସ ଜଗି ରହିଥିବା ଦେଖା ଦେଇଥିଲା। ଏହା ପରେ ଓଡ଼ିଶା ଗଣ ମାଧ୍ୟମ କୁ ସାକ୍ଷାତ୍ କାର ରେ କହିଥିଲେ ଆନ୍ଧ୍ର ଶାନ୍ତି ପୂର୍ଣ୍ଣ ନିର୍ବାଚନ ଚାହୁଁଛି ତେଣୁ ଆମେ ଆମ ସୀମାରେ ପୋଲିଂ ବୁଥ ରେ ନିର୍ବାଚନ କରିବୁ, କୋଟିଆ ଅନ୍ତର୍ଭୁକ୍ତ ଭୋଟର ଯେମିତି ଭୋଟ ଦେଇ ପାରିବେ ତାର ବ୍ୟବସ୍ଥା ହେବ ଓ ଓଡ଼ିଶା ପ୍ରଶାସନ ଭୋଟ ଦେବାକୁ ଉତ୍ସୁକ ଭୋଟର ଙ୍କୁ ନ ଅଟକାଇ ବାକୁ ଅନୁରୋଧ ବୋଲି କହିଥିଲେ। ଏହି ସମୟ ରେ ଉଭୟ ପକ୍ଷରୁ ଓଡ଼ିଶା ଜିନ୍ଦାବାଦ, ଆନ୍ଧ୍ର ଗୋ ବ୍ୟାକ ଓ ଆନ୍ଧ୍ର ର କିଛି ଲୋକ ଙ୍କ ପକ୍ଷରୁ ଓଡ଼ିଶା ଗୋ ବ୍ୟାକ ନାରା ଦିଆ ଯାଉ ଥିବାର ଦେଖା ଦେଇ ଥିଲା।ଏହାପରେ ତିନି ଦଳ ର ନେତା ଓ କର୍ମୀ ଆମେ ଆମ ସୀମାକୁ ଜଗିବୁ ବୋଲି କହି ରାତିରେ ଅଟକି ଛନ୍ତି। ପ୍ରଦୀପ ମାଝୀ କହିଥିଲେ ଓଡ଼ିଶା ର ସବୁ ଦଳ ଆମେ ଆଜି ଏକାଠି ହୋଇଛୁ ଆମେ ଓଡ଼ିଶା ପାଇଁ ଦଳ ଗତ ଜାତି ଗତ ନିର୍ବିସେ ସ ରେ ମା ଭଉଣୀ ମାନେ ବି ଅଛନ୍ତି ଆମେ ମା ମାଟିର ଉତ୍କଳର ସମ୍ମାନ ହାନି ହେବାକୁ ଦେବୁ ନାହିଁ କହିଥିଲେ। ବିଜେପି ଦଳ ର ବିଧାୟକ ତିନି ସହ ଜିଲ୍ଲା ସଭାପତି ଶିବ ମୁଦୁଲି,ପୂର୍ବତନ ସଭାପତି ସୁମନ୍ତ ପ୍ରଧାନ, ଗୌତମ ସାମନ୍ତରାୟ, କଂଗ୍ରେସ ବିଧାୟକ ରାମ କାଡ଼ାମ, ରାଜ୍ୟ କଂଗ୍ରେସ ସମ୍ପାଦକ ମନୋଜ ଆଚାର୍ଯ୍ୟ, ଜିଲ୍ଲା ସଭାପତି ରୂପକ ତୁରୁକ, ପୂର୍ବତନ ନିମାଇ ସରକାର, ଜିଲ୍ଲାପରିଷଦ ମିହିର କୁଳଦୀପ, ଜିଲ୍ଲାପରିଷଦ ସଭ୍ୟ ମୋହନ ଜାନି, ସାମ୍ବା ପାଙ୍ଗି, ଜଗଦିଶ ବାଘ, ସଦାଶିବ ପାଙ୍ଗି ଅର୍ଜୁନ ବାଙ୍କା, ଶଙ୍କର ପଟ୍ଟନାୟକ ଓ ବିଜେଡି ଦଳର ପୂର୍ବତନ ସାଂସଦ ପ୍ରଦୀପ ମାଝୀ ତଥା ଜିଲ୍ଲା ସଭାପତି ଝିନୁ ହିକକା, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା,ପୂର୍ବତନ ବିଧାୟକ ପ୍ରୀତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ଜିଲ୍ଲା ମହିଳା ସଭାପତି ପାର୍ବତୀ ମଣ୍ଡି, ରୀତା ପାଣିଗ୍ରାହି, ନାଗୁ ଦୋରା, ଦୁର୍ଗା ମିଶ୍ର, ଅନି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଠିକାଦାର ସଙ୍ଘ କୋରାପୁଟ , ମାଳି ପର୍ବତ ସଂଗଠନ,ସେତୁବନ୍ଧ ସୁରକ୍ଷା ସମିତି ପ୍ରମୁଖ ଙ୍କ ସହ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଆଜି ନିର୍ବାଚନ ରେ କୋଟିଆ ପରିସ୍ଥିତି କିପରି ରହିବ ଓ ଉଭୟ ରାଜ୍ୟ ପକ୍ଷରୁ କଣ ପଦକ୍ଷେପ ନିଆ ଯାଉଥିବା ସହ ସର୍ବଦଳୀୟ ନେତା ଓ ଜନସାଧାରଣ ଙ୍କ କଣ କର୍ତ୍ତବ୍ୟ ରହିବ ଦେଖିବାକୁ ବାକି ରହିଛି।

'ଅର୍ଣ୍ଣବ' ପ୍ରଭାବିତଙ୍କୁ ୧୦୭.୭୦ କୋଟିରୁ ଅଧିକ ଟଙ୍କାର ଅନୁକମ୍ପା ସହାୟତା

୭ ଯାଏଁ ଗଞ୍ଜାମରେ ସ୍କୁଲ୍ ଛୁଟି

ଭୁବନେଶ୍ୱର,୪।୧୧(ନି.ପ୍ର.); ବାତ୍ୟା 'ଅର୍ଣ୍ଣବ' ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପରିବାରଗୁଡ଼ିକୁ ତୁରନ୍ତ ଆଶ୍ୱସ୍ତି ଦେବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ବାତ୍ୟା ପ୍ରଭାବିତଙ୍କ ପାଇଁ ଘୋଷଣା ହୋଇଥିବା ସ୍ୱତନ୍ତ୍ର ପ୍ୟାକେଜ ଅଧୀନରେ ପ୍ରଭାବିତ ଲୋକଙ୍କୁ ନଗଦ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର



ରିଲିଫ୍ କମିଶନର (ଏସଆରସି)ଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ପ୍ରାୟ ୧୦୭ କୋଟି ୭୦ ଲକ୍ଷରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି।ସୂଚନା ଅନୁସାରେ, ଅର୍ଣ୍ଣବ ପ୍ରଭାବିତଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ଏସଆରସି ଆଜି ୧୦୭.୭୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଗଞ୍ଜାମ ଜିଲ୍ଲାକୁ ୧୦୭ କୋଟି ୪୪ ଲକ୍ଷ ୫୫ ହଜାର ଟଙ୍କା ଓ କୋରାପୁଟ ଜିଲ୍ଲାକୁ ୨୬.୨୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ବାତ୍ୟା ପ୍ରଭାବିତଙ୍କୁ ପରିବାର ପିଛା ୨୫୦୦ଟଙ୍କା ହାରରେ ଏହି ନଗଦ ସହାୟତା ପ୍ରଦାନ କରାଯିବ। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୪ ଲକ୍ଷ ୨୯ ହଜାର ୭୮୨ଟି ପ୍ରଭାବିତ ପରିବାର ଓ କୋରାପୁଟ ଜିଲ୍ଲାର ୧୦୫୧ଟି ପରିବାର ବାତ୍ୟାରେ ପ୍ରଭାବିତ ହୋଇଥିବା ସୂଚନା ମିଳିଛି।

ଏହି ନଗଦ ଅର୍ଥରାଶି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ହସ୍ତାନ୍ତର କରାଯାଇଛି। ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ଯୋଗ୍ୟ ପ୍ରଭାବିତ ପରିବାରଙ୍କୁ ତ୍ୱରିତ ଏହି ସହାୟତା ରାଶି ପ୍ରଦାନ କରିବାକୁ ଏହି ଅର୍ଥ ବିନିଯୋଗ କରାଯିବ । ବିପର୍ଯ୍ୟୟବେଳେ ପ୍ରଭାବିତ ଜନସାଧାରଣଙ୍କୁ ତ୍ୱରିତ ଆର୍ଥିକ ସହାୟତା ଓ ରିଲିଫ୍ ଯୋଗାଇଦେବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଓ ବେସରକାରୀ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକୁ ଚଳିତମାସ ୭ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ ବନ୍ଦ ରହିଲେ ମଧ୍ୟ ସ୍କୁଲର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟରେ ଉପସ୍ଥିତ ରହି ନିଜ ନିଜ ଦାୟିତ୍ୱ ତୁଲାଇବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିପର୍ଯ୍ୟୟର ଏହି କଠିନ ସମୟରେ ପ୍ରଭାବିତ ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇବା ଓ ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପ୍ରୟାସ ଜାରି ରଖିଛି।

ବେସରକାରୀ ଅନୁଦାନପ୍ରାପ୍ତ ଅଧକ୍ଷମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଭେଟି

ଭୁବନେଶ୍ୱର,୪।୧୧(ନି.ପ୍ର): ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧକ୍ଷମାନଙ୍କ ପାଇଁ ଖୁସି ଖବର । ସେମାନେ ଏଣିକି ସ୍ଥାନ ଓ ପୋଷ୍ଟିଂ ଅନୁଯାୟୀ ପାଇବେ ମାସିକ ପ୍ରୋତ୍ସାହନ ରାଶି । ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ଏହି ବର୍ଗର ବିଭିନ୍ନ କଲେଜର ଅଧ୍ୟାପକମାନେ ଦୂର ଦୂରାନ୍ତରରେ ଥିବା କଲେଜ ଗୁଡ଼ିକରେ ଅଧକ୍ଷ ଦାୟିତ୍ୱ ନେବା ପାଇଁ ଆଗ୍ରହ ପ୍ରକାଶ କରିବେ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନ ପ୍ରକ୍ରିୟା ସୂଚାରୁ ରୂପେ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।ଏହି ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ୪୮୮ ଓ ୬୬୨ ବର୍ଗର ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷମାନେ ପାଇବେ ମାସିକ ପ୍ରୋତ୍ସାହନ ରାଶି । ଏହାଦ୍ୱାରା ଏହି ବର୍ଗର ପ୍ରାୟ ୬୪୧ଟି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷମାନେ ଉପକୃତ ହେବେ । ନିଷ୍ପତ୍ତି ଅନୁଯାୟୀ ଯେଉଁ ଅଧକ୍ଷମାନେ ନିଜ ଜିଲ୍ଲାରେ କିମ୍ବା ଉନ୍ନତ ସହରାଞ୍ଚଳରେ ପୋଷ୍ଟିଂ ପାଇଥିବେ, ସେମାନଙ୍କୁ ମାସକୁ ୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ । ନିଜ ଜିଲ୍ଲାର ବାହାରେ ପୋଷ୍ଟିଂ ଥିଲେ ମାସକୁ ମିଳିବ ୭ ହଜାର ଟଙ୍କା । ନିଜ ଜିଲ୍ଲା କିମ୍ବା ଘର ଠାରୁ ୩୦୦ କିଲୋମିଟର ଦୂରରେ ପୋଷ୍ଟିଂ ଥିଲେ ୯ ହଜାର ଟଙ୍କା ମିଳିବ । ଯଦି ଭୌଗୋଳିକ ଭାବେ ଦୂର ଓ ଦୁର୍ଗମ ଅଞ୍ଚଳରେ ପୋଷ୍ଟିଂ ହୋଇଥିବ, ତେବେ ଏଥିପାଇଁ ସମ୍ପୃକ୍ତ ଭାରପ୍ରାପ୍ତ ଅଧକ୍ଷଙ୍କୁ ମାସକୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ । ଏହି ନିଷ୍ପତ୍ତି ଏକ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯିବ ।

ବିପଦସଙ୍କୁଳ ପାହାଡ଼ରୁ ହଟିବେ ଲୋକ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୪।୧୧(ନି.ପ୍ର.): ଗିଡ଼ିପାବଲି ଭୂସ୍ଖଳନ ଘଟଣା ପରେ ଆକ୍ସନ ମୋଡ୍‌କୁ ଆସିଛନ୍ତି ରାଜ୍ୟ ସରକାର। ଭବିଷ୍ୟତରେ ଏଭଳି ଅଘଟଣ ଓ ଧନଜୀବନ ହାନି ରୋକିବା ପାଇଁ ଏକ ବଡ଼ ଯୋଜନା ପ୍ରସ୍ତୁତ କରାଯିବ। ବିପଦସଙ୍କୁଳ ପାହାଡ଼ ଉପରେ ଏବଂ ପାହାଡ଼ ତଳେ ବସବାସ କରୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବେ ସରକାର।ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କନ୍ଧମାଳ



ଓ ଗଜପତି ଜିଲ୍ଲାରେ ଶହ ଶହ ପାହାଡ଼ ସହ ଅନେକ ଭୂସ୍ଖଳନ ସମ୍ଭାବନା ଥିବା ସ୍ଥାନ ରହିଛି। ଏହି ସବୁ ବିପଦସଙ୍କୁଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଚିହ୍ନଟ କରି ସୁରକ୍ଷିତ ସ୍ଥାନକୁ ନିଆଯିବ। ଏଥିପାଇଁ କେତେ ଲୋକ ପାହାଡ଼ ଉପରେ ଓ ତଳେ ବସବାସ କରୁଛନ୍ତି, ତାହାର ସର୍ଭେ ଆରମ୍ଭ ହୋଇଛି।ସ୍ଥାନାନ୍ତରିତ ହେବାକୁ ଥିବା ପରିବାରଗୁଡ଼ିକ ପାଇଁ ଅନ୍ୟ ସୁରକ୍ଷିତ ସ୍ଥାନରେ ନୂଆ ବସ୍ତି ନିର୍ମାଣ କରାଯିବ। ଏଥିସହ ସେମାନଙ୍କୁ ଘର ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ ସରକାର କରିବେ। ଭୂସ୍ଖଳନ ଭଳି ବିପର୍ଯ୍ୟୟରୁ ଲୋକଙ୍କ ଜୀବନ ରକ୍ଷା କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ।ସେହିପରି ଗିଡ଼ିପାବଲି ଭୂସ୍ଖଳନରେ ବଞ୍ଚିଯାଇଥିବା ପରିବାରଗୁଡ଼ିକୁ ଘର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିବ। ରେସ୍କ୍ୟୁ ଅପରେସନକୁ ଜାରି ରଖିବା ପାଇଁ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି।ଗିଡ଼ିପାବଲି ଘଟଣା ପରେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଭୂସ୍ଖଳନପ୍ରବଣ ଅଞ୍ଚଳରେ ରହୁଥିବା ଲୋକଙ୍କ ସୁରକ୍ଷା ପାଇଁ ଏକ ବଡ଼ ପଦକ୍ଷେପ ହେବାକୁ ଯାଉଛି।

ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କୁ ଝଟକା

ରିପବ୍ଲିକାନଙ୍କ ଶୋଚନୀୟ ପରାଜୟ, ଡେମୋକ୍ରାଟିକ୍ ପାର୍ଟି ହାସଲ କଲା ବହୁମତ

ୱାଶିଂଟନ ୪।୧୧(ନି.ପ୍ର.); : ଆମେରିକାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କୁ ଝଟ୍‌କା ରିପବ୍ଲିକାନ୍ ପାର୍ଟିକୁ ହରାଇ ଡେମୋକ୍ରାଟିକ ପାର୍ଟି ବିଜୟ। ୫୧ ଆସନ ହାତେଇବା ସହ ଡେମୋକ୍ରାଟିକ୍ ପାର୍ଟିକୁ ମିଳିଛି ବହୁମତ। ମୋଟ୍ ୧୦୦ ଆସନ ମଧ୍ୟରୁ ଡେମୋକ୍ରାଟିକ୍ ପାର୍ଟିକୁ ମିଳିଲା ୫୧। ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି ପରାଜୟବରଣ କରିଛି। ବିରୋଧୀ ଡେମୋକ୍ରାଟିକ୍ ପାର୍ଟି ସିନେଟରେ ୫୧ଟି ଏବଂ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ୨୧୮ଟି ଆସନ ଜିତି ବହୁମତ ହାସଲ କରିଛି।



୨୦୨୬ ମସିହାର ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ଏବଂ ରିପବ୍ଲିକାନ ପାର୍ଟିକୁ ଏକ ବଡ଼ ଝଟକା ଲାଗିଛି। ଡେମୋକ୍ରାଟମାନେ ୨୦୨୦ ପରେ ପ୍ରଥମ ଥର ପାଇଁ ସେନେଟରେ ବହୁମତ ଏବଂ ଗୃହର ନିୟନ୍ତ୍ରଣ ହାସଲ କରିଛନ୍ତି। ବର୍ତ୍ତମାନର ଧାରା ଦର୍ଶାଉଛି ଯେ ଡେମୋକ୍ରାଟ ପାର୍ଟିର ବହୁମତ ୫୧ରେ ପହଞ୍ଚିଛି। ଟେକ୍ସାସ, ଦକ୍ଷିଣ କାରୋଲିନା ଏବଂ ଉତ୍ତର କାରୋଲିନା ଭଳି ରିପବ୍ଲିକାନ ଗଡ଼ରେ ଡେମୋକ୍ରାଟଙ୍କ ବିଜୟ ପ୍ରତିଯୋଗିତାର ସମ୍ପୂର୍ଣ୍ଣ ଗଣିତକୁ ବଦଳାଇ ଦେଇଛି। ଦଳ ଜର୍ଜିଆ ଏବଂ ନ୍ୟୁ ହାମ୍ପଶାୟାରରେ ମଧ୍ୟ ପ୍ରମୁଖ ଆସନ ବଜାୟ ରଖିଛି। ଆଇନ ପାସ୍ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିକୁ ଅନୁମୋଦନ କରିବା ଟ୍ରମ୍ପଙ୍କ ପାଇଁ ଚ୍ୟାଲେଞ୍ଜିଂ ହୋଇପାରେ।ଡେମୋକ୍ରାଟିକ୍ ପାର୍ଟି ୫୧ ସଂଖ୍ୟାଗରିଷ୍ଠତାରେ ପହଞ୍ଚିଛି। ଏହା ଦ୍ୱାରା ହାଉସ୍ ଉପରେ ରିପବ୍ଲିକାନ୍ ପାର୍ଟିର ନିୟନ୍ତ୍ରଣ ଶେଷ ହୋଇଛି।

ନିର୍ବାଚନରେ, ଡେମୋକ୍ରାଟ୍‌ମାନେ ଦୀର୍ଘ ସମୟ ଧରି ରିପବ୍ଲିକାନ୍ ଦ୍ୱାରା ପ୍ରଭାବିତ ରାଜ୍ୟଗୁଡ଼ିକରେ ମଧ୍ୟ ବିଜୟୀ ହୋଇଥିଲେ। ଟେକ୍ସାସ, ଦକ୍ଷିଣ କାରୋଲିନା ଏବଂ ଉତ୍ତର କାରୋଲିନା ଭଳି ରାଜ୍ୟରେ ବିଜୟ ଆମେରିକୀୟ ରାଜନୀତିର ଗତିଶୀଳତାକୁ ପରିବର୍ତ୍ତନ କରିଛି। ଜର୍ଜିଆ ଏବଂ ନ୍ୟୁ ହାମ୍ପଶାୟାରରେ ମଧ୍ୟ ଡେମୋକ୍ରାଟ୍‌ମାନେ ସେମାନଙ୍କର ଆସନ ବଜାୟ ରଖିବାରେ ସଫଳ ହୋଇଥିଲେ। ଫଳାଫଳକୁ ଟ୍ରମ୍ପଙ୍କ ଲୋକପ୍ରିୟତା ଏବଂ ରାଜନୈତିକ ପ୍ରଭାବ ପାଇଁ ଏକ ବଡ଼ ଆଘାତ ବୋଲି ବିବେଚନା କରାଯାଉଛି। ଏହି ପରାଜୟର ଅର୍ଥ ହେଉଛି ଟ୍ରମ୍ପ ଏବେ ଏକ ମହାଶକ୍ତିଶାଳୀ ରାଷ୍ଟ୍ରର ଜଣେ ଶକ୍ତିହୀନ ରାଷ୍ଟ୍ରପତି ହୋଇଯାଇଛନ୍ତି, ଯେହେତୁ ସେ କୌଣସି ବିଲ୍ ପାରିତ କରିପାରିବେ ନାହିଁ।

ଆମେରିକାରେ ନଭେମ୍ବର ୩ ତାରିଖରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭୋଟ ଗଣନା ଆରମ୍ଭ ହେବା ସହିତ ଫଳାଫଳ ଏବେ ରିପୋର୍ଟ କରାଯାଉଛି। ୧୦୦ ସିନେଟ୍ ଆସନ ପାଇଁ ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ଥିଲା। ନିର୍ବାଚନ ପୂର୍ବରୁ, ରିପବ୍ଲିକାନ୍ ପାର୍ଟି ୫୩ ଆସନରେ ଥିଲା, ଯେତେବେଳେ ଡେମୋକ୍ରାଟ୍‌ମାନେ ୪୭ ଆସନରେ ଥିଲେ। ଫଳାଫଳ ସମ୍ପୂର୍ଣ୍ଣ ଗଣିତକୁ ବଦଳାଇ ଦେଇଛି। ଡେମୋକ୍ରାଟ୍‌ମାନେ ଅନେକ ରିପବ୍ଲିକାନ୍ ଆସନ ଦଖଲ କରିଛନ୍ତି, ସେନେଟରେ ବହୁମତ ହାସଲ କରିଛନ୍ତି। ଟ୍ରମ୍ପ ନିଜେ ଅନେକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ ଏବଂ ଖୋଲାଖୋଲି ଭାବରେ ସେମାନଙ୍କୁ ସମର୍ଥନ କରିଥିଲେ। ଏହା ସତ୍ତ୍ୱେ, ଦଳ ପରାଜୟ ବରଣ କଲା। ବର୍ତ୍ତମାନ ଡେମୋକ୍ରାଟମାନେ ସେନେଟ୍ ଉପରେ ନିୟନ୍ତ୍ରଣ ରଖିଥିବାରୁ, ଟ୍ରମ୍ପଙ୍କ ପାଇଁ ତାଙ୍କ ଅବଶିଷ୍ଟ କାର୍ଯ୍ୟକାଳରେ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବା ଆହୁରି କଷ୍ଟକର ହୋଇପାରେ।

ନବୀନଙ୍କ କୋଟିଆ ଚିଠି

ଭୁବନେଶ୍ୱର,୪।୧୧(ମହାଭାରତ); କୋଟିଆ ସ୍ଥିତିକୁ ନେଇ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ପୁଣି ଥରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଉଦବେଗ ଜଣାଇଛନ୍ତି। ଗତ ଅକ୍ଟୋବର ୧୯ରେ ସେ ଲେଖିଥିବା ପତ୍ରର ଉତ୍ତର ଅକ୍ଟୋବର ୨୭ରେ ମୁଖ୍ୟମନ୍ତ୍ରୀ ଦେଇଥିବାବେଳେ, ତୃଣମୂଳ ସ୍ତରରେ ଓଡ଼ିଶା ଓ ଆନ୍ଧ୍ର ଅଧିକାରୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଆହୁରି ଜଟିଳ ହେବାରେ ଲାଗିଛି ବୋଲି ନବୀନ ଦର୍ଶାଇଛନ୍ତି। ଓଡ଼ିଶାବାସୀଙ୍କ ବିରୋଧ ସତ୍ତ୍ୱେ ଆସନ୍ତାକାଲି ଆନ୍ଧ୍ର ନିର୍ବାଚନ କରାଇବାକୁ ଆଗକୁ ବଢୁଥିବାରୁ, କେନ୍ଦ୍ର ସରକାର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ସର୍ବୋଚ୍ଚସ୍ତରରେ ତୁରନ୍ତ କଥାବାର୍ତ୍ତା କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଶା ଓ ଆନ୍ଧ୍ର ଉଭୟ ରାଜ୍ୟ ଏନଡିଏ ମେଣ୍ଟ ଦ୍ୱାରା ଶାସିତ ହେଉଥିବାରୁ, ବିଜେପି ନିଜ ୨୦୨୪ ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ମୁତାବକ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ରକ୍ଷା କରିବା ମୁଖ୍ୟମନ୍ତ୍ରୀଙ୍କର ଏକ ନୈତିକ ଦାୟିତ୍ୱ ବୋଲି ସେ ଚେତାଇ ଦେଇଛନ୍ତି। ବିଜେପି ନେତୃତ୍ୱ ନିଜ ନିର୍ବାଚନୀ ପ୍ରତିଶ୍ରୁତିର ସମ୍ମାନ ରଖି କୋଟିଆ ପ୍ରସଙ୍ଗରେ ତୁରନ୍ତ ଫଳପ୍ରଦ ପଦକ୍ଷେପ ନେବେ ବୋଲି ନବୀନ କହିଛନ୍ତି।



ନୂଆଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ରାଜ୍ୟରେ ସାମ୍ପ୍ରତିକ ବାତ୍ୟା ପରବର୍ତ୍ତୀ ସ୍ଥିତି, ରିଲିଫ୍ ତଥା ପୁନରୁଦ୍ଧାର କାର୍ଯ୍ୟ ଏବଂ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ନିମନ୍ତେ ଭିତ୍ତିଭୂମି ସୁଦୃଢ଼ୀକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହେଲା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ତ୍ୱରିତ ସହାୟତା ତଥା ନିରନ୍ତର ସହଯୋଗ ପାଇଁ ତାଙ୍କୁ କୃତଜ୍ଞତା ଜଣାଇଲି ବୋଲି କହିଛନ୍ତି।

ପୋଖରୀକୁ ଡେଇଁଲେ ଏସ୍‌ଆଇ

୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ

ଭୁବନେଶ୍ୱର,୪।୧୧(ନି.ପ୍ର.); ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ସବ୍ ଇନ୍ସପେକ୍ଟର ସୁଜିତ କୁମାର ମହନ୍ତ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି।

ଏକ ମାମଲାକୁ ରଫାଦଫା କରିବା ପାଇଁ ସବ୍ ଇନ୍ସପେକ୍ଟର ଶ୍ରୀ ମହନ୍ତ ଜଣେ ଅଭିଯୁକ୍ତଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ସେ ସେହି ମାମଲାର ତଦନ୍ତ ଅଧିକାରୀ ଥିଲେ।




ଆଜି ସନ୍ଧ୍ୟାରେ ସେ ଅଭିଯୁକ୍ତଙ୍କୁ ଫୋନ୍ କରିଥିଲେ ଓ ଥାନା ବାହାରେ ଭେଟିବାକୁ କହିଥିଲେ। ଅଭିଯୁକ୍ତ ତାଙ୍କ ଥାନା ବାହାରେ ଭେଟି ଥିଲେ ଓ ଲାଞ୍ଚ ଅର୍ଥ ଦେଇଥିଲେ। ତେବେ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ସେ ଭିଜିଲାନ୍ସ ଜାଲରେ ଫସି ଯାଇଥିବା ଜାଣିବାକୁ ପାଇଥିଲେ। ସେଥିପାଇଁ ସେ ସେଠାରୁ ଫେରାର ହୋଇଯିବାକୁ ଉଦ୍ୟମ କରିଥିଲେ।ସବ୍ ଇନ୍ସପେକ୍ଟର ସୁଜିତ କୁମାର ମହାନ୍ତି ଲାଞ୍ଚ ଅର୍ଥ ଧରି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ତେବେ ଭିଜିଲାନ୍ସ ଟିମ୍ ତାଙ୍କୁ ପିଛା କରିଥିଲା। ଏହା ଦେଖି ସେ ନିକଟସ୍ଥ ଏକ ପୋଖରୀ ଭିତରକୁ ପଶି ଯାଇଥିଲେ। ହେଲେ ଭିଜିଲାନ୍ସ କର୍ମଚାରୀ ତାଙ୍କୁ ଛାଡ଼ି ନଥିଲେ। କିଛି ଭିଜିଲାନ୍ସ କର୍ମଚାରୀ ପୋଖରୀ ଭିତରକୁ ଡ଼ଇଁଥିଲେ ଓ ପହଁରି ପହଁରି ଯାଇ ସବ୍ ଇନ୍ସପେକ୍ଟର ଶ୍ରୀ ମହନ୍ତଙ୍କୁ କାବୁ କରି କୂଳକୁ ଆଣିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ଲାଞ୍ଚ ନେଇ ଧରାପଡ଼ିବା ପରେ ଶ୍ରୀ ମହନ୍ତଙ୍କର ଏକାଧିକ ଠିକଣାରେ ଚଢ଼ାଉ କରିଥିଲା ଭିଜିଲାନ୍ସ ଟିମ୍। ଏହି ସମୟରେ ଥାନା ପରିସରରେ ଥିବା ତାଙ୍କ ରେଷ୍ଟ୍ ରୁମ୍‌ରୁ ୧ ଲକ୍ଷ ୫୫ ହଜାର ୭୦୦ ଟଙ୍କା ଜବତ କରିଥିଲା। ଏହି ଘଟଣାକୁ ନେଇ ସବ୍ ଇନ୍ସପେକ୍ଟର ଶ୍ରୀ ମହନ୍ତଙ୍କ ନାଁରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଛି। ଉଲ୍ଲେଖଯୋଗ୍ୟ, ସୁଜିତ କୁମାର ମହାନ୍ତ ୨୦୨୧ ମସିହାରେ ସିଧାସଳଖ ନିଯୁକ୍ତି ମାଧ୍ୟମରେ ପୁଲିସ ଏସ୍‌ଆଇ ଭାବେ ଚାକିରିରେ ଯୋଗ ଦେଇଥିଲେ।

ଗଞ୍ଜାମରେ ବାତ୍ୟା ଓ ବନ୍ୟାରେ ୫୦୦ କୋଟିର କ୍ଷୟକ୍ଷତି

ଛତ୍ରପୁର: ବାତ୍ୟା 'ଅର୍ଣ୍ଣବ' ପରେ ଗଞ୍ଜାମ ଜିଲ୍ଲାରେ ଦେଖାଦେଇଥିବା ବନ୍ୟା ସ୍ଥିତି ଏବଂ ଏହାଦ୍ୱାରା ହୋଇଥିବା ବ୍ୟାପକ କ୍ଷୟକ୍ଷତିର ଆକଳନ କରିଛି କେନ୍ଦ୍ରୀୟ ପ୍ରତିନିଧି ଦଳ। ଆଠଜଣିଆ ଅନ୍ତଃମନ୍ତ୍ରାଳୟ ଟିମ୍ ଜିଲ୍ଲାର ବିଭିନ୍ନ ପ୍ରଭାବିତ ଅଞ୍ଚଳ ବୁଲି କ୍ଷୟକ୍ଷତିର ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛି। ପ୍ରାଥମିକ ଆକଳନ ଅନୁସାରେ, ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୫୦୦ କୋଟି ଟଙ୍କାର କ୍ଷତି ହୋଇଛି।କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରବି ଶଙ୍କରଙ୍କ ନେତୃତ୍ୱରେ ଏହି ଟିମ୍ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲା। ପୁରୁଷୋତ୍ତମପୁର ବ୍ଲକର ଆଚୁଲି, ହାଣ୍ଡିଘର ଓ ହୀରାଧରବାଟି ଜଳସେଚନ ପ୍ରକଳ୍ପର ସ୍ଥିତି ଯାଞ୍ଚ କରିଥିବା ବେଳେ ହିଞ୍ଜିଳି ବ୍ଲକର ଘୋଡ଼ାହାଡ଼ ପୋଲ ଏବଂ ଜୟମଙ୍ଗଳ ଜଳସେଚନ ପ୍ରକଳ୍ପର କ୍ଷୟକ୍ଷତି ମଧ୍ୟ ଦେଖିଥିଲେ।

ଡାହୁକ



ଅଣ ଦେଖା କରି ଯେଉଁ ରାହୁଲଙ୍କୁ
ପପୁ କହୁଥିଲେ ସାରେ
ସେଇ ରାହୁଲଙ୍କ ଛାଇ ଦେଖି ଏବେ
ଛାତିରେ ଛନକା ପୋରେ
ପଦ୍ମ ପାଖୁଡ଼ା ଇଆଡ଼େ ସିଆଡେ
ଜଳ ଜଳ ଦିସେ ଆଗକୁ ଆଗକୁ
କେଉଁ ପାଣି ଯିବ କୁଆଡେ
-ବିଧୁ



କେନ୍ଦ୍ରାପଡା ଗଜଲକ୍ଷ୍ମୀ ପୂଜାର ଶେଷପର୍ବ

ଗୋବରୀ ନଦୀରେ ବିସର୍ଜିତ ହେଲେ ଥାନପତି ମା'ଲକ୍ଷ୍ମୀ

କେନ୍ଦ୍ରାପଡ଼ା,୪।୧୧ (ନି.ପ୍ର) : କେନ୍ଦ୍ରାପଡା ଜିଲ୍ଲାର ଅନ୍ୟ ଏକ ମହାପର୍ବ ଗଜଲକ୍ଷ୍ମୀ ପୂଜାର ଆଜି ଥିଲା ଶେଷ ପର୍ବ। ସାତଦିନ ମଣ୍ଡପରେ ପୂଜା ପାଇବା ପରେ ଶନିବାର ମେଲଣ ପର୍ବ ଶେଷ ହେବା ପରେ ରବିବାର ଥାନପତି ବ୍ୟତିତ ଅନ୍ୟ ସମସ୍ତ ମେଢର ଦେବାଦେବୀ ଗୋବରୀ ନଦୀ ଏବଂ ବିଭିନ୍ନ ଜଳାଶୟରେ ବିସର୍ଜିତ ହୋଇଥିଲେ। ସୋମବାର ପୁରୁଣା ବସଷ୍ଟାଣ୍ଡର ଶତବାର୍ଷିକ ଥାନପତି ସନ୍ଧ୍ୟା ୫ଟାରେ ମଣ୍ଡପ ଛାଡି ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବିସର୍ଜନ ଘାଟ ଅଭିମୁଖେ ଯାତ୍ରା କରିଥିଲେ। ପୂଜା କମିଟି ସଦସ୍ୟ ଏବଂ ସହରର ଅଧିବାସୀମାନେ ଆନନ୍ଦ ଉଲ୍ଲାସରେ ବାଦ୍ୟର ତାଳେ ତାଳେ ମା'ଙ୍କୁ ଶୋଭାଯାତ୍ରାରେ ଆଣିଥିଲେ। ବିସର୍ଜନ ଘାଟ ନିକଟ ନୂଆବସଷ୍ଟାଣ୍ଡର ଥାନପତି ମା'ଲକ୍ଷ୍ମୀ ପୁରୁଣା ବସଷ୍ଟାଣ୍ଡ ଥାନପତି ମା'ଲକ୍ଷ୍ମୀଙ୍କୁ ସ୍ୱାଗତ କରିଥିଲେ। ଉଭୟ ଲକ୍ଷ୍ମୀଙ୍କ ମଧ୍ୟରେ ମହାମିଳନର ପର୍ବ ଅନୁଷ୍ଠିତ ହୋଇଥିଲା। ନୂଆ ବସଷ୍ଟାଣ୍ଡ ଥାନପତି ପୂଜା କମିଟିର ସଦସ୍ୟମାନେ ଭୋଗଲାଗି କରିଥିଲେ। ଏହି ଭୋଗଲାଗି ପର୍ବ ସମାପ୍ତ ପରେ ପୁରୁଣା ବସଷ୍ଟାଣ୍ଡ ଥାନପତି ଗୋବରୀ ନଦୀ ବିସର୍ଜନ ଘାଟକୁ ଯାଇଥିଲେ। ସମସ୍ତ ମେଢକୁ



ମେଲାଣି ଦେବା ପରେ ନୂଆ ବସଷ୍ଟାଣ୍ଡ ଥାନପତି ବିସର୍ଜନ ଘାଟକୁ ଯାଇଥିଲେ। ଗୋବରୀ ନଦୀର ବିସର୍ଜନ ଘାଟ ପାଣିରେ ଦୁଇ ଥାନପତିର ମା'ଲକ୍ଷ୍ମୀଙ୍କୁ ବିସର୍ଜିତ ହୋଇଥିଲା। ଏହି ଦୃଶ୍ୟ ଅତ୍ୟନ୍ତ ଭାବବିହ୍ୱଳ ପୂର୍ଣ୍ଣ ଥିଲା। ଆଉ ଏକ ବର୍ଷ ପରେ ଏହିଦିନରେ ସହରବାସୀ ମା'ଙ୍କୁ ଆବାହନ କରିବା ପାଇଁ ଅପେକ୍ଷାରେ ରହିଲେ। ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ଶାନ୍ତିଶୃଙ୍ଖଳାର ସହିତ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଥିବାରୁ ବୁଦ୍ଧିଜୀବିମାନେ ପୂଜା କମିଟି ଏବଂ ପୋଲିସ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୬" ଅନୁଷ୍ଠିତ

ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କୁ ସାଇକେଲ ବଣ୍ଟନ ଓ କୃତି ପ୍ରତିଭାଙ୍କ କଳା ପ୍ରଦର୍ଶନ

ଅନୁଗୋଳ,୦୪।୧୧(ନି.ପ୍ର) : ଆଜି ସ୍ଥାନୀୟ ଅନୁଗୋଳ ସଭାଘରଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୬" ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ସମଗ୍ର ଶିକ୍ଷା ଅଧ୍ୟକ୍ଷ ଶ୍ରୀ ଅବ୍ ?ଦାଲ୍ ମୁହମ୍ମଦ୍ ଅଖ୍ ?ତର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା କେବଳ ମାର୍କ ଉପରେ ପ୍ରାଧାନ୍ୟ ନ ଦେଇ ବରଂ ଆତ୍ମବିଶ୍ୱାସ, ନିର୍ଭୀକତା ଏବଂ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱ ଦେଉଛି ବୋଲି କହିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଉପ-ଆରକ୍ଷୀ ଅଧିକାରୀ ଶ୍ରୀ ସୁକୁମାର ତ୍ରିପାଠୀ ଯୋଗ ଦେଇ ଶିକ୍ଷାକୁ କେବଳ ପାଠ୍ୟ ପୁସ୍ତକ ମଧ୍ୟରେ ସୀମିତ ନ ରଖି ଉତ୍ତମ ନାଗରିକ ହେବାର ଆଧାର କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନନ୍ଦ ସଭାପତି, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରା ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଲୋପାମୁଦ୍ରା ପଟ୍ଟନାୟକ ଯୋଗ ଦେଇ ଶୃଙ୍ଖଳା, ନୈତିକ ମୂଲ୍ୟବୋଧ ଏବଂ ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିବା ସହ ଶିଶୁ ପ୍ରତିଭାଙ୍କୁ ଶୁଭେଚ୍ଛା



ଜଣାଇଥିଲେ। ଏହି ଉପଲକ୍ଷେ ୧୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସୁଗମ ଯାତାୟାତ ଓ ସମାବେଶୀ ଅଂଶଗ୍ରହଣ ନିମନ୍ତେ ଇଖଓଗଉଡ ଦ୍ୱାରା ପ୍ରଦତ୍ତ ୧୦ଟି ବ୍ୟାଟେରିଚାଳିତ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ସୁରଭି ଶିଶୁ ମହୋତ୍ସବର ୩୩ଟି ବିଭାଗରେ କନିଷ୍ଠ, ମଧ୍ୟମ ଓ ବରିଷ୍ଠ ବର୍ଗର ସମୁଦାୟ ୫୪୦ ଜଣ ଛା।ତ୍‌ ଛା।ତ୍‌1 ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅତିଥିମାନେ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଆଗାମୀ ୧୨.୧୧.୨୦୨୬ ରୁ ୧୪.୧୧.୨୦୨୬ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ 'ସୁରଭି' ମହୋତ୍ସବରେ ଅଂଶଗ୍ରହଣ କରିବେ। ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଲୋପାମୁଦ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଅମ୍ବୁଜ କୁମାର ଗଡ଼ନାୟକ, ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ଶ୍ରୀ ମନୋରଞ୍ଜନ ସାହୁଙ୍କ ସମେତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କେନ୍ଦ୍ର ସଂଯୋଜକ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅଭିଭାବକ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ଗାନ୍ଧୀନଗରରେ କୁମାର ପୂର୍ଣ୍ଣିମାର ଭବ୍ୟ ଆୟୋଜନ

ଅହମ୍ମଦାବାଦ, ୪।୧୧ (ନି.ପ୍ର): ଓଡ଼ିଶା ସୋସିଓ କଲଚରାଲ ଆସୋସିଏସନ (ଓଏସସିଏ), ଅହମ୍ମଦାବାଦ ତରଫରୁ ପବିତ୍ର କୁମାର ପୂର୍ଣ୍ଣିମା ପର୍ବ ମହା ସମାରୋହରେ ପାଳନ କରାଯାଇଥିବା ଜଣାଯାଇଛି। ଉତ୍ସବ ସ୍ଥଳୀ ଗାନ୍ଧୀନଗରର ଅଡାଲଜସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣକୁ ଏହି ଉପଲକ୍ଷେ ଖୁବ ସୁନ୍ଦର ଭାବେ ସଜାଯାଇଥିବା ଦେଖାଯାଇଥିଲା। ଏହି ଉତ୍ସବରେ ଓଡ଼ିଶାର ଉତ୍କୃଷ୍ଟ କଳା, ସମୃଦ୍ଧ ସଂସ୍କୃତି, ଗୌରବମୟ ଐତିହ୍ୟ ଓ ଉତ୍ତୁଙ୍ଗ ଆଧାତ୍ମିକ ପରମ୍ପରାର ଭବ୍ୟ ପ୍ରଦର୍ଶନ ସ୍ଥାନ ପାଇଥିଲା। ଗୁଜରାଟର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଓଡ଼ିଆ ଓ ଅଣ-ଓଡ଼ିଆ ବ୍ୟକ୍ତି ନିଜ ପରିବାର ସହିତ ଆସି ଏହି ବିଶାଳ ସାଂସ୍କୃତିକ ମହୋତ୍ସବରେ ଭାଗ ନେଇଥିଲେ।ଏହି ବର୍ଷର ପାର୍ବଣକୁ କେନ୍ଦ୍ରକରି ଉଭୟ ଆୟୋଜକ ଓ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ଅସାଧାରଣ ଆଗ୍ରହ, ଅପ୍ରତ୍ୟାଶିତ ଉତ୍ସାହ ଓ ଅଭୂତପୂର୍ବ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା। ଓଏସସିଏ ଗତ ଅନେକ ବର୍ଷ ଧରି ଗୁଜରାଟରେ ଓଡ଼ିଶାର ପୁରାତନ ସାଂସ୍କୃତିକ ଓ ଆଧାତ୍ମିକ ମୂଲ୍ୟବୋଧକୁ ସଂରକ୍ଷଣ କରିବା ଓ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଓଡ଼ିଆ ସମୁଦାୟକୁ ଏକତ୍ରିତ କରି କୁମାର ପୂର୍ଣ୍ଣିମା ପାଳନ କରି ଆସୁଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅହମ୍ମଦାବାଦ ମ୍ୟୁନିସିପାଲ୍ କର୍ପୋରେସନ୍ ?ର ମ୍ୟୁନିସିପାଲ୍ କମିଶନର ବାଞ୍ଛାନିଧି ପାଣି ଏବଂ ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ପ୍ରଶାସକ ପି.କେ. ପୁଜାରୀ ଯୋଗ ଦେଇ ଗୁଜରାଟରେ ଓଡ଼ିଶାର ମହାନ ପର୍ବ ପର୍ବାଣୀ ପରମ୍ପରାକୁ ଜୀବନ୍ତ ରଖିବା ନେଇ ଓଏସସିଏର ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। କାର୍ତ୍ତିକ ପୂର୍ଣ୍ଣିମାକୁ ସାଂସ୍କୃତିକ ଗୌରବ, ଭକ୍ତି ଓ ସମୁଦାୟ ଏକତାର ଏକ ସ୍ମରଣୀୟ ଅବସର ଭାବେ ବର୍ଣ୍ଣନା କରି ଓଏସସିଏର ସଭାପତି ଏବଂ ଭାରତ ସରକାରଙ୍କ



ପୂର୍ବତନ ସଚିବ ଏଚ.କେ. ଦାଶ ଏକ ଶୁଭକାମନା ବାର୍ତ୍ତାରେ ଉତ୍ସବର ସଫଳତା କାମନା କରିଥିଲେ। ସମାବେଶକୁ ସମ୍ବୋଧନ କରି ଓଏସସିଏର ସାଧାରଣ ସମ୍ପାଦକ ବଦ୍ରୀ ନାରାୟଣ ମହାପାତ୍ର, ଆମର ସାଂସ୍କୃତିକ ବନ୍ଧନକୁ ଦୃଢ଼ୀଭୁତ କରିବା, ଯୁବ ପିଢୀକୁ ନିଜ ମୂଳ ଭିଟା ମାଟି ସହିତ ଯୋଡ଼ି ହୋଇ ରହିବା ପାଇଁ ପ୍ରେରଣା ଯୋଗାଇବା ଏବଂ ଓଡ଼ିଶାର କାଳଜୟୀ ପରମ୍ପରା, ଆଧାତ୍ମିକ ଐତିହ୍ୟ ଓ କଳାତ୍ମକ ଉତ୍କର୍ଷତାକୁ ବିସ୍ତୃତ ସମାଜ ସମ୍ମୁଖରେ ପ୍ରଦର୍ଶନ କରିବା ପାଇଁ ଏକ ପ୍ରଖର ମଞ୍ଚ ପ୍ରଦାନ କରିବା,ଏହି ଉତ୍ସବର ମୁଖ୍ୟ ଲକ୍ଷ ବୋଲି ଦର୍ଶାଇଥିଲେ। ଗାୟକ ଶ୍ରୀଚରଣ ମହାନ୍ତିଙ୍କ ଦ୍ୱାରା ମଞ୍ଚସ୍ଥ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା। ଶ୍ରୀ ମହାନ୍ତି ନିଜର ଅନେକ ଭାବୋଦ୍ଦୀପକ ଭଜନ ଓ ଲୋକପ୍ରିୟ ଓଲିଉଡ ସଙ୍ଗୀତ ପରିବେଷଣ କରି ଶ୍ରୋତାମାନଙ୍କୁ ସମ୍ପୂର୍ଣ୍ଣ ଭାବେ ମନ୍ତ୍ରମୁଗ୍ଧ କରି ଦେଇଥିଲେ। ଡ଼ଃ ନିବେଦିତା ସାହୁ,ଡ଼ଃ ରମାକାନ୍ତ ପୃଷ୍ଟି, ଉଷାରାଣୀ ତ୍ରିପାଠୀ, ନିଗମାନନ୍ଦ ଦାସ,ନାରାୟଣ ସ୍ୱାଇଁ, ରବିରଞ୍ଜନ ପଣ୍ଡାଏବଂ ଓଏସସିଏର ଅନେକ ବରିଷ୍ଠ ପୂର୍ବତନ ପଦାଧିକାରୀ ଅନ୍ତର୍ଭୁକ୍ତ ଥିଲେ। ଉତ୍ସବକୁ ସକ୍ଷମତାର ସହ ଆୟୋଜନ ଏବଂ ସଫଳତାର ସହ ସମାପନ କରିବାରେ ଓଏସସିଏର ସାଧାରଣ ସମ୍ପାଦକ ବଦ୍ରୀ ନାରାୟଣ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ଦିଲ୍ଲୀପ କୁମାର ଜେନା ଏବଂ ସଦସ୍ୟ ଯଥା :-ସନ୍ଧ୍ୟା ପଣ୍ଡା, ଜିତେନ୍ଦ୍ର ଖାଡ଼ଙ୍ଗା,ରୋହିତ ନାୟକ,ରାଜେଶ ସାମଲ ,ବିଶ୍ୱରୂପ,ଦିଲ୍ଲୀପ ବଳ, ଗଣେଶ ସାବତ,ସୁଶୀଳ ନାୟକ, ପିତାମ୍ବର ପୁହାଣ,ଅଭୟ ବେହେରା, ଅମୂଲ୍ୟ, କାଳିଆ,ପ୍ରମୋଦ ସ୍ୱାଇଁ, ତାପସ ବିଶ୍ୱାସ,କେଦାର ପାତ୍ର, ବିକ୍ରମ ସିଂହ, ବୁଦ୍ଧିରାମ, ରାଜୁ,ମୀନା,ଅଜୟ ରାଉତ, ବିନୋଦ ଛତ୍ରାଇ ,ମାଧବ ଜେନା,ଧୀରୁ ମଲ୍ଲିକ, ବିଶ୍ୱପ୍ରକାଶ, ଅସିତ ସେନାପତି, ଅରୁଣ ସିଂହ, ନିରଞ୍ଜନ ଦାସ,ମନୋଜ ସ୍ୱାଇଁ, ଅଜୟ, ମିଣ୍ଟୁ ଲେଙ୍କା, ପଦ୍ମଲୋଚନ ପଣ୍ଡା,ଦିଲ୍ଲୀପ ସାହୁ, ଭାଗିରଥି ନାୟକ ଏବଂ ପବିତ୍ର ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

ମତ୍ସ୍ୟଜୀବୀଙ୍କ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ଛତ୍ରପୁର, ୪/୧୧ (ନି.ପ୍ର) : ଗଞ୍ଜାମ ଜିଲ୍ଲାର ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଗଞ୍ଜାମ ଜିଲ୍ଲା ପାରମ୍ପରିକ ମତ୍ସ୍ୟ କର୍ମଚାରୀ ୟୁନିଅନ୍ ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ କୁହାଯାଇଛି ଯେ, ବାତ୍ୟା 'ଅର୍ଣ୍ଣବ' ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଡଙ୍ଗା, ଜାଲ ସମେତ ମହିଳାମାନେ ଶୁଖୁଆ ପ୍ରସ୍ତୁତି ପାଇଁ ବ୍ୟବହାର କରୁଥିବା ସାମଗ୍ରୀର କ୍ଷୟକ୍ଷତିରେ ଠିକ୍ ଆକଳନ କରାଯାଇ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଶୀଘ୍ର ସହାୟତା ରାଶି ପ୍ରଦାନ କରାଯାଉ। ସେହିପରି, ପ୍ରତିବର୍ଷ ଖରାପ ପାଣିପାଗ ଯୋଗୁଁ ସରକାରଙ୍କ ପକ୍ଷରୁ ମାଛଧରା ଉପରେ ନିଷେଧାଦେଶ ଜାରି ହେଉଥିବାରୁ ମତ୍ସ୍ୟଜୀବୀମାନେ ବର୍ଷକୁ ପ୍ରାୟ ୬୦ରୁ ୭୦ ଦିନ ଜୀବିକା ହରାଉଛନ୍ତି। ଏହି ସମୟରେ ମତ୍ସ୍ୟଜୀବୀ ପରିବାରଗୁଡ଼ିକର ଜୀବନଜୀବିକା ଓ ପୋଷଣ ନିମନ୍ତେ ସରକାରଙ୍କ ପକ୍ଷରୁ ଉଚିତ୍ ସହାୟତା ରାଶି ପ୍ରଦାନ କରାଯିବାକୁ ୟୁନିଅନ୍ ଦାବି କରିଛି। କଇଁଛ ସୁରକ୍ଷା ଅଞ୍ଚଳ ତଥା ମାଛଧରା ନିଷିଦ୍ଧାଞ୍ଚଳରେ



ପ୍ରାୟ ୭ ମାସ ଧରି ମତ୍ସ୍ୟଜୀବୀମାନେ ମାଛଧରାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ବର୍ତ୍ତମାନ ଦିଆଯାଉଥିବା ୧୫ ହଜାର ଟଙ୍କାର ଜୀବନଜୀବିକା ସହାୟତାକୁ ବୃଦ୍ଧି କରି ୩୦ ହଜାର ଟଙ୍କା କରାଯାଉ। ଏଥିସହ ମତ୍ସ୍ୟ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳର ସମସ୍ତ ମତ୍ସ୍ୟଜୀବୀ ପରିବାରଙ୍କୁ ଚିହ୍ନଟ କରାଯାଇ ପରିବାରରେ ସମସ୍ତ ଯୋଗ୍ୟ ସଦସ୍ୟଙ୍କୁ ଏହି ସହାୟତା ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି। ଅନ୍ୟପକ୍ଷରେ, ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ନୋଳିଆ ନୂଆଗାଁର ଦୁଇଟି ୱାର୍ଡରେ ଜନବସତି ବର୍ତ୍ତମାନ ଜଳବନ୍ଦୀ ଅବସ୍ଥାରେ ରହିଛି। ଏହାର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବାକୁ ୟୁନିଅନ୍ ପକ୍ଷରୁ ଦାବି କରାଯାଇଛି। ଏହି ୪ ଦଫା ଦାବି ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ସମୟରେ ଓଡ଼ିଶା ପାରମ୍ପରିକ ମତ୍ସ୍ୟ କର୍ମଚାରୀ ୟୁନିଅନ୍‌ର ରାଜ୍ୟ ସାଧାରଣ ସମ୍ପାଦକ କେ. ଏଲେୟା, ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ସି.ଏଚ୍. ବାବାଜି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଏନ୍. ଟିନେୟା, ଏସ୍. ରାଜେଶ, ଜି. ସିମାଚଂଳ, ଜି. ସାତେୟା ଓ ଏନ୍. ଦୀନବନ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ।

ହାତୀ ଆକ୍ରମଣରେ ଦୁଇ ମୃତ୍ୟୁ, ସାଂସଦ ରୁଦ୍ର ପାଣିଙ୍କ ଉଦବେଗ

ଅନୁଗୋଳ, ୪।୧୧ (ନି.ପ୍ର): ଅନୁଗୋଳ ଜିଲ୍ଲାରେ ହାତୀ ମଣିଷ ଲଢେଇ ଜାରି ରହିଛି ଝପ୍ରତି ମାସରେ ହାତୀ ଆକ୍ରମଣ ରେ ନିରୀହ ଲୋକଙ୍କର ଜୀବନ ଯାଉଛି ।ଅନୁଗୋଳ ଜିଲ୍ଲା ପାଲଲହଡା ବ୍ଲକ ଅଂଚଳ ରେ ଗତ ଦୁଇ ଦିନ ମଧ୍ୟରେ ହାତୀ ଆକ୍ରମଣ ରେ ଦୁଇଜଣ ଙ୍କର ଜୀବନ ଯାଇଛି ଝପାଲଲହଡା ବ୍ଲକ କରଡ଼ାପାଳ ପଂଚାୟତ ମୁନିପାଲ ପୁର ଗ୍ରାମର ରୁନୁ ପେଣ୍ଟଇ (୩୨) ଙ୍କର ଏବଂ ବାଲିପସି ପଂଚାୟତ ର ଜୟପୁର ଗ୍ରାମର ସିଦ୍ଧ ?ଶ୍ୱର ଶୁଣ୍ଡୀ ଙ୍କର ହାତୀ ଆକ୍ରମଣ ରେ ମୃତ୍ୟୁ ଘଟିଛି । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ହାତୀ ଆକ୍ରମଣ ରେ ମୃତ୍ୟୁ ଘଟଣା କୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ।



ଉଭୟ ଙ୍କ ପରିବାର ଙ୍କୁ ଉପଯୁକ୍ତ କ୍ଷତି ପୂରଣ ସହ ପରିବାର ର ଜଣଙ୍କୁ ବନ ବିଭାଗ ରେ ଠିକା ନିଯୁକ୍ତି ପାଇଁ ସାଂସଦ ଦେବଗଡ଼ ଡି ଏଫ ଓ ଙ୍କ ସହ ଫୋନ ଯୋଗେଁ କଥା ହୋଇଛନ୍ତି । ହାତୀ ମଣିଷ ଲଢେଇ ର ସ୍ଥାୟୀ ସମାଧାନ ପାଇଁ ସାଂସଦ ବାରମ୍ବାର ସଂସଦ ରେ ଦାବୀ ଉପସ୍ଥାପନ କରି ଆସୁଛନ୍ତି, ସରକାର ଏ ଦିଗରେ ଯତ୍ନବାନ ହେବା ପାଇଁ ସାଂସଦ ଶ୍ରୀ ପାଣି ପରାମର୍ଶ ଦେଇଛନ୍ତି । ପାଲଲହଡା ବିଧାୟକ ଅଶୋକ ମହାନ୍ତି ମଧ୍ୟ ଅନୁରୂପ ଭାବେ ହାତୀ ଆକ୍ରମଣ ରେ ମୃତ୍ୟୁ ବରଣ କରିଥିବା ପରିବାର ଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ସାଂସଦ ପାଲଲହଡା ବିଧାୟକ ଙ୍କ ସହ ଖୁବ ଶୀଘ୍ର ହାତୀ ଆକ୍ରମଣ ରେ ମୃତାହତ ଙ୍କ ପରିବାର ଙ୍କ ଘରକୁ ଯାଇ ତାଙ୍କୁ ଭେଟି ସମବେଦନା ଜଣାଇବେ ବୋଲି ପ୍ରକାଶ କରିଛନ୍ତି।

ଧର୍ମପରାୟଣ ତଥା ସେବାୟତ ମହିଳା ଙ୍କ ପରଲୋକ

କାକଟପୁର, ୪/୧୧ (ନି.ପ୍ର): କାକଟପୁର ଅଞ୍ଚଳର ଜଣେ ଧର୍ମପରାୟଣା, ମିଷ୍ଟଭାଷୀ ତଥା ମେଳାପୀ ସେବାୟତ ମହିଳା ସବିତା ଦୀକ୍ଷିତ (ଛବି)ଙ୍କ ବିୟୋଗରେ ସମଗ୍ର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଗତ ଶନିବାର ରାତି ପ୍ରାୟ ୩ଟା ୩୦ ମିନିଟ୍ ସମୟରେ ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତା ସବିତା ଦୀକ୍ଷିତ ଗାଁର ଝିଅ ଭାବେ ଜନ୍ମଗ୍ରହଣ କରିଥିବା ବେଳେ ପରବର୍ତ୍ତୀ ସମୟରେ ଏହି ଗାଁର ବୋହୂ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ସେ ମା' ମଙ୍ଗଳାଙ୍କ ପୀଠର ଜଣେ ବରିଷ୍ଠ ସେବାୟତ ତଥା ମା'ଙ୍କ ଷୋଡ଼ଶ ଉପଚାର ପୂଜାପଣ୍ଡା ସୁରେନ୍ଦ୍ର ନାଥ ଦୀକ୍ଷିତଙ୍କ



ଧର୍ମପତ୍ନୀ ଥିଲେ। ଜଣେ ଧର୍ମପରାୟଣା ମହିଳା ଭାବେ ସେ ସମସ୍ତଙ୍କ ନିକଟରେ ବେଶ୍ ପରିଚିତ ଥିଲେ। ତାଙ୍କର ଏକମାତ୍ର ପୁତ୍ର କୃଷ୍ଣଚନ୍ଦ୍ର ଦୀକ୍ଷିତଙ୍କ ସମେତ ଦୁଇ ଝିଅ ଅଛନ୍ତି। ତାଙ୍କର ପରଲୋକ ଖବର ପ୍ରଚାରିତ ହେବା ପରେ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁମାନଙ୍କ ଭିଡ଼ ଜମିଥିଲା ସେବକ ସମିତିର ସଭାପତି ଓ ସେବାୟତ ମାନେ ଏହି ଦୁଃଖଦ ଘଟଣାରେ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ଏକ ଶୋକାକୁଳ ପରିବେଶରେ ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ନିଜ ଗ୍ରାମର ଶ୍ମଶାନକୁ ନିଆଯାଇଥିଲା। ଏହି ଶେଷଯାତ୍ରାରେ ଜ୍ୱାଇଁ ପୂର୍ଣ୍ଣ ଚନ୍ଦ୍ର ଦୀକ୍ଷିତ, ଝିଅ ଅହଲ୍ୟା ସୁନ୍ଦରୀ, ନାତି, ନାତୁଣୀ, ଆତ୍ମୀୟସ୍ୱଜନଙ୍କ ସମେତ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ। ତାଙ୍କର ବଡ଼ ପୁତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସେବକ ସାହି ସମେତ ସମଗ୍ର ଅଞ୍ଚଳରେ ଏକ ଗଭୀର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ରାସ୍ତା ନିର୍ମାଣକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ


ବଳଙ୍ଗା, ୪।୧୧ (ନି.ପ୍ର): ରାସ୍ତା ନିର୍ମାଣକୁ କେନ୍ଦ୍ରକରି ବୁଧବାର ମଧ୍ୟାହ୍ନରେ ବଳଙ୍ଗା ଥାନା ଅନ୍ତର୍ଗତ ଅଲାଣ୍ଡା ପଡ଼ା ଗ୍ରାମରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସୂଚନା ମୁତାବକ ଗ୍ରାମର ସ୍ୱର୍ଗତ ମେଘେନ୍ କୁମାର ଶତପଥୀଙ୍କ ପତ୍ନୀ ଅନୁଶୟା ଶତପଥୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ପଞ୍ଚାୟତର ୧୧ନମ୍ବର ୱାର୍ଡ ରେ ରାସ୍ତା ନିର୍ମାଣ ପାଇଁ ଅନୁଶୟାଙ୍କ ପୁଅ ରାଜେଶ ଶତପଥୀ ଓ ସେହି ଗ୍ରାମର ଚିତ୍ତରଞ୍ଜନ ଛୋଟରାୟଙ୍କ ସହିତ ଅନ୍ୟ ୫ଜଣ ମିଶି କରିବାକୁ ସରପଞ୍ଚ ପରାମର୍ଶ ଦେଇଥିଲେ। ମଙ୍ଗଳବାର ରାସ୍ତା କାର୍ଯ୍ୟ ଆରମ୍ଭ ସମୟରେ ଚିତ୍ତରଞ୍ଜନ ରାସ୍ତା ନକରିବାକୁ ରାଜେଶଙ୍କୁ କହିଥିଲେ। ଫଳରେ କାର୍ଯ୍ୟ ବନ୍ଦ କରିବା ସହ ସରପଞ୍ଚଙ୍କୁ ଜଣାଇବାରୁ ସରପଞ୍ଚଙ୍କ ଉପସ୍ଥିତିରେ ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା। ଆଜି ମଧ୍ୟାହ୍ନ ୧୨ ଟାରେ ରାସ୍ତା କାର୍ଯ୍ୟରୁ ବଳିଥିବା ବାଲିକୁ ଚିତ୍ତରଞ୍ଜନ ଏକ ଟ୍ରାକ୍ଟର ଦ୍ୱାରା ନେଉଥିବା ନେଇ ରାଜେଶ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ। ଫଳରେ ଚିତ୍ତରଞ୍ଜନ କ୍ରୋଧାନ୍ୱିତ ହୋଇ ଟ୍ରାକ୍ଟର ବେଲଚାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ରାଜେଶଙ୍କ ହାତ ଓ ଗୋଡରେ ଆଘାତ ଲାଗିବାରୁ ସେ ତଳେ ପଡ଼ି ଯାଇଥିଲେ। ଏହି ସମୟରେ ଆକ୍ରମଣ କାରୀ ରାଜେଶଙ୍କ ବେକରୁ ସୁନା ଚେନକୁ ଛିଣ୍ଡାଇ ନେଇଥିଲେ। ଖବର ପାଇ ରାଜେଶଙ୍କ ସମ୍ପର୍କୀୟ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ମଙ୍ଗଳ ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

କୋଣାର୍କ ଇକୋ ରିଟ୍ରିଟ ମହୋତ୍ସବ ନିମନ୍ତେ ପୁରୀ ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ



ଗୋପ, ୦୪/୧୧ (ନି.ପ୍ର) : ଆସନ୍ତା ଡିସେମ୍ବର ମାସ ୧୩ ତାରିଖ ଠାରୁ କୋଣାର୍କ - ପୁରୀ ମେରାଇନ ଡ୍ରାଇଭ ରାସ୍ତାର ସାହୁଖଣ୍ଡତା ସ୍ଥିତି ବେଳାଭୂମି କୂଳରେ ଆରମ୍ଭ ହେବ ଇକୋ ରିଟ୍ରିଟ ମହୋତ୍ସବ ।ଏହି ମହୋତ୍ସବ ଆୟୋଜନ ନିମନ୍ତେ ମଙ୍ଗଳବାର ଅପରାହ୍ନରେ ପୁରୀ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ମହୋତ୍ସବ ଅନୁଷ୍ଠିତ ହେଉଥିବା କ୍ଷେତ୍ର ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ଖବରରୁ ପ୍ରକାଶ ଯେ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ଇକୋ ରିଟ୍ରିଟ ମହୋତ୍ସବକୁ ଆକର୍ଷଣୀୟ ଓ ମନୋରମ କରିବା ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଇକୋ ରିଟ୍ରିଟ ମହୋତ୍ସବର ସ୍ଥିତି ଅନୁଧ୍ୟାନ କରାଯାଇଥିଲା ।ଏହି ପରିଦର୍ଶନ ସମୟରେ ପୁରୀ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ବିଭାଗ ସହ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ପୁରୀ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ପୁରୀ ଜିଲ୍ଲା ଅଗ୍ନିଶମ ସେବା ଅଧିକାରୀ ପ୍ରଭାତ କୁମାର ରାଉତ, ପୁରୀ ଜିଲ୍ଲା ୱାଟକୋ ସାଧାରଣ ପରିଚାଳକ ରାଜେଶ କୁମାର ବେହେରା, ଗୋପ ବ୍ଲକ ବିଡିଓ ସୂର୍ଯ୍ୟ ଶଙ୍କର ଦାଶ, ଟାଟା ପାୱାରର ପରିଚାଳକ ବିଶ୍ୱ ରଂଜନ ବେହେରା, କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିଆରୀ, ରାମଚଣ୍ଡୀ ଥାନା ଅଧିକାରୀ ମମତା ବିଶ୍ୱାଳ,ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ସରସ୍ୱତୀ ସାହୁ, କୋଣାର୍କ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମାମିନି ପରିଡା ଓ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ନୀଳ ମାଧବ ଭୋଇ କହିଛନ୍ତି ଯେ ଖୁବ ଶୀଘ୍ର ଇକୋ ରିଟ୍ରିଟ ମହୋତ୍ସବ ନିମନ୍ତେ ରାସ୍ତା ନିର୍ମାଣ, ବିଦ୍ୟୁତ କରଣ, ପାନୀୟ ଜଳଯୋଗାଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ କଟେଜ ନିର୍ମାଣ ଆରମ୍ଭ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ପ୍ରାକ ଆକଳନ କାର୍ଯ୍ୟ ଆରମ୍ଭ କରାଯିବା ପରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି।

ଏକତା ଦିବସ ପାଳିତ



ଜଗତସିଂହପୁର, ୪।୧୧ (ନି.ପ୍ର) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ତରିକୁନ୍ଦ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ ତମ ଜୟନ୍ତୀ ଅବସରରେ ଏକତା ଦିବସ ପାଳନ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଏକତା ଓ ସୁରକ୍ଷାର ଶପଥ ପାଠ କରାଇଥିଲେ । ଛାତ୍ରଛାତ୍ରୀମାନେ ଏକତ୍ର ହୋଇ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ସଂକଳ୍ପ ନେଇଥିଲେ । ଦେଶର ଏକତା ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜକୁ ସମର୍ପିତ କରିବା ନିମନ୍ତେ ସଚିବ ଶପଥ ପାଠ କରାଇଥିଲେ । ଏହା ସହ "ସୁରକ୍ଷିତ ବଚପନ୍" ଅଭିଯାନ ଅନୁଯାଇ ଛାତ୍ରଛାତ୍ରୀମାନଙ୍କୁ ପୋକସୋ ଆଇନ ବିଷୟରେ ମଧ ସଚିବ ବୁଝାଇଥିଲେ।

ବେଆଇନ ତମାଖୁ ଓ ନକଲି ଗୁଟଖା କାରବାର ଉପରେ ପୋଲିସର ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ

୫ ଗିରଫ, ବିପୁଳ ପରିମାଣର ଗୁଟୁକା ସାମଗ୍ରୀ ଜବତ

ବ୍ରହ୍ମପୁର,୪/୧୧ (ନି.ପ୍ର) : ବେଆଇନ ଗୁଟୁକା ବିକ୍ରି ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ବଡ଼ବଜାର ପୋଲିସ । ପରେ ଗୌଡ଼ ସାହି, ବଛୁବାଡ଼ି ସାହି ଏବଂ ଶଙ୍କର ବଜାରରେ ଥିବା ତିନୋଟି ଖୁଚୁରା ଦୋକାନରେ ଚଢ଼ଉ କରାଯାଇଥିଲା ପୋଲିସ । ସେଠାରୁ 'ଅରିଜିନାଲ୍ ଗୋକୁଳ ଡିଲକ୍ସ ମିକ୍ସ' ଏବଂ 'ବିନ୍ଦାସ୍ ଗୋକୁଳ ଡିଲକ୍ସ ମିକ୍ସ' ନାମରେ ବହୁ ପରିମାଣର ନିଷିଦ୍ଧ ଗୁଟଖା ଜବତ ହୋଇଥିଲା । ଏହି ପ୍ୟାକେଟ୍ ଗୁଡ଼ିକରେ କୌଣସି ଉତ୍ପାଦନ ତାରିଖ କିମ୍ବା ସମାପ୍ତି ତାରିଖ ମଧ୍ୟ ନଥିଲା ଏବଂ ଏଥିପାଇଁ କୌଣସି ରଝଝଇଓ ଲାଇସେନ୍ସ ମଧ୍ୟ ନଥିବା ଜାଣିବାକୁ ପାଇଥିଲା ପୋଲିସ । ତେବେ ଉକ୍ତ ବ୍ୟବସାୟୀ ବାବୁଲା ସାହୁ ଏବଂ ନାରାୟଣ ସାହୁଙ୍କ ଠାରୁ ଗୁଟୁକା ଆଣି ବିକ୍ରି କରୁଥିବା



ଜାଣିବାକୁ ପାଇଥିଲା ପୋଲିସ ।ଏହି ପରେ ନୂଆଁ କାଲୁପାତ୍ର ସାହି ଏବଂ 'ଗଣପତି ନଗର ପ୍ରଥମ ଲାଇନ୍'ରେ ଚଢ଼ଉ କରି ବାବୁଲା ସାହୁ ଏବଂ ନାରାୟଣ ସାହୁଙ୍କୁ କାବୁ କରିଥିଲା ପୋଲିସ । ସେମାନେ କୌଣସି ବୈଧ ଲାଇସେନ୍ସ, ଇନଭଏସ୍ (ବିଲ୍) କିମ୍ବା ଅନୁମତି ପତ୍ର ଦେଖାଇ ପାରିନଥିଲେ। ଏହା ବ୍ୟତୀତ, ସେମାନେ ପୋଲିସର ଆଇନଗତ କାର୍ଯ୍ୟ ସମ୍ପାଦନରେ ବାଧା ସୃଷ୍ଟି କରିଥିବା ବ୍ରହ୍ମପୁର ଏସପି କହିଛନ୍ତି । ପଚରାଉଚରା ବେଳେ ଜଣାପଡ଼ିଲା ଯେ, ଏହି ସାମଗ୍ରୀଗୁଡ଼ିକ ନିମାଖଣ୍ଡି ଥାନା ଅନ୍ତର୍ଗତ ଚଣ୍ଡିପଦର ଠାରେ ସନ୍ତୋଷ ପାତ୍ରଙ୍କ ଦ୍ୱାରା ପରିଚାଳିତ ଏକ ବେଆଇନ କାରଖାନାରୁ ଆସୁଥିଲା। ତେବେ ପୋଲିସ ସନ୍ତୋଷ ପାତ୍ରଙ୍କୁ ଖୋଜାଖୋଜି କରୁଥିବା ବେଳେ ସେ ବର୍ତ୍ତମାନ ଫେରାର ଥିବା ପୋଲିସ କହିଛି। ଏହି ସଂକ୍ରାନ୍ତ ରେ ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବ୍ରହ୍ମପୁର ଏସପି ଅଭିନବ ସୋନକର ସୂଚନା ଦେଇଛନ୍ତି।

ଆଞ୍ଚଳିକ ମନ୍ଥନ
ଗୁରୁବାର ୦୫ ନଭେମ୍ବର, ୨୦୨୬, ଭୁବନେଶ୍ୱର Thursday November 05, 2026 Bhubaneswar



ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥିବା ଉଭୟ ଜଳସମ୍ପଦ ଓ ଗୃହ ବିଭାଗର ପ୍ରଦର୍ଶନ ନୈରାଶ୍ୟଜନକ: ଭକ୍ତ

ଭୁବନେଶ୍ୱର,୪/୧୧(ନି.ପ୍ର.): – ରାଜ୍ୟରେ ଯେ ଗୋଟିଏ ସରକାର ଅଛି, ତାହା କେହି ଜାଣିପାରୁନାହାନ୍ତି। ଯଥେଷ୍ଟ ପୂର୍ବରୁ ବାତ୍ୟା ଓ ବନ୍ୟାର ସୂଚନା ଦିଆଯାଇଥିଲେ ମଧ୍ୟ ଡ୍ୟାମଗୁଡ଼ିକରୁ ପାଣି ଠିକ୍ ସମୟରେ ନିଷ୍କାସନ କଲେନାହିଁ ଓ ଲକ୍ଷଲକ୍ଷ ଲୋକଙ୍କୁ ଦୁର୍ଗତି ଭିତରକୁ ଠେଲିଦେଲେ। ମୁଖ୍ୟମନ୍ତ୍ରୀ ନିଜେ ଯେଉଁଯେଉଁ ବିଭାଗର ଦାୟିତ୍ୱରେ ଅଛନ୍ତି, ସେହି ବିଭାଗଗୁଡ଼ିକର ପ୍ରଦର୍ଶନ ନୈରାଶ୍ୟଜନକ। ଜଳସମ୍ପଦ ଓ ଗୃହ ବିଭାଗର କାର୍ଯ୍ୟଧାରା ଦେଖିଲେ ଏହା ସ୍ପଷ୍ଟ ହେଉଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ବୁଧବାର କଂଗ୍ରେସ ଭବନରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ଦାସ କହିଥିଲେ, ଜଳସମ୍ପଦ ବିଭାଗର ଯେଉଁ ଯନ୍ତ୍ରୀ ଓ ଅଧିକାରୀମାନଙ୍କ ପାଇଁ ଗଂଜାମ, ଗଜପତି ଓ କନ୍ଧମାଳବାସୀଙ୍କୁ ଦୁର୍ଗତିକୁ ଠେଲିଦିଆହୋଇଛି, ବିଭାଗୀୟ ମନ୍ତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରନ୍ତୁ। ଏବେ ରାଜ୍ୟ ଯେଉଁ ଦୁଇଗୋଟି ଦୁର୍ଗତିର ସମ୍ମୁଖୀନ ହୋଇଛି, ମନ୍ତ୍ରୀମାନେ ସବୁ କାମ ଛାଡ଼ି ଗ୍ରାଉଣ୍ଡରେ ରହନ୍ତୁ ବୋଲି ଶ୍ରୀ ଦାସ କହିଥିଲେ।

ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ବିଷୟରେ ଶ୍ରୀ ଦାସ କହିଥିଲେ, ସରକାର ଯାହା ଦେବାପାଇଁ ଘୋଷଣା କରିଛନ୍ତି ତାହା ଅତ୍ୟନ୍ତ ନଗଣ୍ୟ। ଏକର ପିଛା ଅତି କମ୍‌ରେ ଯଦି ୨୦ କ୍ୱିଣ୍ଟାଲ ଧାନ ଅମଳ ହିସାବ କରାଯାଏ, ପ୍ରଚଳିତ ଏମଏସପି ଅନୁସାରେ ଅନ୍ତତଃ ଚାଷୀଙ୍କୁ ୬୨ ହଜାର ଟଙ୍କା ମିଳିବା କଥା। ମାତ୍ର ସରକାର ମାତ୍ର ୮,୫୦୦ ଟଙ୍କାରେ ଭୁଡେଇଦେଇଛନ୍ତି। ଯେଉଁ ଅନ୍ନଦାତା ସବୁକିଛି ହରାଇଛି, ତାକୁ ୫୦ ପ୍ରତିଶତ କ୍ଷତିପୂରଣ ଦେବାପାଇଁ ମଧ୍ୟ ଏ ନିର୍ଦ୍ଦୟ ସରକାର ମନ



ବଳାଉନାହାନ୍ତି କିପରି ବୋଲି ସେ ପ୍ରଶ୍ନ କରିଥିଲେ।

କୋଟିଆ ପ୍ରସଙ୍ଗରେ ଆନ୍ଧ୍ରର ମନମାନୀ ଓ ଓଡ଼ିଶା ସରକାରଙ୍କ ଅପାରଗତା ବିଷୟରେ ପ୍ରଶ୍ନ ହେଲାରୁ ଶ୍ରୀ ଦାସ କହିଥିଲେ, ଆମେ ରାଜ୍ୟ ଓ ରାଜ୍ୟବାସୀଙ୍କ ସହ ଅଛୁ। ପୂର୍ବର ବିଜେଡି ସରକାରର ଅପାରଗତା ଓ ଏବର ବିଜେପି ସରକାରର ନିଷ୍କ୍ରିୟତା ପାଇଁ ଆଜିର କଠିନ ପରିସ୍ଥିତି କୋଟିଆରେ ସୃଷ୍ଟି ହୋଇଛି। କଂଗ୍ରେସ ଦଳ ପକ୍ଷରୁ କୋଟିଆରେ ପ୍ରଥମେ ଆନ୍ଧ୍ରକୁ ବିରୋଧ କରି କାର୍ଯ୍ୟକ୍ରମ କରାଯିବାରୁ ସରକାର ଚେଇଁଲେ ଓ ଯଥେଷ୍ଟ ବିଳମ୍ବରେ ଏବେ ଟିକେ ଦୃଢ଼ ହେବାପରି ମନେ ହେଉଛି। କୋଟିଆ ପ୍ରସଙ୍ଗରେ ବିଜେଡି ୨୪ ବର୍ଷ ଶୋଇଥିଲା, ବିଜେପି ଅଢ଼େଇ ବର୍ଷ ଶୋଇଲା; କଂଗ୍ରେସ ଏମାନଙ୍କୁ ଉଠାଇଲା। ବିଜେଡି ସରକାର ସୁପ୍ରିମକୋର୍ଟରେ ଠିକ୍ ଭାବେ ମାମଲା ପରିଚାଳନା କରିପାରିଲେ ନାହିଁ। ଏବେ ବିଜେପିର ପାଳି। ସ୍ଥିତାବସ୍ଥା ରକ୍ଷା ପାଇଁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ କରାଇବା ଡବଲ ଇଂଜିନ ସରକାରର ଦାୟିତ୍ୱ। ରାଜ୍ୟ ଏପରି ଏକ ସଂକଟର ମୁକାବିଲା ପାଇଁ ସମସ୍ତଙ୍କୁ ଏକାଠି କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଦାସ କହିଥିଲେ।

ସାମ୍ବାଦିକମାନଙ୍କର ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଦାସ କହିଲେ, ଏ ସରକାର କେବଳ ପୁଂଜିପତିମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ। ରାଜ୍ୟର ଖଣିଖାଦାନ ଉପରେ ଡବଲ ଇଂଜିନ ସରକାରର ଆଖି। ସେଥିପାଇଁ ସେମାନେ ବଡ଼ବଡ଼ ଶିଳ୍ପପତିମାନଙ୍କୁ ଡାକି ଶାଗମାଛ ଦରରେ ରାଜ୍ୟର ବହୁମୂଲ୍ୟ ଖଣିଖାଦାନକୁ ଟେକିଦେଉଛନ୍ତି ବୋଲି ଶ୍ରୀ ଦାସ ଅଭିଯୋଗ କରିଥିଲେ। ଯେଉଁ ବିସ୍ଥାପିତଙ୍କୁ ଲୁହରେ ଏହି ପୁଂଜିପତିମାନଙ୍କୁ ପରିପୁଷ୍ଟ କରାଯାଉଛି, ପ୍ରଥମେ ସେହି ବିସ୍ଥାପିତଙ୍କ କଥା ନ ବୁଝିଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଥିଲେ।

କୁଚିଣ୍ଡା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସୁପୋଷିତ ଓଡ଼ିଶା ମିଶନ ସଫଳ

କୁଚିଣ୍ଡା,୦୪/୧୧(ନି.ପ୍ର.): କୁଚିଣ୍ଡା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ସଫଳତାର ସହ 'ସୁପୋଷିତ ଓଡ଼ିଶା ମିଶନ'ର ମୂଲ୍ୟାୟନ କାର୍ଯ୍ୟ ସମାପନ କରିଛନ୍ତି। ଏହି ମିଶନ ଅନ୍ତର୍ଗତ ୧୪ ଜଣ ପ୍ରଶିକ୍ଷିତ ମହିଳା ଆକଳନକାରୀ ବିଭିନ୍ନ ଅଞ୍ଚଳର ୭୨ଟି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଆକଳନ କାର୍ଯ୍ୟ ସମ୍ପାଦନ କରିଛନ୍ତି।ଲାଡ, ତୁରେଇ, ନିକ୍ତିମାଳ, କୁନ୍ତରା, ଝାରପଡ଼ା, ରାମଝାଲି, କୁସୁମୀ, ଖଣ୍ଡକୋଟା ଓ ଲାଡାଙ୍ଗନାଲ



ସମେତ ବିଭିନ୍ନ ଗ୍ରାମରେ ଏହି ସର୍ବେକ୍ଷଣ କାର୍ଯ୍ୟ କରାଯାଇଥିଲା।ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ପରିଚାଳିତ ଏହି ମିଶନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କ ପ୍ରକୃତ ପୁଷ୍ଟି ସ୍ଥିତି ସମ୍ପର୍କରେ ସଠିକ ଓ ନିରପେକ୍ଷ ତଥ୍ୟ ସଂଗ୍ରହ କରିବା। ଏହି ଆକଳନରୁ ମିଳୁଥିବା ତଥ୍ୟ ଶିଶୁମାନଙ୍କ ବିକାଶ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆଗାମୀ ନୀତି ନିର୍ଦ୍ଧାରଣରେ ସହାୟକ ହେବ।ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏବଂ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଶ୍ରୀ କହ୍ନୁ ଚରଣ ମୁନ୍ନାଙ୍କ ମାର୍ଗଦର୍ଶନ ଓ ସମନ୍ୱୟରେ ଏହି ମିଶନ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ସଫଳତା କୁଚିଣ୍ଡା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କ ସାମାଜିକ ଦାୟିତ୍ୱବୋଧ ଓ ଜନସେବା ପ୍ରତି ନିଷ୍ଠାର ଏକ ଉଜ୍ଜ୍ୱଳ ଉଦାହରଣ।

ଅବକାରୀ ବିଭାଗ ଚଢାଉ, ଦେଶୀ ମଦ ଜବତ, ୨ଗିରଫ

ଖଣ୍ଡପଡ଼ା, ୪/୧୧ (ନିପ୍ର): ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ପୃଥକ ଭାବେ ଚଢାଉ କରାଯିବା ସହିତ ୧୭ ଲିଟର ଦେଶୀ ମଦ ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ଖଣ୍ଡପଡ଼ା ଅବକାରୀ ସବଇନ୍ସପେକ୍ଟରର ସତ୍ୟପ୍ରିୟ ସ୍ୱାଇଁଙ୍କ ସୂଚନା ଅନୁଯାୟୀ ଆଜି ନୟାଗଡ଼ ମୋବାଇଲ ଟିମ ସହାୟତାରେ ବ୍ଲକ ଅଧିକ କୋସକା ଛକରେ ଚଢାଉ କରାଯିବା ସହିତ ବିଶ୍ୱଜିତ ସୁବୁଦ୍ଧି(୨୧)ଙ୍କ ନିକଟରୁ ୯ ଲିଟର ମଦ ଜବତ କରାଯାଇଥିଲା। ସେହିପରି ଗଡିଆସାହି ଗ୍ରାମରେ ଚଢାଉ କରି ଅଶାନ୍ତି ନାଏକ(୨୩)ଙ୍କ ନିକଟରୁ ୮ ଲିଟର ମଦ ଜବତ କରାଯାଇଥିବା ସୂଚନା ମିଳିଛି। ଅବକାରୀ ବିଭାଗ ପକ୍ଷରୁ ପୃଥକ ମାମଲା ରୁଜୁ ସହିତ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଶ୍ରୀ ସ୍ୱାଇଁଙ୍କ ଠାରୁ ସୂଚନା ମିଳିଛି। ଚଢାଉରେ ରେଞ୍ଜ ଇନିସପେକ୍ଟର ରମେଶ ମହାନ୍ତି, ମୋବାଇଲ ଇନିସପେକ୍ଟର ହରପ୍ରସାଦ ରଣା, ସବଇନ୍ସପେକ୍ଟର ସାଗର ଭୋଇ, ନୀଳରୋହିତ ମଲ୍ଲିକ, ହରିପ୍ରିୟା ମଲ୍ଲିକ, ପ୍ରତ୍ୟୁଷ ଦେହୁରି, ଲକ୍ଷ୍ମୀଧର ବେହେରା, ମିତା ନାଏକ ପ୍ରମୁଖ ସାମିଲ ଥିଲେ।

ବନବିଭାଗ ପକ୍ଷରୁ ଚଢାଉ, ଶାଳ ଗଣ୍ଡି ବୋଝେଇ ଟାଟା ଏସି ଗାଡି ଜବତ

ଖଣ୍ଡପଡ଼ା, ୪/୧୧ (ନିପ୍ର): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ସାପୁଆ ସଂରକ୍ଷିତ ଜଙ୍ଗଲରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଶାଳ ଗଣ୍ଡି ଜବତ କରାଯାଇଥିବା ନେଇ ସୂଚନା ମିଳିଛି। ବନବିଭାଗ ସୂଚନା ଅନୁଯାୟୀ ଖଣ୍ଡପଡ଼ା ସେକ୍ସନ ଅଧୀନ ସାପୁଆ ସଂରକ୍ଷିତ ଜଙ୍ଗଲରୁ ଗତକାଲି ବିଳମ୍ବିତ ରାତିରେ ଏକ ଟାଟା ଏସିଇରେ



ଶାଳ ଗଣ୍ଡି ଚାଲାଣ କରାଯାଉଥିବା ବେଳେ ବିଭାଗ ପକ୍ଷରୁ ଗାଡି ସହିତ ଗଛ ଗଣ୍ଡି ଜବତ କରାଯାଇଥିଲା। ଜବତ ଗଣ୍ଡିକୁ ବ୍ୟବସାୟ ଉଦ୍ଦେଶ୍ୟରେ ଗାଡି ଯୋଗେ ନିଆଯାଉଥିବା ନେଇ ବନବିଭାଗ ଚଢଉ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଭାପୁର ବ୍ଲକ ବାଘୁଆପଲ୍ଲି ପଞ୍ଚାୟତ ଅଧୀନ ଧଳାବନ୍ଧ ଗ୍ରାମର ସୁରେନ୍ଦ୍ର ନାୟକକୁ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି। ଜବତ କାଠ ଗଣ୍ଡି ଓ ଗାଡିକୁ ଖଣ୍ଡପଡ଼ା ବିଟ କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ବେଳେ ଲଗ ଗୁଡିକର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ରେଞ୍ଜର ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଫରେଷ୍ଟର ବବୁଲ କୁମାର ସାହୁ, ଗାର୍ଡ ସୌମ୍ୟରଞ୍ଜନ ଦଳେଇ ଏବଂ ଟିମ ଏହି ଚଢାଉରେ ସାମିଲ ଥିଲେ।

କଇଁଛ ନାଁରେ କୋଟିଏ ଟଙ୍କାର ତେଲ ଲୁଟ ଅଭିଯୋଗ, ବିବାଦୀୟ ଟେଣ୍ଡର ବାତିଲ ଦାବି

ଅସ୍ତରଙ୍ଗ ୪/୧୧(ନି.ପ୍ର.): ବିରଳ ଅଲିଭ ରିଡଲେ କଇଁଛ ସୁରକ୍ଷା ନାଁରେ ଅସ୍ତରଙ୍ଗ ଦେବୀ ମୁହାଣରେ କୋଟିଏ ଟଙ୍କାର ତେଲ ଲୁଟ ହେଉଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ଏହାକୁ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ନୂଆଗଡ ସାମୁଦ୍ରିକ ଥାନା ସାମ୍ନାରେ ଅସ୍ତରଙ୍ଗ ଟ୍ରଲର ମାଲିକ ମହାସଂଘ ଓ ପରିବେଶବିତମାନେ ଗଣତାନ୍ତ୍ରିକ ପ୍ରତିବାଦ କରିଛନ୍ତି। ଅଭିଯୋଗକାରୀଙ୍କ ଦାବି ଅନୁସାରେ ପୁରୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଡକାଯାଇଥିବା ଟେଣ୍ଡର ନମ୍ବର ୦୨/୨୦୨୬-୨୭ରେ ବ୍ୟାପକ ଅନିୟମିତତା ହୋଇଛି। ଏନେଇ ମୁଖ୍ୟ ବନ ସଂରକ୍ଷକ, ଅର୍ଥ ବିଭାଗ, ଜିଲ୍ଲାପାଳ ଓ ନୂଆଗଡ ଥାନାରେ ଥାନା ଡାଏରୀ ନଂ ୦୦୪/୨୯.୧୦.୨୦୨୬ ଦାୟର ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି।

ଅଭିଯୋଗ ଅନୁସାରେ ପ୍ରଥମ ପ୍ରମାଣ ତେଲ ନିୟମରେ ପରିବର୍ତ୍ତନ ହୋଇଛି। ସଂଘ ଅଭିଯୋଗ କରିଛି ଯେ ୨୦୨୪-୨୫ରେ ୪୦୦ ଏଚପି ଡଙ୍ଗାକୁ ଘଣ୍ଟାକୁ ୧୦ ଲିଟର ହିସାବରେ ପାଟ୍ରୋଲିଂ ହେଉଥିଲା ଏବଂ ସେତେବେଳେ ବେଆଇନ ଟ୍ରଲର ଧରା ପଡୁଥିଲା। ୨୦୨୫-୨୬ରେ ସେହି ବୋଟକୁ ୩୫ ଲିଟର କରାଗଲା। ଏବେ ଚଳିତ ବିବାଦୀୟ ଟେଣ୍ଡର ୦୨/୨୦୨୬-୨୭ରେ ' ଯେତିକି ଖର୍ଚ୍ଚ ହେବ ସେତିକି ହିସାବରେ 'ବୋଲି ଅସୀମିତ କରାଯାଇଛି ବୋଲି ଅଭିଯୋଗକାରୀ କହିଛନ୍ତି। ସେମାନଙ୍କ ଅଭିଯୋଗ ଓଡ଼ିଶା ପୋଲିସ ଉପକୂଳ ସୁରକ୍ଷା ଟେଣ୍ଡର ୪୪-ଆରଏଫପି-୦୧/୨୦୨୪-୨୫ରେ ୩୫୦ ଏଚପିକୁ ଦିନକୁ ୨୦୦ ଲିଟର ସୀମା ଥିବା ବେଳେ ବନ ବିଭାଗ କାହିଁକି ଅସୀମିତ କରିଛି ତାହା ତଦନ୍ତ ହେବା ଆବଶ୍ୟକ। ଦ୍ୱିତୀୟ ଅଭିଯୋଗ ଇଞ୍ଜିନ କ୍ଷମତାକୁ ନେଇ ଟେଣ୍ଡରରେ ୪୦୦ ଏଚପି ମଗାଯାଇଥିବା ବେଳେ ଲାଗିଥିବା ଅଶୋକ ଲେଲ୍ୟାଣ୍ଡ ୪୦୦ ମଡେଲ ମାତ୍ର ୧୦୮ରୁ ୧୮୦ ଏଚପି ଦେଇଥାଏ ବୋଲି ସଂଘ ଅଭିଯୋଗ କରିଛି। ଲେଥ ମେସିନରେ ଖରାଦି ୯୮ ଏଚପିକୁ ୪୦୦ ଏଚପି କରିହେବ ନାହିଁ ବୋଲି ସଂଘ ଖୋଲା ଚ୍ୟାଲେଞ୍ଜ ଦେଇ ସମୁଦ୍ରରେ ବେଗ ପରୀକ୍ଷା ଦାବି କରିଛି। ତୃତୀୟ ଅଭିଯୋଗ ନିୟମ ହଟାଇବା ଓ ପ୍ରଚାରକୁ । ଗତ ବର୍ଷ ଡଙ୍ଗା ୩ ବର୍ଷରୁ କମ ବାଧ୍ୟତାମୂଳକ ଥିଲା, ଏ ବର୍ଷ ତାହା ହଟାଯାଇଛି ବୋଲି ଅଭିଯୋଗ। ବିଭାଗର ନିଜ ଚିଠି ନଂ ୬୪୦୨/୨୩.୦୯.୨୦୨୬ରେ ୨ଟି ଓଡିଆ ଖବରକାଗଜରେ ବିଜ୍ଞାପନ ଦେବାକୁ ଲେଖିଥିଲେ ବି କଟିଂ ମିଳୁନି ବୋଲି ସଂଘ କହିଛି। ଏହି ଧାରଣାରେ ପରିବେଶବିତ୍ ତଥା ସମାଜସେବୀ ଡା. ଲକ୍ଷ୍ମୀଧର ବିଶ୍ୱାଳ ଗୁରୁତର ଅଭିଯୋଗ ଯେ ୨୪-୨୫ରେ ୧୦ ଲିଟର, ୨୫-୨୬ରେ ୩୫ ଲିଟର, ୨୬-୨୭ରେ ଅସୀମିତ କରାଯାଇ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସୁରକ୍ଷା ଦିଆଯାଉଛି ବୋଲି ସେ କହିଛନ୍ତି। ଏହି ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ଧାରଣା ଦେବୁ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟ ଜଣେ ଟ୍ରଲର ମାଲିକ ବିଜୟ ମହାନ୍ତି ଅଭିଯୋଗ କରିଛନ୍ତି ଯେ ନୂଆଗଡ ଜେଟିରେ ୧୦୦ରୁ ଉର୍ଦ୍ଧ୍ୱ ବୋଟ ଲାଇସେନ୍ସ ଅଛି, ହେଲେ ନିର୍ଦ୍ଦିଷ୍ଟ ମାଲିକଙ୍କ ବୋଟକୁ ପ୍ରାଧାନ୍ୟ ଦିଆଯାଉଛି। ବନ ବିଭାଗ ତେଲ ନାଁରେ ମିଥ୍ୟା ବିଲ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। କର୍ମଚାରୀ ବାବୁରାମ ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ ନିର୍ଦ୍ଦିଷ୍ଟ ବୋଟକୁ ୩ ବର୍ଷ ହେଲା କଇଁଛ ସୁରକ୍ଷାରେ ରଖାଯାଉଛି। ସ୍ୱଚ୍ଛ ଓ ଦକ୍ଷ ଅଧିକାରୀ ନିଯୁକ୍ତି ପାଇଁ ସେ ଦାବି କରିଛନ୍ତି।ଏହି ଧାରଣା ରେ ସଙ୍ଘ ତରଫରୁ ମାଲିକ ସଙ୍ଘ ସଭାପତି ସାମନ୍ତ ମହାନ୍ତି,ରମେଶ ଶୁକ୍ଳା, ବିପିନି ବିହାରୀ ବିଶ୍ୱାଳ, ଶିବ ଓଝା ପ୍ରମୁଖ ସାମିଲ ଥିଲେ।

ଏହା ସହ ସଂଘ ଆହୁରି ସଙ୍ଗୀନ ଅଭିଯୋଗ କରିଛି ଯେ ଗୋଟିଏ ଗୋଷ୍ଠୀର ୮ଟି ଡଙ୍ଗାରୁ ୧-୨ଟି ଦେବୀ ମୁହାଣରେ ଦେଖାଇ ବାକି ଡଙ୍ଗା ନିଷିଦ୍ଧ ଅଞ୍ଚଳରେ ବ୍ୟବସାୟିକ ମାଛ ଧରିବା ଓ ପାଟ୍ରୋଲିଂ ସୂଚନା ଲିକ୍ କରୁଛି। ଉପଗ୍ରହ ମାଧ୍ୟମରେ ସ୍ଥାନ ନିର୍ଣ୍ଣୟ ପ୍ରଣାଳୀ (ଜିପିଏସ)ଓ ଭିଏମଏସ (ଟ୍ରଲର ନିରୀକ୍ଷଣ ପ୍ରଣାଳୀ)ଟ୍ରାକିଂ ଯାଞ୍ଚ ହେଉନି ବୋଲି ସଂଘ କହିଛି।

ଏନେଇ ପରିବେଶବିତ୍ ଡା. ବିଶ୍ୱାଳ ତେଲ ବିଲ ଓ ଜିପିଏସ ଲଗବୁକ ମାଗିବାରୁ ଚିଠି ନଂ ୨୮୮/୧୩.୦୧.୨୦୨୬ରେ ସୂଚନା ଅଧିକାର ଧାରା ୭(୯) ଆଳରେ ମନା କରାଯାଇଥିଲା ବୋଲି ସେ କହିଛନ୍ତି। ଅନ୍ୟ ପଟେ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା ଏହା ଅଡିଟ ଯୋଗ୍ୟ ବିଷୟ ବୋଲି କହି ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟକୁ ଯିବାକୁ ପରାମର୍ଶ ଦେଇଥିବା ବେଳେ ସଂଘକୁ ଧାରଣାରୁ ଉଠିବାକୁ ଅନୁରୋଧ କରି ୫ ଦିନ ସମୟ ମାଗିଥିଲେ, ଯାହା ଫଳରେ ଧାରଣା ଭଙ୍ଗ ହୋଇଥିଲା। ସଂଘ ବର୍ତ୍ତମାନ ଟେଣ୍ଡର ବାତିଲ, ସମୁଦ୍ରରେ ବେଗ ପରୀକ୍ଷା, ଇଞ୍ଜିନ ଅଡିଟ ଓ ଅର୍ଥନୈତିକ ଅପରାଧ ଶାଖା ଭିଜିଲାନ୍ସ ତଦନ୍ତ ଦାବି କରିଛି।

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କୁ ଦାବିପତ୍ର

ଯାଜପୁର: ୪/୧୧(ନି.ପ୍ର.): ବିଭିନ୍ନ ଦାବି ନେଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ତାହାକୁ ପ୍ରଶାସନ ଅଣଦେଖା କରୁଥିବା ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କୁ ୩ ଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ



କରିଛନ୍ତି। ଏଠାରେ ସୂଚନା ଥାଉକି ଦୀର୍ଘ ୧୬ବର୍ଷ ହେବ ଋଷୀଙ୍କ ହକ୍ ଧାନ ସଂଗ୍ରହ, ମଣ୍ଡି ସମସ୍ୟା, ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଆନ୍ୟାନ୍ୟ କୃଷି ସମସ୍ୟା ଉପରେ ଋଷି ମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ ନବ ନିର୍ମାଣ କୃଷକ ସଂଗଠନ ଦାବି କରୁଥିବା ବେଳେ ଆଜି ୩ ଗୋଟି ଦାବିକୁ ନେଇ ଜିଲ୍ଲାପାଳଙ୍କ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟତଃ ଜିଲ୍ଲାରେ ଷଣ୍ଢ, ମାଙ୍କଡ଼ ଉପଦ୍ରବ, ଜିଲ୍ଲାର ବିଭିନ୍ନ ବ୍ଲକ ମାନଙ୍କରେ ବିଗତ ଦିନରେ ହୋଇଥିବା ଭୟଙ୍କର ବନ୍ୟା ଫଳରେ ଋଷୀ ମାନଙ୍କର ଉପଯୁକ୍ତ କ୍ଷତି ପୂରଣ ତୁରନ୍ତ ଯୋଗାଇଦେବା, ଆଗାମୀ ରବି ଋତୁରେ ଋଷୀମାନଙ୍କୁ ମାଗଣାରେ ବିହନ, କୀଟ ନାସକ, ସାର, ପ୍ରଭୃତି ଯୋଗାଇ ଦେବା ପାଇଁ ସଂଗଠନ ପକ୍ଷରୁ ଦାବି ହୋଇଛି। ଯଦି ଉକ୍ତ ଦାବୀ ଗୁଡିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରଣ କରାଯାନଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ନିର୍ମାଣ କୃଷକ ସଂଗଠନର ପ୍ରତିନିଧି ମଣ୍ଡଳୀ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ମାନଙ୍କ ମଧ୍ୟରେ ସର୍ବ ଶ୍ରୀ ଅଶୋକ ଶାନ୍ତି, ଚୌଧୁରୀ ଜେନା, ଦେବେନ୍ଦ୍ର ପଣ୍ଡା, ବ୍ରହ୍ମାନନ୍ଦ ଦାଶ, ବସନ୍ତ ପରିଡ଼ା, ଦାମୋଦର ନାୟକ, ଭାସ୍କର ପରିଡ଼ା, ସୁବାଶ ଖଣ୍ଡାଇ, ରଙ୍ଗାଧର ଦାସ, ପ୍ରଶାନ୍ତ ପଢ଼ିହାରୀ, ସୂର୍ଯ୍ୟନାରାୟଣ ଦାସ, ଅମୂଲ୍ୟ ଦେବତା, ସନାତନ ସାହୁ ପ୍ରଭୃତି ଯୋଗଦେଇଥିଲେ।

ଜିଲ୍ଲା ସାମ୍ବାଦିକ ୟୁନିଅନର ଦ୍ୱିବାର୍ଷିକ ସମ୍ମିଳନୀ

ପ୍ରଭାତ ସଭାପତି, ଶରତ ସାଧାରଣ ସମ୍ପାଦକ


ସମ୍ବଲପୁର,୦୪/୧୧(ନି.ପ୍ର.):ଓଡ଼ିଆ ୟୁନିଅନ ଅଫ୍ ଜର୍ଣ୍ଣଲିଷ୍ଟ୍(ଓୟୁଜେ) ଦ୍ୱାରା ଅନୁବନ୍ଧିତ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିଅନର ଦ୍ୱିବାର୍ଷିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ସମ୍ବଲପୁର ପ୍ରେସ କ୍ଲବ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଛି। ସଂଘର ସଭାପତି ପ୍ରଭାତ ବେହେରା ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟ କୋଷାଧ୍ୟକ୍ଷ ତଥା ନିର୍ବାଚନ ଅଧିକାରୀ ଅମୂଲ୍ୟ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଶରତ ପ୍ରଧାନ ବିବରଣୀ ପଠନ ଓ କୋଷାଧ୍ୟକ୍ଷ ହେମନ୍ତ ରାଉତ ଆୟବ୍ୟୟ ଉପସ୍ଥାପନ କରିଥିଲେ। ସଂଘର ଏକତାକୁ ବଜାୟ ରଖି ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିବାକୁ ଶ୍ରୀ ସ୍ୱାଇଁ ଆହ୍ୱାନ ଦେଇଥିଲେ। ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ପ୍ରେସ କାଉନସିଲ ଅଫ ଇଣ୍ଡିଆ ର ସଦସ୍ୟ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ନ୍ୟାର୍ଯ୍ୟ ଦାବିକୁ ଅଣଦେଖା କରୁଥିବାରୁ ସଭାରେ ଉଦବେଗ ପ୍ରକାଶ ପାଇଛି। ସରକାର ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ, ପେନସନ ଓ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ ୫ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବି ହୋଇଛି। ଆସନ୍ତା ୨ବର୍ଷ ପାଇଁ ନୂତନ କମିଟି



ଗଠନ କରାଯାଇଥିବା ବେଳେ ରାଜ୍ୟ କୋଷାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ ନିର୍ବାଚନ ଅଧିକାରୀ ଦାୟିତ୍ୱ ନିର୍ବାହ କରିଥିଲେ। ସର୍ବସମ୍ମତିକ୍ରମେ ବରିଷ୍ଠ ସାମ୍ବାଦିକ ପ୍ରଭାତ ବେହେରାଙ୍କୁ ସଭାପତି ଓ ଶରତ ପ୍ରଧାନଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଏହାସହ ଦୀନେଶ ମାହାନା ଓ ଶଙ୍କର ପୃଷ୍ଟିଙ୍କୁ ଉପସଭାପତି, ସନ୍ତୋଷ ପଟେଲ ଓ ତପନ ବିଶ୍ୱାଳଙ୍କୁ ସମ୍ପାଦକ ଓ ପ୍ରଶିଷ ପଣ୍ଡାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ମନୋଜ ରାଜ ସଂଗଠନ ସମ୍ପାଦକ,ସଞ୍ଜୟ ମିଶ୍ର, ରଶ୍ମିତା ରାଉତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସଚିକାନ୍ତ ସାହୁ ଜାତୀୟ ପରିଷଦ ସଦସ୍ୟ ଏବଂ ଉପଦେଷ୍ଟା ଭାବେ ହରିହର ନାଥ, ବିରଞ୍ଚି ଦର୍ଶୀ, ହେମନ୍ତ ରାଉତ, ରଶ୍ମିରଂଜନ ଖଁଡ଼ିହେନ୍ଓ ଦେବେନ୍ଦ୍ର ମିଶ୍ରଙ୍କୁ ମନୋନୀତ କରାଯାଇଛି । କାର୍ଯ୍ୟକାରୀ କମିଟିରେ ଜମନକିରା ବ୍ଲକ ସଭାପତି ରାଜେନ୍ଦ୍ର ନାୟକ, ସମ୍ପାଦକ ସୁବାଷ ନାଥ ଶର୍ମା, କୁଚିଣ୍ଡା ସଭାପତି ଦୀନେଶ ନନ୍ଦ, ସମ୍ପାଦକ ରିଙ୍କୁ କୁସୁମ, ରେଙ୍ଗାଲି ସଭାପତି ମନୋଜ ମୁଦୁଲି, ସମ୍ପାଦକ ହିମାଂଶୁ ଦାଶ, ରେଢ଼ାଖୋଲ ସଭାପତି ସୁଶାନ୍ତ ନାଗ, ସମ୍ପାଦକ ସରୋଜ ସାହୁ , ନାକଟିଦେଉଳ ସଭାପତି ରୋହିତ ଭୋଇ,ସମ୍ପାଦକ ମନୋରଞ୍ଜନ ସାହୁ, ଜୁଜୁମୁରା ସଭାପତି ରାଧାମୋହନ ଷଡ଼ଙ୍ଗୀ, ସମ୍ପାଦକ ବିଜୟ ପ୍ରସାଦ, ମାନେଶ୍ୱର ସଭାପତି ଭଗବାନ ପୁରୋହିତ ଓ ବାମରା ସଭାପତି ଖିରୋଦ ସା, ସମ୍ପାଦକ ସତୀଶ ମିଶ୍ରଙ୍କୁ ମନୋନୀତ କରାଯାଇଛି। ନବ ନିର୍ବାଚିତ ଜିଲ୍ଲା କର୍ମକର୍ତ୍ତା ଓ ବ୍ଲକ ୟୁନିଟ କର୍ମକର୍ତ୍ତାଙ୍କୁ ଶ୍ରୀ ସ୍ୱାଇଁ ଶପଥ ପାଠ କରାଇଥିଲେ । ଏହି ସମ୍ମିଳନୀରେ ଜିଲ୍ଲାର ୯ଟି ସାଂଗଠନିକ ବ୍ଲକ ୟୁନିଟ ଓ ସମ୍ବଲପୁର ମହାନଗର ସଭ୍ୟ ସଭ୍ୟାଙ୍କ ସମେତ ବରିଷ୍ଠ ସାମ୍ବାଦିକ ସୁଧୀର ପାଣିଗ୍ରାହୀ, ଅମୂଲ୍ୟ ମିଶ୍ର, ମୁନା ଶର୍ମା,ଦୁର୍ଗା ବାଘ କ୍ଷିତିରଞ୍ଜନ ପଧାନ, ସଞ୍ଜୟ ପଟେଲ, ଅଶ୍ୱିନୀ ମହାକୁଲ ପ୍ରମୁଖ ଯୋଗ ଦେଇଥିଲେ।

ଉପଜିଲ୍ଲାପାଳ ଙ୍କ ଅଫିସ ଘେରାଉ କଲେ ନାରୀ ମହାସଂଘ


ନବରଙ୍ଗପୁର ୪/୧୧(ନି.ପ୍ର.): : ନିଜ ନେତାଙ୍କ ମୁକ୍ତି ଦାବିରେ ମହିଳାଙ୍କ ଅହୋରାତ୍ର ଆନ୍ଦୋଳନ। ଦିନତମାମ ଆକାଶ ମେଘାଚ୍ଛନ୍ନ ରହିବା ସହ ଝିପିଝିପି ବର୍ଷା ଲାଗି ରହିଥିଲେ ମଧ୍ୟ ନବରଙ୍ଗପୁର ଜିଲ୍ଲା ନାରୀ ମହାସଂଘର ମହିଳାମାନେ ନିଜ ଜିଦ୍ ?ରୁ ହଟିନାହାନ୍ତି। ହାତରେ ଠେଙ୍ଗାବାଡ଼ି ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାତି ୧୦ରୁ ୧୧ଟା ପର୍ଯ୍ୟନ୍ତ ଧାରଣା ଜାରି ରଖିଥିଲେ। ଖବର ଲେଖା ହେବା ବେଳକୁ ମଧ୍ୟ ଆନ୍ଦୋଳନକାରୀ ମହିଳାମାନେ ଗେଟ୍ ? ସମ୍ମୁଖରେ ବସି ରହିଥିବାରୁ ଉପଜିଲ୍ଲାପାଳ ପ୍ରକାଶ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟାଳୟ ଭିତରେ ରହିଥିବା ଜଣାପଡ଼ିଛି। ଧାରଣାରତ ମହିଳାଙ୍କ ଜିଦ୍ ? ହେଉଛି, ନାରୀ ମହାସଂଘର ଉପଦେଷ୍ଟା ରାଜେଶ ଯାନୀଙ୍କୁ ବିନା ସର୍ତ୍ତରେ ଖଲାସ କରାଯାଉ। ପ୍ରଶାସନ ପକ୍ଷରୁ ବଣ୍ଡରେ ଦସ୍ତଖତ କରିବା ପରେ ତାଙ୍କୁ ଛାଡ଼ିବା ପ୍ରସ୍ତାବ



ଦିଆଯାଇଥିବା ବେଳେ ରାଜେଶ ଏଥିରେ ରାଜି ନଥିବାରୁ ସମାଧାନର ବାଟ ବାହାରି ପାରିନାହିଁ। ଅନ୍ୟପକ୍ଷରେ ଆଇନଶୃଙ୍ଖଳା ଓ ସୁରକ୍ଷା ଦୃଷ୍ଟିରୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଜଣେ ଏଏସପି, ତିନିଜଣ ଏସଡିପିଓ ଓ ଆଇଆଇସିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧାରଣାସ୍ଥଳ ଉପରେ ନଜର ରଖାଯାଇଛି। ରାତିରେ କିଛି ମହିଳା ଘରକୁ ଫେରିଥିଲେ ମଧ୍ୟ ବୁଧବାର ସକାଳୁ ଆହୁରି ଅଧିକ ମହିଳା ଆନ୍ଦୋଳନରେ ସାମିଲ ହେବେ ବୋଲି ସଂଘ ଆଶା ରଖିଛି। ସୂଚନାଯୋଗ୍ୟ, ଜିଲ୍ଲାରେ ମଦ ବିରୋଧରେ ନାରୀ ମହାସଂଘ ପ୍ରାୟ ଏକ ବର୍ଷ ଧରି ଆନ୍ଦୋଳନ ଚଳାଇ ଆସୁଛି। ବେଆଇନ ମଦ ବିକ୍ରି ବିରୋଧରେ ଥାନାରେ ଅଭିଯୋଗ, ମଦ ଦୋକାନ ସମ୍ମୁଖରେ ଧାରଣା ଓ ମଦ ଭାଟି ବିରୋଧରେ ପ୍ରତିବାଦ କରିଆସୁଛନ୍ତି ମହିଳାମାନେ। ଏହି ସମୟରେ ବନ୍ଦ ହୋଇଥିବା ଦୁଇଟି ମଦ ଭାଟିର ପୁନଃ ନିଲାମ ପାଇଁ ଜିଲ୍ଲା ପ୍ରଶାସନର ପଦକ୍ଷେପକୁ ନେଇ ଅସନ୍ତୋଷ ବଢ଼ିଥିଲା। ଏ ସମ୍ପର୍କରେ ଦାବିପତ୍ର ଦେବାକୁ ଗତ ସୋମବାର ଦିନ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ରାଜେଶ ଯାନୀଙ୍କୁ ଇଉଅଁ ଧାରା ୧୨୯ ଅନୁଯାୟୀ ଗିରଫ କରାଯିବା ପରେ ଆନ୍ଦୋଳନ ତୀବ୍ର ହୋଇଛି। ଏହି ଆନ୍ଦୋଳନକୁ ବିଜେଡି ଓ କଂଗ୍ରେସ ସମର୍ଥନ ଜଣାଇଛନ୍ତି। ଆଜି ବିଜେଡି ନେତା ପ୍ରଦୀପ ମାଝୀ ଓ କଂଗ୍ରେସର ଡିସିସି ସଭାପତି ଡାକ୍ତର ଲିପିକା ମାଝୀଙ୍କ ସମେତ ବିଭିନ୍ନ ନେତା ଧାରଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ସମର୍ଥନ ଜଣାଇଥିଲେ। ମଧ୍ୟସ୍ଥତା ଜରିଆରେ ପ୍ରଶାସନ ଓ ମହିଳାଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ରାତି ସୁଦ୍ଧା କୌଣସି ନିଷ୍କର୍ଷ ବାହାରିନାହିଁ।

ଡଙ୍କାରୀ ଜଙ୍ଗଲ ରେ ଦୁଇ ଦନ୍ତା ହାତୀ ଙ୍କ ପ୍ରବେଶ

ଚଣ୍ଡିଖୋଲ,୪/୧୧(ନି.ପ୍ର.): : ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅଞ୍ଚଳ ର କଟକ ବନ ଖଣ୍ଡ ବୈରୀ- ଡାଳିଯୋଡ଼ା ବନାଞ୍ଚଳ ଗଡ଼ମଧୁପୁର ଫରେଷ୍ଟ ସେକ୍ସନ ର ଡଙ୍କାରୀ ଜଙ୍ଗଲ ରେ ଗତ କାଲି ମଙ୍ଗଳ ବାର ଦୁଇ ଦନ୍ତା ହାତୀ ଦେଖିବାକୁ ମିଳିଛି । ଏହି ଜଙ୍ଗଲ ରେ ହାତୀ କୁ ଦେଖି ସ୍ଥାନୀୟ ଜନସାଧାରଣ ଭୟଭୀତ ହୋଇ ପଡିଛନ୍ତି । ଏ ନେଇ ସ୍ଥାନୀୟ ଲୋକ ମନେ ବନ ବିଭାଗ କୁ ଖବର ଦେଇଥିଲେ କ୍ଷ ଖବର ପାଇ ଡାଳିଯୋଡ଼ା ବନ ବିଭାଗ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧି ଙ୍କ ନିର୍ଦ୍ଦେଶ କ୍ରମେ ଗଡ଼ ମଧୁପୁର ଫରେଷ୍ଟ ର ବିକାଶ ରଞ୍ଜନ ସିଂ ଙ୍କ ନେତୃତ୍ୱରେ ସ୍କ୍ୱାର୍ଡ ସମ୍ମିତ ରାଉତ ଅମୂଲ୍ୟ ପ୍ରଧାନ ଏସ



କେ ଜାବୀର. ତୋଫାନ କର. କରୁଣାକର କର. ରବି ନାୟକ ପ୍ରମୁଖ ଡ୍ରୋନ କ୍ୟାମେରା ସହଯୋଗରେ ହାତୀଙ୍କ ଗତି ବିଧିକୁ ନଜର ରଖିଛନ୍ତି । ଏହା ଜଣା ପଡୁଛି ପାଖ ଢେଙ୍କାନାଳ ଜଙ୍ଗଲ ରୁ ଏହି ଦନ୍ତା ହାତୀ ଦୁଇଟି ଆସି ଡଙ୍କାରୀ ଜଙ୍ଗଲ ରେ ପସି ଯାଇଛନ୍ତି କ୍ଷ ତେଣୁ ଡଙ୍କାରୀ ଜଙ୍ଗଲ ର ପାଖା ପାଖିବସ ବାସ କରୁଥିବା ଗ୍ରାମ ବାସୀ ମନେ ଭୟଭୀତ ଅବସ୍ଥାରେ ଅଛନ୍ତି କ୍ଷ ଡୁବୁରୀ ଓ ଚଣ୍ଡିଖୋଲ ବନ ବିଭାଗ କର୍ମଚାରୀ ହାତୀ ଘଉଡ଼ାଇବାରେ ନିୟୋଜିତ ରହିଥିବା ଜଣା ପଡିଛି ।

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

କ୍ଷମତା ଓ ପଦବୀ

କ୍ଷମତାର ଚୌକିରେ ବସିଥିବା ମଣିଷଟି ଯେତେବେଳେ ଚାରିପାଖକୁ ଚାହେଁ, ତାକୁ ଲାଗେ ସାରା ଦୁନିଆ ତାହାର ଚାରିପଟେ ଘୁରୁଛି । ତାଙ୍କ ଗୋଟିଏ ଇଙ୍ଗିତରେ ଫାଇଲ ଗତି କରେ, ଗୋଟିଏ ଫୋନରେ ଅଟକିଥିବା କାମ ହୋଇଯାଏ, ଗୋଟିଏ ନିର୍ଦ୍ଦେଶରେ ଅଧିକାରୀଙ୍କ ମଧ୍ୟରେ ତତ୍ପରତା ଦେଖାଦିଏ । ତାଙ୍କ ଆଗମନରେ ଲୋକେ ଉଠି ଛିଡା ହୁଅନ୍ତି, ତାଙ୍କ ପାଇଁ ଦ୍ୱାର ଖୋଲିଯାଏ, ସ୍ୱାଗତରେ ଫୁଲତୋଡା ଆସେ, ପ୍ରଶଂସାରେ ସଭାଗୃହ କମ୍ପିଉଠେ । ତାଙ୍କ ଜନ୍ମଦିନରେ ଶୁଭେଚ୍ଛାର ସୁଅ ଛୁଟେ, ପ୍ରତ୍ୟେକ ସାମାଜିକ ଉତ୍ସବରେ ତାଙ୍କୁ ମୁଖ୍ୟ ଅତିଥି କରିବାକୁ ପ୍ରତିଯୋଗିତା ଲାଗେ । କିନ୍ତୁ ଏହି ଚିତ୍ରର ଆଉ ଗୋଟିଏ ନିର୍ମମ ଦିଗ ରହିଛି, ଯାହା ମଣିଷ ଜୀବନର ସବୁଠାରୁ ବଡ ବାସ୍ତବତାକୁ ସାମ୍ନାକୁ ଆଣେ । ଯେଉଁଦିନ ଅବସର ଘୋଷଣା ହୁଏ, ଯେଉଁଦିନ କ୍ଷମତାର ଚୌକି ଛାଡିବାକୁ ପଡେ, ଯେଉଁଦିନ ଦରକାରୀ ଗାଡି, କର୍ମଚାରୀ, ସୁରକ୍ଷାକର୍ମୀ ଓ ନିର୍ଦ୍ଦେଶ ଦେବାର ଅଧିକାର ହାତରୁ ଚାଲିଯାଏ, ସେହିଦିନଠାରୁ ଦୁନିଆର ବ୍ୟବହାର ଧୀରେ ଧୀରେ ବଦଳିବା ଆରମ୍ଭ କରେ । ଅବସରର ପରଦିନ ଯେଉଁ ଫୋନକୁ ଶୁଭେଚ୍ଛା ଓ ସମ୍ମାନର ବାର୍ତାରେ ଭରିଦେଉଥିଲେ, ସେହି ଫୋନ୍ ନିରବ ହୋଇଯାଏ । ଯେଉଁମାନେ ଦିନେ ସାକ୍ଷାତ୍ ପାଇଁ ଘଂଟା ଘଂଟା ଅପେକ୍ଷା କରୁଥିଲେ, ସେମାନେ ଆଉ ସମୟ ଦେଇପାରନ୍ତି ନାହିଁ । ଯେଉଁମାନେ ପ୍ରତ୍ୟେକ କଥାରେ ସମ୍ମତି ଜଣାଉଥିଲେ, ସେମାନେ ହଠାତ୍ ବ୍ୟସ୍ତ ହୋଇଯାଆନ୍ତି । ଯେଉଁମାନେ ଆପଣଙ୍କୁ ନିଜର ପରମ ଆତ୍ମୀୟ ବୋଲି କହୁଥିଲେ, ସେମାନେ ନୂଆ କ୍ଷମତା କେନ୍ଦ୍ର ଆଡକୁ ମୁହଁ ଫେରାଇ ନିଅନ୍ତି । ଏପରିକି ଦିନେ ଆପଣଙ୍କ ଚାରିପାଖରେ ଘୁରୁଥିବା ଲୋକଙ୍କ ମଧ୍ୟରୁ ଅନେକ ଆପଣଙ୍କୁ ଚିହ୍ନିବାକୁ ମଧ୍ୟ ଅନିଚ୍ଛା ପ୍ରକାଶ କରନ୍ତି । ଏହା କେବଳ ଜଣେ ସରକାରୀ ଅଧିକାରୀଙ୍କ ଅବସରର କାହାଣୀ ନୁହେଁ, ଏହା ମନ୍ତ୍ରୀ, ରାଜନେତା, ଜନପ୍ରତିନିଧି, ଉଚ୍ଚପଦସ୍ଥ କର୍ମଚାରୀ, ପୁଲିସ ଅଧିକାରୀ, ପ୍ରଶାସକ, ସଂଗଠନର ମୁଖ୍ୟ ଏବଂ ବିଭିନ୍ନ କ୍ଷମତାଶାଳୀ ପଦବୀରେ ଥିବା ଲୋକଙ୍କ ଜୀବନର ଏକ ତିକ୍ତ ବାସ୍ତବତା । ପଦବୀ ଥିବାବେଳେ ଯେଉଁ ସମ୍ମାନ ମିଳେ, ତାହା ସବୁବେଳେ ବ୍ୟକ୍ତିର ଗୁଣ, ଜ୍ଞାନ, ଅନୁଭବ ଓ ଚରିତ୍ର ପାଇଁ ମିଳିନଥାଏ । ଅନେକ ସମୟରେ ସେହି ସମ୍ମାନ ପଛରେ ଥାଏ କ୍ଷମତାର ଭୟ, ସ୍ୱାର୍ଥର ଆକର୍ଷଣ, କାମ ହାସଲ କରିବାର ଆଶା ଏବଂ ଭବିଷ୍ୟତରେ ସୁବିଧା ପାଇବାର ହିସାବ । ଏହି କାରଣରୁ ପଦବୀରେ ଥିବାବେଳେ ନିଜ ଚାରିପାଖର ଭିଡକୁ ଦେଖି ନିଜର ଲୋକପ୍ରିୟତା ମାପିବା ସବୁଠାରୁ ବଡ ଭୁଲ । କାରଣ ସେହି ଭିଡ ଭିତରେ କେତେଜଣ ଆପଣଙ୍କୁ ଭଲ ପାଆନ୍ତି ଏବଂ କେତେଜଣ ଆପଣଙ୍କ ପଦବୀକୁ ଭଲ ପାଆନ୍ତି, ତାହା ବୁଝିବାର କ୍ଷମତା ସମସ୍ତଙ୍କର ନଥାଏ । ଏଠାରେ ଏକ ଗୁରୁତ୍ୱର ପ୍ରଶ୍ନ ଉଠେ, ଯଦି ଜଣେ ମଣିଷର ସମ୍ମାନ କେବଳ ତାଙ୍କ ପଦବୀ ଉପରେ ନିର୍ଭର କରେ, ତେବେ ସେହି ସମ୍ମାନର ପ୍ରକୃତ ମୂଲ୍ୟ କେତେ ? ମଣିଷର ପରିଚୟ କ'ଣ ତାଙ୍କ ନାମ, ଚରିତ୍ର ଓ କର୍ମରେ ରହିବ ନା ତାଙ୍କ ଆଗରେ ଲାଗିଥିବା ପଦବୀର ଉପାଧିରେ ସୀମିତ ରହିବ ? ଏହି ପ୍ରଶ୍ନ ପ୍ରତ୍ୟେକ କ୍ଷମତାଶାଳୀ ବ୍ୟକ୍ତି ନିଜକୁ ପଚାରିବା ଉଚିତ । ରାଜନୀତିରେ ଏହି ବାସ୍ତବତା ଆହୁରି ସ୍ପଷ୍ଟ ଭାବେ ଦେଖାଯାଏ । ଯେଉଁ ନେତା କ୍ଷମତାରେ ଥାଆନ୍ତି, ତାଙ୍କ ଘର ଆଗରେ ଦଳୀୟ କର୍ମୀ, ସମର୍ଥକ, ଆଶାୟୀ ଓ ସୁବିଧା ଅନ୍ୱେଷଣକାରୀଙ୍କ ଭିଡ ଲାଗିଥାଏ । ପ୍ରତ୍ୟେକ ତାଙ୍କ ସହ ଫଟୋ ଉଠାଇବାକୁ, ତାଙ୍କ ସହ ମଂଚରେ ବସିବାକୁ ଏବଂ ତାଙ୍କ ନିକଟତର ବୋଲି ପ୍ରମାଣ କରିବାକୁ ଆଗ୍ରହୀ ଥାଆନ୍ତି । କିନ୍ତୁ ନିର୍ବାଚନରେ ପରାଜୟ କିମ୍ବା କ୍ଷମତା ପରିବର୍ତନ ପରେ ସେହି ଭିଡ ଅନ୍ୟ ଦ୍ୱାର ଖୋଜିବା ଆରମ୍ଭ କରେ । ଦିନେ ଯିଏ ଶାସନର ନିଷ୍ପତି ନେଉଥିଲେ, ସେ ଆଜି ନିଜର ସାଧାରଣ କଥା ଶୁଣାଇବା ପାଇଁ ମଧ୍ୟ ଲୋକଙ୍କ ସମୟ ଅପେକ୍ଷା କରନ୍ତି । ଏହା ଗଣତନ୍ତ୍ରର ଏକ ସ୍ୱାଭାବିକ ପରିବର୍ତନ ହୋଇପାରେ, କାରଣ କ୍ଷମତା ସ୍ଥାୟୀ ନୁହେଁ ଏବଂ ଜନମତ ହିଁ ଶାସନର ଆଧାର । କିନ୍ତୁ କ୍ଷମତା ଚାଲିଯିବା ପରେ ମଣିଷର ମର୍ଯ୍ୟାଦାକୁ ଅସ୍ୱୀକାର କରିବା, ପୂର୍ବତନ ଜନପ୍ରତିନିଧିଙ୍କ ଅଭିଜ୍ଞତାକୁ ଅବହେଳା କରିବା ଏବଂ ସମ୍ପର୍କକୁ ସ୍ୱାର୍ଥ, ଅନୁସାରେ ବଦଳାଇବାକୁ ଏକ ସାମାଜିକ ଦୁର୍ବଳତା । ଗଣତନ୍ତ୍ରରେ କ୍ଷମତା ବଦଳିବ, ନେତୃତ୍ୱ ବଦଳିବ, ଦଳ ବଦଳିବ, କିନ୍ତୁ ମାନବୀୟ ସମ୍ମାନ ଓ ସୌଜନ୍ୟ କେବେ ବଦଳିବା ଉଚିତ ନୁହେଁ । ସରକାର ଚାକିରିରୁ ଅବସର ନେଉଥିବା ଅଧିକାରୀଙ୍କ ଜୀବନରେ ମଧ୍ୟ ଏହି ପରିବର୍ତନ ଏକ ଗଭୀର ମାନସିକ ଆହ୍ୱାନ ସୃଷ୍ଟି କରେ । ତିରିଶି କିମ୍ବା ପଇଁତିରିଶି ବର୍ଷ ଧରି ଯେଉଁ ବ୍ୟକ୍ତି ପ୍ରଶାସନିକ ନିଷ୍ପତି ନେଇଛନ୍ତି, ଯାହାଙ୍କ ଅଧୀନରେ ଅନେକ କର୍ମଚାରୀ କାମ କରିଛନ୍ତି, ଯାହାଙ୍କ ନିକଟକୁ ପ୍ରତିଦିନ ଲୋକେ ସମସ୍ୟା ନେଇ ଆସିଛନ୍ତି, ଅବସର ପରେ ସେ ହଠାତ୍ ଏକ ନୂଆ ଦୈନନ୍ଦିନ ଜୀବନକୁ ସାମ୍ନା କରନ୍ତି । ଆଉ ସକାଳେ କାର୍ଯ୍ୟାଳୟ ଯିବାର ତରବର ନାହିଁ, ଆଉ ଅଧିକାରୀଙ୍କ ବୈଠକ ନାହିଁ, ଆଉ ଫାଇଲର ଚାପ ନାହିଁ, ଆଉ ନିର୍ଦ୍ଦେଶ ପାଳନ କରିବାକୁ ଅପେକ୍ଷା କରିଥିବା କର୍ମଚାରୀଙ୍କ ଧାଡି ନାହିଁ । ଏହି ପରିବର୍ତନକୁ ଗ୍ରହଣ କରିବା ସହଜ ନୁହେଁ । ବିଶେଷକରି ଯେଉଁମାନେ ନିଜର ସମଗ୍ର ପରିଚୟକୁ ପଦବୀ ସହିତ ଯୋଡି ଦେଇଥାଆନ୍ତି, ସେମାନଙ୍କ ପାଇଁ ଅବସର ଏକ ମାନସିକ ଶୂନ୍ୟତା ସୃଷ୍ଟି କରିପାରେ । ଏହି ଶୂନ୍ୟତାକୁ ପୂରଣ କରିବାର ଏକମାତ୍ର ଉପାୟ ହେଉଚି ପଦବୀ ଥିବାବେଳେ ନିଜର ଚରିତ୍ର, ସମ୍ପର୍କ ଓ ସାମାଜିକ ଅବଦାନକୁ ସୁଦୃଢ କରିବା । ଅବସର ପରେ ମଧ୍ୟ ଜଣେ ମଣିଷ ନିଜ ଅଭିଜ୍ଞତା ଓ ଜ୍ଞାନ ଦ୍ୱାରା ସମାଜକୁ ଅନେକ କିଛି ଦେଇପାରିବେ । କିନ୍ତୁ ସେଥିପାଇଁ ତାଙ୍କର ପରିଚୟ କେବଳ ଅତୀତର ପଦବୀରେ ଅଟକି ରହିବା ଉଚିତ ନୁହେଁ । ଆଜିର ସମାଜରେ ଆଉ ଏକ ବିଡମ୍ବନା ହେଉଛି, କେତେକ ଲୋକ ପଦବୀରେ ଥିବାବେଳେ ଅନ୍ୟମାନଙ୍କୁ ମଣିଷ ଭାବେ ନୁହେଁ, ନିଜ ଅଧୀନସ୍ଥ କର୍ମଚାରୀ କିମ୍ବା ଅନୁଗତ ଭାବରେ ଦେଖନ୍ତି । ସେମାନେ ଭାବନ୍ତି, ନିଜର ଆଦେଶ ହିଁ ଶେଷ କଥା । ଅଧିସ୍ତନଙ୍କ ସ୍ୱାଭିମାନକୁ ଆଘାତ କରନ୍ତି, ସାଧାରଣ ଲୋକଙ୍କ ସମସ୍ୟାକୁ ଅବହେଳା କରନ୍ତି ଏବଂ ନିଜ ଚାରିପାଖରେ ପ୍ରଶଂସକଙ୍କ ଏକ କୃତ୍ରିମ ବଳୟ ସୃଷ୍ଟି କରନ୍ତି । ସେମାନେ ଭୁଲିଯାଆନ୍ତି ଯେ ଆଜି ଯିଏ ଅଧୀନସ୍ଥ, କାଲି ସେ ନିଜେ ଉଚ୍ଚ ପଦବୀରେ ପହଂଚିପାରେ, ଆଜି ଯିଏ ନିର୍ଦ୍ଦେଶକ ଦେଉଛି, କାଲି ସେ ନିଜେ ଅନ୍ୟର ନିର୍ଦ୍ଦେଶ ଅପେକ୍ଷା କରିପାରେ । ସମୟର ଚକ୍ର କାହା ପାଇଁ ଅଟକି ରହେନାହିଁ । ତେଣୁ ପଦବୀ ମିଳିବା ମାତ୍ରେ ଅହଂକାରୀ ହେବା ନୁହେଁ, ବରଂ ଅଧିକ ନମ୍ର, ଦାୟିତ୍ୱବାନ ଓ ମାନବିକ ହେବା ଆବଶ୍ୟକ । ଜଣେ ଅଧିକାରୀଙ୍କ ପ୍ରକୃତ ମହାନତା ତାଙ୍କ କାର୍ଯ୍ୟାଳୟର ବିଶାଳତା, ଗାଡିର ଆଡମ୍ବର କିମ୍ବା ସୁରକ୍ଷାକର୍ମୀଙ୍କ ସଂଖ୍ୟାରେ ନୁହେଁ, ବରଂ ତାଙ୍କ ଦ୍ୱାରା କେତେ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତନ ଆସିଛି, ତାହାରେ ନିହିତ । ଜଣେ ନେତାଙ୍କ ପ୍ରକୃତ ସଫଳତା ତାଙ୍କ ପଛରେ ଥିବା ଭିଡରେ ନୁହେଁ, ବରଂ କ୍ଷମତା ଚାଲିଯିବା ପରେ ମଧ୍ୟ ତାଙ୍କ ପାଇଁ ହୃଦୟରୁ ସମ୍ମାନ ରଖୁଥିବା ଲୋକଙ୍କ ସଂଖ୍ୟାରେ ରହିଛି । ଏହି ପ୍ରସଙ୍ଗରେ ପରିବାରର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କ୍ଷମତାର ଚାପ ଓ ସାମାଜିକ ପ୍ରତିଷ୍ଠାର ଆକର୍ଷଣ ଭିତରେ ଅନେକ ଲୋକ ନିଜ ପରିବାକୁ ସମୟ ଦେଇପାରନ୍ତି ନାହିଁ । ସନ୍ତାନଙ୍କ ବଢିବାର ସମୟ, ଜୀବନସାଥୀଙ୍କ ଭାବନା, ବୃଦ୍ଧ ପିତାମାତାଙ୍କ ଆବଶ୍ୟକତା ଏବଂ ନିଜର ସ୍ୱାସ୍ଥ୍ୟକୁ ଅବହେଳା କରିଦିଅନ୍ତି । କିନ୍ତୁ ଅବସର ପରେ ସେହି ପରିବାର ହିଁ ଜୀବନର ପ୍ରକୃତ ଆଶ୍ରୟ ହୋଇଥାଏ । ପଦବୀରେ ଥିବାବେଳେ ଯେଉଁମାନେ ପ୍ରଶଂସା କରୁଥିଲେ, ସେମାନେ ନିଜ ଜୀବନରେ ବ୍ୟସ୍ତ ହୋଇଯାଆନ୍ତି, କିନ୍ତୁ ଜୀବନସାଥୀ, ସନ୍ତାନ ଓ ପ୍ରକୃତ ଆତ୍ମୀୟମାନେ ହିଁ ଦୁଃଖସୁଖରେ ପାଖରେ ରହିବାର ସମ୍ଭାବନା ଅଧିକ । ତେଣୁ କ୍ଷମତାର ଶିଖରରେ ଥିବାବେଳେ ଯେଉଁ ମଣିଷ ନିଜ ପରିବାରକୁ ଭୁଲିଯାଏ, ସେ ଅବସର ପରେ ନିଜର ଏକାକୀପଣକୁ ଆହୁରି ଗଭୀର ଭାବେ ଅନୁଭବ କରିପାରେ । ଆମ ସମାଜରେ ବୟସ୍କ ଓ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ଅଭିଜ୍ଞତାକୁ ସମ୍ମାନ ଦେବାର ପରମ୍ପରା ରହିଛି । କିନ୍ତୁ ବ୍ୟବହାରିକ ଜୀବନର ଅନେକ ସମୟରେ ଏହି ପରମ୍ପରା କେବଳ ଭାଷଣ ଓ ଔପଚାରିକ ସଭାରେ ସୀମିତ ରହିଯାଏ । ଯେଉଁ ଅଧିକାରୀ ଦଶନ୍ଧି ଧରି ନିଜ ଅଭିଜ୍ଞତାରେ ଏକ ବିଭାଗକୁ ଗଢିଛନ୍ତି, ଅବସର ପରେ ତାଙ୍କ ଅନୁଭବକୁ ସମାଜର ଉପକାରରେ ଲଗାଇବାର ସୁଯୋଗ ଦିଆଯିବା ଉଚିତ ।

କ୍ଷମତା'ର ଅପବ୍ୟବହାର

ପଙ୍କଜ କୁମାର ପାଣିଗ୍ରାହୀ

(ଶାସନ, ପ୍ରଶାସନରେ ନିୟୋଜିତ ବ୍ୟକ୍ତିଙ୍କୁ ଦିଆଯାଇଥିବା ଅତାର୍କିକ କ୍ଷମତା କାରଣରୁ,

ରାଷ୍ଟ୍ରୀୟ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବା ସହିତ ଅବକ୍ଷୟମୁଖୀ ଭାରତର ରୂପରେଖ ।)

ସମ୍ବିଧାନ ପ୍ରଣୟନର ପୂର୍ବାଧାର :

୧୬୦୦ ମସିହା ବ୍ରିଟିଶର ପ୍ରଥମ ଆଗମନ । ୧୬୦୫ରେ ମଛଲିପଟନମ ଠାରେ ପ୍ରଥମ ବ୍ୟବସାୟ କେନ୍ଦ୍ର ଆରମ୍ଭ । ୧୬୧୩ ଜାହାଙ୍ଗୀର ଠାରୁ ଅନୁମତି ପାଇ ସୁରତରେ ପ୍ରଥମ ସ୍ଥାୟୀ କାରଖାନା ପ୍ରତିଷ୍ଠା । ୧୭୫୭ ପଲାସୀ ଯୁଦ୍ଧ ପରେ ବେଙ୍ଗଲରେ ରାଜନୈତିକ ଭିତ୍ତିଭୂମି ସ୍ଥାପନ । ୧୭୬୫ରେ ଖଜଣା ଆଦାୟ କରିବା ସ୍ୱୀକୃତି । ୧୭୭୩ରେ ବ୍ରିଟିଶ ପାର୍ଲିଆମେଂଟ ଆଦେଶ ପ୍ରକାରେ ପ୍ରଶାସନିକ ପଦାନୁକ୍ରମର ଆରମ୍ଭ । ୧୭୭୪ରେ ବେଙ୍ଗଲରେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରତିଷ୍ଠା ! ୧୮୫୮ରେ ବ୍ରିଟିଶ ସାମ୍ରାଜ୍ୟବାଦୀ ରାଜତନ୍ତ୍ର ଶାସନର ଆରମ୍ଭ ।

୧୯୧୫ ମସିହାରେ ମହାତ୍ମା ଗାନ୍ଧୀଙ୍କ ଭାରତ ପ୍ରତ୍ୟାବର୍ତ୍ତନ । ୧୯୧୭ ମସିହାରୁ ବିଭିନ୍ନ ପର୍ଯ୍ୟାୟରେ ଆରମ୍ଭ ଭାରତ ଛାଡ଼ ଆନ୍ଦୋଳନ । ୧୯୪୭ ବ୍ରିଟିଶର ଭାରତ ଛାଡ଼ । ୧୯୫୦ରେ ବ୍ରିଟିଶ ଆର୍କିଟେକ ଦ୍ୱାରା ପ୍ରସ୍ତୁତ ଭାରତର ପାର୍ଲିଆମେଂଟ ସ୍ଥାପିତ । ୧୯୫୧ରେ ଭାରତର ସମ୍ବିଧାନ ଓ ତା'ର ଆଇନ ଲାଗୁ । ବ୍ରିଟିଶ ଯିବା ପୂର୍ବରୁ ଏଠାରେ ରାଜନୀତି, ନିର୍ବାଚନ, ସଂସଦ ଭବନ, ନ୍ୟାୟାଳୟ, ପ୍ରଶାସନିକ ପଦାନୁକ୍ରମ ସହିତ ବାକି ସବୁ କିଛି କରିଦେଇ ଯାଇଥିଲେ । ସେମାନଙ୍କ ଦ୍ୱାରା ସବୁ ବିଭାଗ ଓ ପ୍ରକ୍ରିୟାର ଲିଖିତ ଆଇନ ପ୍ରଣୟନ କରାଯାଇ ଥିଲା । ତା'ରି ମାଧ୍ୟମରେ ସେମାନେ ଆମ ଦେଶକୁ ଚଳାଉଥିଲେ । ସେମାନେ ଏଠାରୁ ଯିବା ବେଳକୁ କେବଳ କ୍ଷମତାର ହସ୍ତାନ୍ତର କରି ଯାଇଥିଲେ । ସେମାନେ ଏଠାରୁ ଲୋକଙ୍କୁ ଭୟଭୀତ ହୋଇ ଯାଇନଥିଲେ ।

ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନରେ ଏକ ପ୍ରକାର ଭାବନାତ୍ମକ ପ୍ରଭାବିତ ହୋଇ ନିଜକୁ ନିଜେ ଏଠାରୁ ଓହରିଯିବା ପାଇଁ ମନସ୍ଥ କରିଥିଲେ । ଯିବା ପୂର୍ବରୁ ଆମ ପାଇଁ ଶାସନ, ପ୍ରଶାସନ, ନ୍ୟାୟ ଓ ଖବର ଭଳି ଚାରୋଟି ସ୍ତମ୍ଭ ମଧ୍ୟ ପ୍ରସ୍ତୁତ କରିଦେଇ ଗଲେ । ତେଣୁ ଆଜି ଆମ ଦେଶରେ ଉପଲବ୍ଧ ପ୍ରତ୍ୟେକ ସ୍ତରରେ କୌଣସି ଭାରତୀୟ ଭାଷା ସାହିତ୍ୟର ଚିହ୍ନ ନାହିଁ । ସେମାନଙ୍କ ଦେଶ ଭଳି ଏଠାରେ ମଧ୍ୟ ପାର୍ଲିଆମେଂଟ, ଲେଜିସ୍ଲେଟିଭ ଆସେମ୍ବ୍ଲି, ପେନାଲ କୋଡ, ସୁପ୍ରିମ କୋର୍ଟ, ପୋଲିସ, କଲେକ୍ଟର, ଗଭର୍ଣ୍ଣର, ମିନିଷ୍ଟର ଭଳି ଅସଂଖ୍ୟ ଇଂରେଜ ନାମିତ ପଦପଦବୀ ଓ ବ୍ୟବସ୍ଥା ରହିଛି । ଆମେ ସେଗୁଡିକର କେବଳ ଭାରତୀୟ ଭାଷାରେ ପରିବର୍ତ୍ତିତ ନାମକରଣ କରି ବ୍ୟବହାର କରୁଛେ ।

ଅଧିକନ୍ତୁ ଆମ ଶିକ୍ଷା ବ୍ୟବସ୍ଥାକୁ ମଧ୍ୟ ସେମାନଙ୍କ ଢଙ୍ଗରେ ପ୍ରସ୍ତୁତ କଲେ ଯାହା ଅଦ୍ୟାବଧି ଆମ ଦେଶର ଶୋଭା ମଣ୍ଡନ କରୁଛି । ସବୁ ସ୍ଥାନରେ ସରକାରୀ କାର୍ଯ୍ୟରେ, ଯୋଗାଯୋଗ, ଦଲିଲ, ନଥି, ପୁସ୍ତକ ସବୁ ଇଂରାଜୀରେ ଲେଖା ଅଛି, ହୋଇ ଚାଲିଛି ମଧ୍ୟ । ନିଲଜ୍ଜର ସିମାପାର ଆମର ବିଚାର ଯେ-- ଆଜି ମଧ୍ୟ ଭାରତୀୟ ଭାଷାରେ କୌଣସି ଦଲିଲ ନ୍ୟାୟାଳୟରେ ଆଦୌ ଗ୍ରହଣ କରାଯାଉ ନାହିଁ ! ସେଗୁଡିକୁ ଇଂରେଜ ଭାଷାରେ ପରିବତର୍ନ କଲେହିଁ ତାହା ନ୍ୟାୟାଳୟରେ ଚର୍ଚ୍ଚା ହୁଏ ! ଯିଏ ଦ୍ରୁତ ଗତିରେ ଯେତେ ଉଚ୍ଚ ମାନର ଇଂରାଜୀ କହିପାରିବ ସେ ଜଣେ ଉଚ୍ଚ ସ୍ତରର ଜ୍ଞାନୀ ମଣିଷ ଭାବେ ପରିଚୟ ସୃଷ୍ଟି ହେଉଛି ସମାଜରେ । ଭାରତୀୟ ଭାଷା ଇଂରେଜ ତୁଳନାରେ ହୀନ, ନଗଣ୍ୟ ଭଳି ଅନୁଭବ, ଆଚରଣ କରୁଛନ୍ତି ସମସ୍ତେ । ଇଂରେଜ ଆସୁନଥିବା ଲୋକଙ୍କ ସାମାଜିକ ମାନ୍ୟତା ନାହିଁ । ଇଂରେଜ ରକ୍ତ ଆମ ଶରୀର ମଧ୍ୟରେ ପ୍ରବେଶ କରି ଆମ ଡିଏନଏ କୁ ପରିବତର୍ନ କରିଦେଇଛି ।

ସମ୍ବିଧାନର ମାଧୁର୍ଯ୍ୟ :

ବ୍ରିଟିଶ ଦ୍ୱାରା ପ୍ରତିଷ୍ଠିତ ପ୍ରତ୍ୟେକ ବିଭାଗରେ ତାଙ୍କରି ଭାଷା, ମହତ୍ୱ, କ୍ରମ, ଶୈଳୀ ଓ ଅନ୍ୟାନ୍ୟ ଧାରା ଗୁଡିକ ଅଦ୍ୟାବଧି ବ୍ୟବହାର ହୋଇ ଆସୁଅଛି । ନହେଲେ ହୁଏତ ଆମେ ଭାରତୀୟ ମାନେ ଏସବୁ କରି ପାରିଥା'ନ୍ତେ ବୋଲି ଆମକୁ ବିଶ୍ୱାସ ହେଉନାହିଁ । ସେମାନଙ୍କ ଆଇନ ଗୁଡିକରେ ଗଣତନ୍ତ୍ରର ଘୋଷଣା କରି ରାଜତନ୍ତ୍ର ଚଳାଇବା ବ୍ୟବସ୍ଥା ରହିଥିଲା । ବର୍ତ୍ତମାନ ମଧ୍ୟ ଆମେ ତାହାହିଁ ବ୍ୟବହାର କରୁଛେ । ଆମ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ ଉପଲବ୍ଧ ୯୦ ପ୍ରତିଶତ ଆଇନ କେବଳ ବିଦେଶୀ । ଅନ୍ୟାନ୍ୟ କେତେକ, (କ୍ରମଶଃ)

ଆଧୁନିକ ସମାଜରେ ଇସଲାମିକ୍ ଜୀବନଶୈଳୀର ବିଶ୍ଳେଷଣ

ସାହାବୁଦ୍ଦିନ୍

ଇସଲାମ୍, ଜୀବନର ଏକ ସମ୍ପୂର୍ଣ୍ଣ ସଂହିତା ପରି ଯାହା ମାନବ ଜୀବନର ପ୍ରତ୍ୟେକ ଦିଗ ପାଇଁ ମାର୍ଗଦର୍ଶନ ପ୍ରଦାନ କରିଥାଏ । ଏହା କେବଳ କର୍ମକର୍ମାଣି କିମ୍ବା ଧାର୍ମିକ ପ୍ରାୟୋଗିକ କାର୍ଯ୍ୟଗୁଡ଼ିକରେ ସୀମିତ ନୁହେଁ, ବରଂ ଏହା ବ୍ୟକ୍ତିଗତ ଆଚରଣ, ସାମାଜିକ ସମ୍ପର୍କ, ଅର୍ଥନୈତିକ ବ୍ୟବସ୍ଥା, ନୈତିକତା ଏବଂ ସାଂସ୍କୃତିକ ମୂଲ୍ୟବୋଧକୁ ମଧ୍ୟ ବିସ୍ତାର କରିଥାଏ । ବର୍ତ୍ତମାନର ଆଧୁନିକ ଯୁଗରେ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଦ୍ରୁତ ଗତିରେ ଅଗ୍ରସର ହେବା ସହିତ ବିଶ୍ୱ ଏକ ଗ୍ଲୋବାଲ୍ ଭିଲେଜ୍ ?ରେ ପରିଣତ ହୋଇଛି, ଯେଉଁଠି ମାନବ ସମାଜ ଅନେକ ସୁବିଧା ଓ ସୁଯୋଗର ଲାଭ ଉଠାଉଛି । ତଥାପି ବର୍ତ୍ତମାନ ସମୟରେ ଲୋକମାନେ ଅଧିକ ମାନସିକ ଚାପ, ନୈତିକ ଅଧୋପତନ ଏବଂ ଆଧାତ୍ମିକ ଶୂନ୍ୟତାର ସମ୍ମୁଖୀନ ହେଉଛନ୍ତି । ଏହି ପରିପ୍ରେକ୍ଷିରେ ଇସଲାମିକ୍ ଜୀବନଶୈଳୀର ପ୍ରାସଙ୍ଗିକତା ଗୁରୁତ୍ୱ ବହନ କରିଥାଏ ।

ବସ୍ତୁବାଦ ହେଉଛି ଆଧୁନିକ ସମାଜର ଏକ ପ୍ରଭାବଶାଳୀ ବିଶେଷତା । ଅନେକ ସମୟରେ ଲୋକମାନେ ସଫଳତାକୁ ସମ୍ପତି, ସ୍ଥିତି ଏବଂ ପ୍ରସିଦ୍ଧି ବା ଖ୍ୟାତି ଦୃଷ୍ଟିରୁ ମାପ କରିଥାନ୍ତି । ଏହି ପାର୍ଥିବ ସଫଳତା ପଛରେ ଦୌଡ଼ି ଦୌଡ଼ି ବ୍ୟକ୍ତି ନିଜର ଆଭ୍ୟନ୍ତରୀଣ ଶାନ୍ତି ଓ ନୈତିକ ଆଧାର ହରାଇଥାନ୍ତି । କିନ୍ତୁ ଇସଲାମ୍ ଅନୁସାରେ ପ୍ରକୃତ ସଫଳତା ଈଶ୍ୱରଙ୍କ ସନ୍ତୋଷ, ନୈତିକ ପବିତ୍ରତା ଏବଂ ପରଲୋକରେ ସଫଳତା ମଧ୍ୟରେ ନିହିତ । କୁରାନ୍ ନ୍ୟାୟ, ସତ୍ୟନିଷ୍ଠା, ଧୈର୍ଯ୍ୟ, ସଂଯମ ଏବଂ ଧାର୍ମିକତାକୁ ଏକ ସନ୍ତୁଳିତ ଜୀବନ ପାଇଁ ଅତ୍ୟାବଶ୍ୟକ ମୂଲ୍ୟବୋଧ ଭାବରେ ବାରମ୍ବାର ଗୁରୁତ୍ୱାରୋପ କରିଥାଏ ।

ଇସଲାମିକ୍ ଜୀବନଶୈଳୀର ଏକ ମୁଖ୍ୟ ନୀତି ହେଉଛି ସଂଯମତା । ଇସଲାମ୍ ନା ସାଂସାରିକ ଜୀବନରୁ ସମ୍ପୂର୍ଣ୍ଣ ବିରତିକୁ ପ୍ରୋତ୍ସାହିତ କରେ, ନା ଭୌତିକ ସୁଖରେ ଅନ୍ଧ ଭାବରେ ମଜ୍ଜି ରହିବାକୁ ଉତ୍ସାହିତ କରେ । ବରଂ, ଏହା ସାଂସାରିକ ଦାୟିତ୍ୱ ଏବଂ ଆଧାତ୍ମିକ କର୍ତ୍ତବ୍ୟ ମଧ୍ୟରେ ଏକ ସନ୍ତୁଳିତ ପଥ ପ୍ରଦାନ କରେ । ଆଜିର ଦୁନିଆରେ, ଯେଉଁଠି ଲୋକମାନେ ପ୍ରାୟତଃ ଅତ୍ୟଧିକ ବସ୍ତୁବାଦ ଏବଂ ସୀମାହୀନ ନୈତିକ ସ୍ୱାଧୀନତାକୁ ନେଇ ଦୋଦୋପାଞ୍ଚ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି, ସେଠାରେ ସନ୍ତୁଳନର ନୀତି ଏକ ଅର୍ଥପୂର୍ଣ୍ଣ ସମାଧାନ ପ୍ରଦାନ କରିଥାଏ ।

ସାମାଜିକ ଜୀବନରେ ଇସଲାମ୍ ମାନବ ଅଧିକାର ଏବଂ ଦାୟିତ୍ୱ ଉପରେ ଦୃଢ଼ ଗୁରୁତ୍ୱ ଦିଏ । ମାତାପିତାଙ୍କୁ ସମ୍ମାନ ଦେବା, ପଡ଼ ?ଶୀଙ୍କ ପ୍ରତି ଦୟା ଭାବ ରଖିବା, ପାରିବାରିକ ସମ୍ପର୍କ ବଜାୟ ରଖିବା, ଅନାଥ ଏବଂ ଦରିଦ୍ରଙ୍କୁ ସହାୟତା କରିବା, ଏବଂ ସମାଜରେ ନ୍ୟାୟକୁ ପ୍ରାଧାନ୍ୟ ଦେବା ଇସଲାମର ମୌଳିକ ଶିକ୍ଷା ଅଟେ । ଯଦି ଏହି ନୀତିଗୁଡ଼ିକୁ ଆଧୁନିକ ସମାଜରେ ବ୍ୟାପକ ଭାବରେ ଗ୍ରହଣ କରାଯାଏ ତେବେ ହିଂସା, ଅସମାନତା, ଦୁର୍ନୀତି ଏବଂ ଭେଦଭାବ ଭଳି ଅନେକ ସାମାଜିକ ସମସ୍ୟାକୁ ଉଲ୍ଲେଖନୀୟ ଭାବେ କମ୍ କରାଯାଇପାରିବ ।

ଇସଲାମ୍ ଏକ ଦୃଢ଼ ନୈତିକ ଢାଞ୍ଚାକୁ ପ୍ରୋତ୍ସାହିତ କରେ । ସତ୍ୟବାଦିତା, ନିଷ୍ଠା, ନମ୍ରତା, ଧୈର୍ଯ୍ୟ ଏବଂ ଆତ୍ମନିୟନ୍ତ୍ରଣକୁ ମୌଳିକ ଗୁଣ ଭାବରେ ବିବେଚନା କରାଯାଏ । ଦୁର୍ଭାଗ୍ୟବଶତଃ ଆଧୁନିକ ସମାଜରେ ଅସାଧୁତା, ଲୋଭ, ଇର୍ଷା ଏବଂ ସ୍ୱାର୍ଥପରତା ଧୂରେ ଧୂରେ ବଢ଼ିଚାଲିଛି, ଯାହା ସାମାଜିକ ବନ୍ଧନ ଏବଂ ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରୁଛି ।ଅର୍ଥନୈତିକ ଦୃଷ୍ଟିକୋଣରୁ ଇସଲାମ୍ ଏକ ନ୍ୟାୟପୂର୍ଣ୍ଣ ଏବଂ ସନ୍ତୁଳିତ ବ୍ୟବସ୍ଥା ଉପସ୍ଥାପନ କରେ ଯାହା ଶୋଷଣ, ସୁଧ କାରବାର ଏବଂ ଅନ୍ୟାୟପୂର୍ଣ କାର୍ଯ୍ୟକଳାପକୁ ପ୍ରସୟ ଦିଏ ନାହିଁ । ଆଜିର ବିଶ୍ୱ ବ୍ୟବସ୍ଥାରେ ପରିଲକ୍ଷିତ ଅର୍ଥନୈତିକ ଅସମାନତା ଏବଂ ଦାରିଦ୍ର୍ୟ ମୁଖ୍ୟତଃ ଅନୈତିକ ଆର୍ଥିକ କାର୍ଯ୍ୟକଳାପ ଓ ନୈତିକ ଉତ୍ତରଦାୟିତ୍ୱର ଅଭାବ ଯୋଗୁଁ ହୋଇଥାଏ ।

ଇସଲାମରେ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆ ଯାଇଛି । କୁରାନ୍ ?ର ସର୍ବପ୍ରଥମ ବାଣୀ 'ପଢ଼' ଶବ୍ଦରୁ ଆରମ୍ଭ, ଯାହା ଜ୍ଞାନର ଗୁରୁତ୍ୱକୁ ଦର୍ଶାଇଥାଏ । ଇସଲାମିକ୍ ସଭ୍ୟତା ଐତିହାସିକ ଭାବରେ ବିଜ୍ଞାନ, ଚିକିତ୍ସା, ଗଣିତ ଏବଂ ଦର୍ଶନ ଶାସ୍ତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିଛି । ଏପରିକି ଯଦି ଧାର୍ମିକ ଏବଂ ସାଂସାରିକ ଶିକ୍ଷା ମଧ୍ୟରେ କୌଣସି ପାର୍ଥକ୍ୟ ନ ରଖି ଏକ ସମଗ୍ରବାଦୀ ଓ ନୈତିକ ଦୃଷ୍ଟିକୋଣରୁ ଜ୍ଞାନ ଅର୍ଜନ କରାଯାଏ, ତେବେ ଉଲ୍ଲେଖନୀୟ ପ୍ରଗତି ହୋଇପାରିବ ।

ଆଧୁନିକ ଯୁଗରେ ଗଣମାଧ୍ୟମ ଏବଂ ସୋସିଆଲ୍ ନେଟୱର୍କ ଲୋକଙ୍କ ଆଚରଣକୁ ପ୍ରଭାବିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହି ମାଧ୍ୟମଗୁଡ଼ିକ ଯୋଗାଯୋଗ ଏବଂ ସୂଚନା ଆଦାନ ପ୍ରଦାନରେ ସହାୟକ ହେଉଥିଲେ ମଧ୍ୟ ବେଳେବେଳେ ଏଗୁଡ଼ିକ ନୈତିକ ଅବକ୍ଷୟ, ଭୁଲ ସୂଚନାର ପ୍ରସାର ଏବଂ ମାନସିକ ଚାପ ବୃଦ୍ଧିର କାରଣ ମଧ୍ୟ ହୋଇଥାନ୍ତି । ଗଠନମୂଳକ ଓ ନୈତିକ ଉଦ୍ଦେଶ୍ୟ ସାଧନକୁ ସୁନିଶ୍ଚିତ କରି ଇସଲାମିକ୍ ଜୀବନଶୈଳୀ ସମସ୍ତ ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ଉତ୍ସାହିତ କରେ ।

ଆଧୁନିକ ସମାଜରେ ଇସଲାମିକ୍ ଜୀବନଶୈଳୀ କେବଳ ଏକ ଧାର୍ମିକ ଆବଶ୍ୟକତା ନୁହେଁ, ବରଂ ଏହା ମାନବ ଜୀବନ ପାଇଁ ଏକ ବ୍ୟବହାରିକ ଏବଂ ସନ୍ତୁଳିତ ବ୍ୟବସ୍ଥା । ଏହା ଆଜି ସମ୍ମୁଖୀନ ହେଉଥ ?ବା ଅନେକ ନୈତିକ, ସାମାଜିକ ଏବଂ ମାନସିକ ସମସ୍ୟାର ସମାଧାନ ପ୍ରଦାନ କରିଥାଏ । ଇସଲାମିକ୍ ନୀତିଗୁଡ଼ିକୁ ଗ୍ରହଣ କରି ଜଣେ ଆଭ୍ୟନ୍ତରୀଣ ଶାନ୍ତି ପ୍ରାପ୍ତ ହୋଇପାରିବ, ଏବଂ ସମାଜଗୁଡ଼ିକ ନ୍ୟାୟ, ସଦ୍ଭାବ ଏବଂ ସମୃଦ୍ଧି ଆଡ଼କୁ ଅଗ୍ରସର ହୋଇପାରିବ । ଇସଲାମ୍ ଏଭଳି ଏକ ମାର୍ଗଦର୍ଶିକା ଅଟେ ଯାହା ପ୍ରତ୍ୟେକ ଯୁଗ ପାଇଁ, ବିଶେଷକରି ଆଧୁନିକ ବିଶ୍ୱର ଜଟିଳତା ମଧ୍ୟରେ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ ।

ଗିରଫଦାରୀରେ ଅଧିକାରର ହନନ ନ ହେଉ

ଗୋପାଳ ମହାପାତ୍ର

ଗିରଫଦାରୀ ପ୍ରସଙ୍ଗରେ ମାନ୍ୟବର ସୁପ୍ରମ୍‌କୋର୍ଟ ଏକସ୍ପଷ୍ଟ ଦିଶା ନିର୍ଦ୍ଦେଶ ଦେଇଛନ୍ତି । ନିକଟରେ ମାନ୍ୟବର କୋର୍ଟ ପୋଲିସପ୍ରଶାସନ କୁ ଏ ପ୍ରସଙ୍ଗରେ ମଧ୍ୟ ଚେତାଇ ଦେଇଛନ୍ତି । ସୁପ୍ରିମକୋର୍ଟର ବିଚାରପତି ଉଜ୍ଜ୍ୱକଭୁୟାଂ ଏବଂ ବିଚାରପତି ଅତୁଲ ଏସ୍ ଚନ୍ଦରକର ଙ୍କ ପୀଠ ଜସକରଣ ଜିତ ସିଂହ ବନାମ ପଞ୍ଜାବ ରାଜ୍ୟ ସରକାର ମାମଲାରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଭାରତୀୟ ସମ୍ବିଧାନର ଅନୁଛେଦ ୨୨(୧) ଅନୁସାରେ ଯଦି ଗିରଫ କରାଯିବାର କାରଣ ଅଭିଯୁକ୍ତ କୁ ଲିଖିତଭାବେ ଉପଲବ୍ଧ କରାଯାଏନାହିଁ ତେବେ ଏହି ଗିରଫଦାରୀ ଅବୈଧ ଏବଂ ଅଣସାମ୍ବିଧାନୀକ ଅଟେ । ଏପରିକି ଏଭଳି ନିର୍ଦ୍ଦେଶର ଉଲଂଘନ ଗିରଫ ହୋଇଥିବା ବ୍ୟକ୍ତିର ତୁରନ୍ତ ଖଲାସହେବାର କାରଣ ହୋଇଥାଏ । ଏହାର ସିଧାସଳଖ ଅର୍ଥ ହେଉଛି ଅଭିଯୁକ୍ତ କୁ ଗିରଫ କରିବା ପୂର୍ବରୁ ପୋଲିସ ସଂପୃକ୍ତ ଅଭିଯୁକ୍ତ କୁ ଲିଖିତ ଭାବେ ଗିରଫ କରାଯିବାର କାରଣ ଉପଲବ୍ଧ କରାଇବେ ।



ଅନ୍ୟଥା ଏହା ଅଣ ସାମ୍ବିଧାନିକ ଅଟେ । ମାନ୍ୟବର କୋର୍ଟ ଏକଥା ମଧ୍ୟ କହିଛନ୍ତି ଯେ ଲିଖିତ ଭାବେ କାରଣ ଉପଲବ୍ଧ ନ କରାଇ ଗିରଫ କରାଗଲେ ଗିରଫ କରିଥିବା ପୋଲିସ ଅଧିକାରୀ ଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ । ମାନ୍ୟବର କୋର୍ଟଙ୍କ ପୀଠ ସମ୍ବିଧାନର ଅନୁଚ୍ଛେଦ୨୨(୨)ର କଥା ଉଲ୍ଲେଖ କରି କହିଛନ୍ତି ଯେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ୨୪ ଘ□ା ମଧ୍ୟରେ ନିକଟତମ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଙ୍କ ସାମନରେ ହାଜର କରାଯିବା ଆବଶ୍ୟକ ଏବଂ ଏହା ଅଭିଯୁକ୍ତର ଅଧିକର ଅଟେ । ଅନେକେ ଏକଥା ଜାଣିନଥିବେ,ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅନେକ ସମୟରେ ଭାରତୀୟ ସମ୍ବିଧାନର ସଂରକ୍ଷକ ଭୂମିକା ନିର୍ବାହ କରୁଛନ୍ତି । ଅନେକ ମାମଲାରେ ସାଧାରଣ ନାଗରିକଙ୍କର ମୂଳ ଅଧିକାର ର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟ ଶୁଣାଉଛନ୍ତି । ସେହିଭଳି ନିକଟରେ ଗିରଫଦାରୀ ପ୍ରସଙ୍ଗରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏକଐତିହାସିକ ରାୟ ଶୁଣାଇଛନ୍ତି । ଜସକରଣ ଜିତ ସିଂହ ଙ୍କୁ ପସ୍କୋଆଇନ୍ ୨୦୧୨ ଏବଂ ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନୁସାରେ ଗିରଫ କରାଯାଇଥିଲା ।ଯେତେବେଳେ ପୋଲିସ ଜସକରଣ ଜିତ ସିଂହଙ୍କୁ ମାଜିଷ୍ଟ୍ରେଟ ଙ୍କ ସମ୍ମୁଖରେ ହାଜର କରାଇଲେ ସେତେବେଳେ ମିହିର ଶାହା ବନାମ ମହାରାଷ୍ଟ୍ର ରାଜ୍ୟସରକାର (୨୦୨୫) ର ନିର୍ଣ୍ଣୟ ଅନୁସାରେ ମାଜିଷ୍ଟ୍ରେଟ ଜସକରଣ ଙ୍କ ଗିରଫ ଅବୈଧ କହି ତାଙ୍କୁ ତୁରନ୍ତ ଖଲାସ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାଜିଷ୍ଟ୍ରେଟ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଥିଲେ ଯେ ପୋଲିସ ଜସକରଣ ସିଂହଙ୍କୁ ଗିରଫ କଲାବେଳେ ଲିଖିତ ଭାବେ ଗିରଫର କାରଣ ଦର୍ଶାଇ ନଥିଲେ । ଏହି ମାମଲାପୁଣି ପହ□ିଲା ପଞ୍ଜାବ- ହରିୟାଣା ହାଇକୋର୍ଟ ରେ । ପଞ୍ଜାବ-ହରିୟାଣା ହାଇକୋର୍ଟ ତଳ କୋର୍ଟଙ୍କ ଆଦେଶ ଉପରେ ପ୍ରତିବନ୍ଧ ଲଗାଇଦେଲେ, ଫଳରେ ଜସକରଣ ସିଂହ ମାନ୍ୟବର ସୁପ୍ରିମ୍‌କୋର୍ଟ ଙ୍କ ଦ୍ୱାରସ୍ଥ ହେଲେ । ମାନ୍ୟବର ସୁପ୍ରିମ୍‌କୋର୍ଟ ବା ଦେଶର ସର୍ବୋଚ୍ଚନ୍ୟାୟାଳୟ ମାମଲାର ବିଚାର କରି କହିଥିଲେ ଯେ ଗିରଫ କରାଯିବାର କାରଣ ଅଭିଯୁକ୍ତ କୁ ସରଳ ଭାଷାରେ ଲିଖିତ ଭାବେ ଦେବା ବାଧ୍ୟତାମୂଳକ । ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଏହି ଅଧିକାରର ହନନ କୁ ବରଦାସ୍ତ କରା ଯାଇପାରିବ ନାହିଁ । ସର୍ବୋଚ୍ଚ ନ୍ୟାୟାଳୟ ଙ୍କ ନିଷ୍ପ□ି ଅନୁସାରେ ଗିରଫ କରାନଯିବାର କାରଣ ନଜଣାଇବା କାରଣରୁ ଯଦି ଅଭିଯୁକ୍ତ ଖଲାସ ହୋଇଯାଏ ଏବଂ ତାହା ପରେ ଯଦି ତଦନ୍ତକରୀ ସଂସ୍ଥା ଅଭିଯୁକ୍ତ ଙ୍କୁ ହାଜତ କୁ ନେଇ ପଚରା ଉଚୁରା କରିବାରୁ ଚାହାଁନ୍ତି ତେବେ ଗିରଫ କରାଯିବାର ଆଧାର ଲିଖିତ ଭାବେ ଅଭିଯୁକ୍ତକୁ ଜଣାଇବାକୁ ପଡ଼ିବ ।

ଏହାପରେ ଅଭିଯୁକ୍ତ ଙ୍କୁ ହାଜତକୁ ନେବା ପାଇଁ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ । ଆବେଦନରେ ପୁନଃ ଗିରଫଦାରୀର ଆବଶ୍ୟକତା ଏବଂ ପୁର୍ବର ଗିରଫଦାରୀ ବେଳେ ଗିରଫ କରାଯିବାର ଆଧାର ନ ଜଣାଇବାର କାରଣ ମଧ୍ୟ ଦର୍ଶାଇବାକୁ ପଡ଼ିବ । ଏଭଳି ଆବେଦନ ପାଇଁ ପୋଲିସ ଅଧିକାରୀଙ୍କୁ ବରିଷ୍ଠ ଅଧିକାରୀଙ୍କ ଅନୁମାଦନ ମଧ୍ୟ ଆବଶ୍ୟକ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠ କହିଛନ୍ତି ଯେ ଭାରତର ସମ୍ବିଧାନ ଅନୁଛେଦ ୨୨(୧) ରେ ସମସ୍ତଙ୍କୁ ଗିରଫଦାରୀ ସମ୍ବନ୍ଧିତ ମୌଳିକ ଅଧିକାର ଦେଇଛି । ଅନୁଛେଦ ୨୨(୧) ଅନୁସାରେ ଅଭିଯୁକ୍ତ ତାଙ୍କ ପସନ୍ଦର ଓକିଲଙ୍କ ସହ ପରାମର୍ଶ କରିପାରିବେ ଏବଂ ଆଇନଗତ ଭାବେ ତାଙ୍କର ପ୍ରତିନିଧି କରିପାରିବେ । ସରଳ ଶବ୍ଦରେ କହିବାକୁ ଗଲେ ଅନୁଛେଦ ୨୨(୧) ବେଆଇନ୍ ଭାବେ ଗିରଫ କରାଯିବା ବିରୁଦ୍ଧରେ ଏକ ଅସ୍ତ୍ର ଅଟେ, କିନ୍ତୁ କେତେକ ବିଶେଷ କାରଣରେ ଏହି ଅଧିକାର ଉପରେ ପ୍ରତିବନ୍ଧ ଲଗାଯାଇପାରେ । ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟଙ୍କ ରାୟ ପୋଲିସ କୁ ଉ□ରଦାୟୀ କରିବା ଏବଂ ନାଗରିକଙ୍କ ପାଇଁ ଆଇନ୍ ସୁରକ୍ଷାର ସନ୍ଦେଶ ଦେଇଛି । ଗିରଫଦାରୀର ଆଧାର ଜଣାଇବା, ଠିକ୍ ସମୟରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇବା ଏବଂ ଆଇନ୍‌ଗତ ସହାୟତାର ସୁଯୋଗଦେବା ନ୍ୟାୟପୁର୍ଣ୍ଣ ପ୍ରକ୍ରିୟା ପାଇଁ ଜରୁରୀ । ଆଇନ୍‌ର ପାଳନ ଉଭୟ ପକ୍ଷଙ୍କ ପାଇଁ ସମାନ ରୂପରେ ମଧ୍ୟ ଜରୁରୀ । ପୋଲିସର ଗିରଫଦାରୀ ବ୍ୟକ୍ତିର ସ୍ୱତନ୍ତ୍ରତା କୁ ସିଧାସଳଖ ପ୍ରଭାବିତ କରିଥାଏ । ଏଣୁ ଆଇନରେ ଏଥିପାଇଁ ସ୍ପଷ୍ଟ ସୁରକ୍ଷା ପ୍ରାବଧାନ ରହିଛି । ମାନ୍ୟବର କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଦେଇଛନ୍ତି ଓ ଏପ୍ରସଙ୍ଗରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।ଏହି ନିର୍ଦ୍ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ବିଧାନିକ ବାଧ୍ୟତାକୁ ରେଖାଙ୍କିତ କରିଛନ୍ତି ।ଏହି ନିର୍ଦ୍ଦେଶ ସାଧାରଣ ଲୋକଙ୍କୁ ପୋଲିସ କାର୍ଯ୍ୟାନୁଷ୍ଠାନ ସମୟରେ ମଳିଥିବା ଅଧିକାର ଏବଂ ପୋଲିସର ଉ□ରଦାୟୀତ୍ୱ କୁ ବୁଝିବା ଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

ରାମଚନ୍ଦ୍ରପୁର, ଗଣପୁର
ମୋ-୯୪୩୮୪୮୫୦୯୪

ଆଞ୍ଚଳିକ ମନ୍ଥନ

ଗୁରୁବାର ୦୫ ନଭେମ୍ବର, ୨୦୨୬, ଭୁବନେଶ୍ୱର Thursday November 05, 2026 Bhubaneswar



ଜିନ୍ଦଲ ଫାଉଣ୍ଡେସନ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମଶାରି ବଣ୍ଟନ



ଅନୁଗୋଳ,୪/୧୧(ନି.ପ୍ର.): :ସାମୁଦାୟିକ ସ୍ୱାସ୍ଥ୍ୟ ଏବଂ ରୋଗ ପ୍ରତିରୋଧ କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ଦୃଢ଼ କରିବା ସହିତ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ନ୍ୟାସନାଲ୍ ସେଣ୍ଟର ଫର୍ ଭେକ୍ଟର ବୋର୍ନ୍ ଡିଜିଜେସ୍ କଣ୍ଟ୍ରୋଲ୍' (ଏନସିଭିବିଡିସି) ସହଯୋଗରେ ଅନୁଗୋଳ ଜିଲ୍ଲାର ପାଲଲହଡ଼ା ବ୍ଲକ ନଗିରା ଗ୍ରାମର ଅସହାୟ ଓ ଆବଶ୍ୟକତା ଥିବା ପରିବାରଗୁଡ଼ିକୁ ମଶାରି ବଣ୍ଟନ କରାଯାଇଛି। ମ୍ୟାଲେରିଆ ସମେତ ଅନ୍ୟାନ୍ୟ ମଶାବାହିତ ରୋଗରୁ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ସହ ପ୍ରତିଷେଧକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ମଶାରି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି; ଏଡିପିଏଚଓ (ଭେକ୍ଟର୍ ବୋର୍ନ୍ ଡିଜିଜେସ୍) ଡାକ୍ତର ପୂର୍ଣ୍ଣିମା ଉଦ୍ ?ଗାତା; ପାଲଲହଡ଼ା ଉପ-ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ପଟେଲ; ପାଲଲହଡ଼ା ବିଡିଓ ଶ୍ରୀ ନିଶାନ ମିଶ୍ର; ସାଂସଦଙ୍କ ପ୍ରତିନିଧି ଶ୍ରୀ ଲିଙ୍ଗରାଜ ଦାସ; ବରିଷ୍ଠ ଆଇନଜୀବୀ ତଥା ବିଧାୟକଙ୍କ ପ୍ରତିନିଧି ଶ୍ରୀ ତନ୍ମୟ କୁମାର ସାହୁ; ଡେପୁଟି କଲେକ୍ଟର ଶ୍ରୀମତୀ ବିଦୁସ୍ମିତା ସାହୁ; ଏସ୍ ?ଡିଆଇ ଓ ପିଆରଡି ଶ୍ରୀମତୀ ଶୋଭିତା କୁମାର ବିଶି; ଜିନ୍ଦଲ ଫାଉଣ୍ଡେସନ୍ର ଏଜିଏମ୍ (ସିଏସ୍ ?ଆର୍) ଶ୍ରୀମତୀ ଝିଲ୍ଲି ଖଟୁଆ ଏବଂ ଶ୍ରୀ ଆଶିଷ କୁମାର ସାମଲଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ପ୍ରଶାସନ ଏବଂ ସ୍ଥାନୀୟ ସମ୍ପ୍ରଦାୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ଉଦ୍ ?ବୋଧନ ଦେଇ ବିଧାୟକ ଶ୍ରୀ ଅଶୋକ ମହାନ୍ତି ମ୍ୟାଲେରିଆ ଓ ଅନ୍ୟାନ୍ୟ ମଶାବାହିତ ରୋଗର ମୁକାବିଲା ପାଇଁ ପ୍ରତିଷେଧକ ସ୍ୱାସ୍ଥ୍ୟସେବା, ଜନସଚେତନତା ଏବଂ ଗୋଷ୍ଠୀଗତ ସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅସହାୟ ପରିବାରଗୁଡ଼ିକୁ ଆବଶ୍ୟକ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ସହାୟତା ଯୋଗାଇ ଦେବାରେ ଜିନ୍ଦଲ ଫାଉଣ୍ଡେସନର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏଥିସହ ଏକ ସୁସ୍ଥ ଓ ରୋଗମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସାମୂହିକ ଉଦ୍ୟମ ଏବଂ ସ୍ୱଚ୍ଛତା ସମ୍ବନ୍ଧୀୟ ଅଭ୍ୟାସ ଅବଲମ୍ବନ କରିବାକୁ ଆହ୍ୱାନ ଦେଇଥିଲେ।

ସେହିପରି ପାଲଲହଡ଼ା ଉପଜିଲ୍ଲାପାଳ ମଧ୍ୟ ଜିନ୍ଦଲ ଫାଉଣ୍ଡେସନର ଏହି ସହଯୋଗକୁ ପ୍ରଶଂସା କରିବା ସହ ସମାଜର ସାମଗ୍ରିକ କଲ୍ୟାଣ ଓ ସ୍ଥାୟୀ ବିକାଶ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବିଭାଗର ସମନ୍ୱିତ ଉଦ୍ୟମ ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମର ଅନ୍ୟତମ ଅଂଶ ଭାବେ ଏଡିପିଏଚଓ (ଭେକ୍ଟର ବୋର୍ଣ୍ଣ) ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଗ୍ରାମବାସୀଙ୍କୁ ମଶାରିର ଉପଯୁକ୍ତ ବ୍ୟବହାର ଏବଂ ମଶାବାହିତ ରୋଗରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିସହ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଓ ରୋଗ ନିୟନ୍ତ୍ରଣରେ ଜନସାଧାରଣଙ୍କ ସକ୍ରିୟ ସହଭାଗିତାର ଗୁରୁତ୍ୱ ଉପରେ ଆଲୋକପାତ ମଧ୍ୟ କରାଯାଇଥିଲା।

ଛେଣ୍ଡିପଦା ଠାରେ ମା ଗଜ ଲକ୍ଷ୍ମୀ ପୂଜା ଓ ଭସାଣୀ ମେଲଣ ଉତ୍ସବ ସମାରୋହରେ ପାଳିତ

ଛେଣ୍ଡିପଦା,୪/୧୧(ନି.ପ୍ର.): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସଦର ମହକୁମା ଠାରେ ପବିତ୍ର ଗଜ ଲକ୍ଷ୍ମୀ ପୂଜା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସମସ୍ତ ପୂଜା କମିଟି ପକ୍ଷରୁ ମା ଗଜ ଲକ୍ଷ୍ମୀ ଙ୍କ ମୃଣ୍ମୟୀ ପ୍ରତିମା କୁ ସୁସଜ୍ଜିତ ମଣ୍ଡପରେ ଯଥାବିଧି ପୂଜାନୀତି କରାଯାଇଥିଲା । ଏଥିସହ ରଙ୍ଗ ବେରଙ୍ଗର ଆଲୋକ ମାଳାରେ ତୋରଣ ଏବଂ ମେଢ଼ ସାଜସଜ୍ଜା କରାଯାଇଥିଲା । ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଭକ୍ତ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ପ୍ରତ୍ୟହ ସନ୍ଧ୍ୟାରେ ଅସମ୍ଭବ ଭାବେ ଭିଡ଼ ଲାଗିଥିଲା । ଏଥିସହ ପୂଜା କମିଟି ପକ୍ଷରୁ ହୋମ ଯଜ୍ଞ ନାମ ସଂକୀର୍ତ୍ତନ ଭଜନ ଜଣାଣ ପୁରାଣ ପାଠ ସାଙ୍ଗକୁ ସାମୂହିକ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅନ୍ୟ ପକ୍ଷରେ କେନ୍ଦ୍ରୀୟ ପୂଜା କମିଟି ତଥା ଛେଣ୍ଡିପଦା ଯୁବ ମଞ୍ଚ ପକ୍ଷରୁ ଲକ୍ଷ୍ମୀ ପୂଜା ଭସାଣୀ ମେଲଣ ଉତ୍ସବ ସମାରୋହରେ ସମ୍ପନ୍ନ ହୋଇଯାଇଛି । ତେବେ ଏହି ଭସାଣୀ ମେଲଣ ଉତ୍ସବ ରେ ୯ ଟି ମେଢ଼ ସାମିଲ ହୋଇଥିଲେ । ଏଥିରେ ସମସ୍ତ ମେଢ଼ ଗୁଡ଼ିକ ଅପରାହ୍ନରେ କ୍ରମାନ୍ୱୟରେ ବିଭିନ୍ନ କଳା ନୈପୁଣ୍ୟ ପ୍ରଦର୍ଶନୀ, ଢୋଲ ମହୁରୀ ବାଦ୍ୟ ଯନ୍ତ୍ର, ବ୍ୟାଣ୍ଡ ବାଜା , ନାମ ସଂକୀର୍ତ୍ତନ ଆଦି ଯୋଗେ ଏକ ବିରାଟ ଶୋଭାଯାତ୍ରାରେ ବଜାର ଗ୍ରାମ ପରିକ୍ରମା କରିବା ପରେ ଜଗନ୍ନାଥ ମନ୍ଦିର ପଡିଆ ଠାରେ ମେଲଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଜ୍ଞା ଲଡୁ ନିଲାମ ସାଙ୍ଗକୁ ଆତସବାଜି ପ୍ରଦର୍ଶନ ଅତ୍ୟନ୍ତ ମନୋରମ ଦୃଶ୍ୟ ଦେଖିବାକୁ ମିଳିଥିଲା । ତେବେ ଯୁବ ମଞ୍ଚ ସଭାପତି ଦୀପକ କୁମାର ପ୍ରଧାନ ଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ଗ୍ରାମ କମିଟି ସଭାପତି ବଳରାମ ସାହୁ, ପୂର୍ବତନ



ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ଆଇନଜୀବୀ ଅକ୍ଷୟ ପାଦ ବେହେରା, ରାଜ କିଶୋର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ସର୍ବ ପ୍ରଥମେ ମା ଲକ୍ଷ୍ମୀ ଙ୍କ ଆଜ୍ଞା ଲଡୁ ନିଲାମ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଏଥିରେ ଭାଗ ନେଇ ସାର୍ବଜନୀନ ପୂଜା କମିଟି ସଦସ୍ୟ ବବୁଲ ବେହେରା ମୋଟ ୨ ଲକ୍ଷ ଟଙ୍କା ବିନିମୟରେ ନିଲାମ ନେଇଥିଲେ। ସେହିପରି ଖୋର୍ଦ୍ଧା ଜଟଣୀ ଏବଂ କୁଶକିଲା ଅଞ୍ଚଳ ବାଣ ପ୍ରସ୍ତୁତ କରିଥିବା ୨ ଟି ଦଳ ପକ୍ଷରୁ ଆତସବାଜି ପ୍ରତିଯୋଗିତା ସହ ପ୍ରଦର୍ଶନ କରାଯାଇଥିଲା । ଅନ୍ୟ ପକ୍ଷରେ ଛେଣ୍ଡିପଦା ପଞ୍ଚାୟତ ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ ସଭା ମଞ୍ଚ ପରିଚାଳନା କରିଥିଲେ। ପୂଜକ ପିତାମ୍ବର ମହାପାତ୍ର ସନ୍ଧ୍ୟା ଆଳତୀ ସହ ପୂଜାନୀତି ସମ୍ପନ୍ନ କରିଥିଲେ । ଏଥିସହ କେନ୍ଦ୍ରୀୟ ପୂଜା କମିଟି ତଥା ଯୁବ ମଞ୍ଚ ପକ୍ଷରୁ ଉପସ୍ଥିତ ଅତିଥି ମାନେ ସ୍ଥାନୀୟ କର୍ମଜୀବି ସାମ୍ବାଦିକ ସଂଘ ସଭାପତି ଦିଲ୍ଲିପ କୁମାର ସାହୁ, ଓକିଲ ସଂଘ ସଭାପତି ନଗେନ କୁମାର ନନ୍ଦ, ଟ୍ରକ ମାଲିକ ସଂଘ ସଭାପତି ମହେଶ୍ୱର ବେହେରା, ବସ ମାଲିକ ସଂଘ ସଭାପତି ରମେଶ ପ୍ରଧାନ, ଠିକାଦାର ସଂଘ ସଭାପତି ମାନସ ରଞ୍ଜନ ଗଡ଼ନାୟକ ଙ୍କ ସମେତ ସମସ୍ତ ପୂଜା କମିଟି ସଭାପତି ,କର୍ମକର୍ତ୍ତା ମାନଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଯୁବ ମଞ୍ଚ ସମ୍ପାଦକ ହିମାଂଶୁ ଶେଖର ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ତେବେ ଅନ୍ୟ ଏକ ମଞ୍ଚରେ ଛେଣ୍ଡିପଦା ଥାନା ଅଧିକାରୀ କୁଳଦୀପ ବେହେରା ଏକ ସୁନ୍ଦର ଭଜନ ଗାଇବା ସହ ସଙ୍ଗୀତ ଗାନ କରିଥିଲେ । ଖୋର୍ଦ୍ଧା ଅଞ୍ଚଳ ର ନଟିଆ ଡିଆନ୍ସ ଗ୍ରୁପ ପକ୍ଷରୁ ମେଲୋଡି ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଭକ୍ତ ଯାତ୍ରୀ ଓ ଦର୍ଶକ ମାନଙ୍କ ଅସମ୍ଭବ ଭାବେ ଭିଡ଼ ଲାଗିଥିଲା । ସ୍ଥାନୀୟ ପୂଜା କମିଟି ତଥା ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା । ଏ ନେଇ ସମଗ୍ର ଛେଣ୍ଡିପଦା ଅଞ୍ଚଳ ଉତ୍ସବ ମୁଖରିତ ହୋଇଥିଲା ।

'ବିକଶିତ ଗାଁ ବିକଶିତ ଓଡିଶା' ପ୍ରକଳ୍ପର ଅନିୟମିତତା ନେଇ ହାଇକୋର୍ଟଙ୍କ ରହିତାଦେଶ

ଅସ୍ତରଙ୍ଗ୪/୧୧(ନି.ପ୍ର.): ଡବଲ ଇଞ୍ଜିନସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡିଶା' ପ୍ରକଳ୍ପକୁ ନେଇ ହାଇକୋର୍ଟଙ୍କ ରହିତାଦେଶ ଆସିବା ପରେ ଅସ୍ତରଙ୍ଗ କାକଟପୁର ବ୍ଲକ ପ୍ରଶାସନକୁ ଲାଗିଛି ଶକ୍ତ ଝଟକା। ଏକ ପାଖିଆ ନିଷ୍ପତିକୁ ନେଇ ମାନ୍ୟବର ହାଇକୋର୍ଟ ବ୍ଲକ ପ୍ରଶାସନକୁ ଭତ୍ସନା କରିବା ସହିତ ରହିତାଦେଶ ଜାରି କରିଛନ୍ତି।ଏହି ଅନିୟମିତତା ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ ଜିଲ୍ଲା ପରିଷଦ ସଦସ୍ୟା, ସରପଞ୍ଚ,ସମିତି ସଭ୍ୟ, ସଭ୍ୟା ମାନେ ପ୍ରଥମେ ପୁରୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। କୌଣସି ସମାଧାନ ପନ୍ଥା ନ ବାହାରିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପତ୍ର ସଂଖ୍ୟା ୧୧୫୫ ତାରିଖ ୦୯/୧୧/୨୦୨୬ ଅନୁଯାୟୀ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ମାଧ୍ୟମରେ ୨୦୨୬/୨୦୨୭ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ ବାର୍ଷିକ ଖସଡ଼ା ପ୍ରସ୍ତୁତି ନିମନ୍ତେ ଜିଲ୍ଲା ପରିଷଦ ପୁରୀ (ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ)ପତ୍ର ସଂଖ୍ୟା ୨୪୬୩ ତାରିଖ ୩୦/୦୪/୨୦୨୬ ରେ ଜଣ ପ୍ରତିନିଧିଙ୍କ ଠାରୁ ପ୍ରସ୍ତାବିତ ପ୍ରକଳ୍ପ ତାଲିକା ଆହ୍ୱାନ କରାଯାଇଥିଲା।ସେହି ଅନୁଯାୟୀ ସାଧାରଣ ଲୋକଙ୍କର ମୌଳିକ ସୁବିଧା ଓ ଗ୍ରାମୀଣ ଭିତ୍ତିଭୂମିର ବିକାଶ ପାଇଁ ପଞ୍ଚାୟତ ଓ ଅଞ୍ଚଳର ଆବଶ୍ୟକତା ଆଧାରିତ ପ୍ରକଳ୍ପ ଗୁଡିକ ଜିଲ୍ଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦେଇଥିଲୁ। ମାତ୍ର ବ୍ଲକ ପ୍ରଶାସନ ମନ ଇଛା ଅନୁମୋଦିତ କରିଥିବା ୯୬ ଟି ପ୍ରକଳ୍ପ ମଧ୍ୟରୁ ପିଆରଆଇ ସଭ୍ୟ ସଭ୍ୟା ମାନଙ୍କର କୌଣସି ଗୋଟିଏ ପ୍ରକଳ୍ପ ଅନୁମୋଦିତ ହୋଇନାହିଁ। ଅନୁମୋଦିତ ୯୬ ଟି ପ୍ରକଳ୍ପ ମଧ୍ୟରୁ ୯୦ ଟି ପ୍ରକଳ୍ପ ଅଧ୍ୟକ୍ଷା ଆରତୀ ନାୟକ ଓ ଜଗତସିଂହପୁର ସାଂସଦ ବିଭୁଦତ୍ତ ତରାଇଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଦୁଇ ଜଣଙ୍କର ସମାନ ପ୍ରକଳ୍ପ ଗୁଡିକ ଅନୁମିଦିତ ହୋଇଅଛି। ଅନ୍ୟ ୬ ଗୋଟି ପ୍ରକଳ୍ପ ମଧ୍ୟରୁ ୪ ଗୋଟି ଭାରତୀୟ ଜନତା ପାର୍ଟି ଅସ୍ତରଙ୍ଗ ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନା ଓ ଅନ୍ୟ ଦୁଇଟା ଆଳସାହି ସରପଞ୍ଚ ଶ୍ରୀଆ ବରାଳଙ୍କର ଅନୁମୋଦିତ ହୋଇଅଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ସମବିକାଶକୁ ଦୃଷ୍ଟି ନ ଦେଇ ପ୍ରକଳ୍ପ ଅନୁମୋଦିତ କରାଯାଇଛି। ଅନେକ କ୍ଷେତ୍ରରେ ବିକଶିତ ଗାଁ ବିକଶିତ ଓଡ଼ିଶାର ନିର୍ଦ୍ଦେଶନାମାକୁ ଉଲ୍ଲଘନ କରି ପୂର୍ବ ଆର୍ଥିକ ବର୍ଷ ମାନଙ୍କରେ ଅନୁମୋଦିତ ହୋଇଥିବା ପ୍ରକଳ୍ପ ଗୁଡିକର ପୁନରାବୃତ୍ତି କରାଯାଇଛି।ଅସ୍ତରଙ୍ଗ ବ୍ଲକରେ ଭାରତୀୟ ଜନତା ପାର୍ଟିର ଏଜେଣ୍ଟ ମାନେ କାର୍ଯ୍ୟ କରୁଥିବା ସଭ୍ୟ ସଭ୍ୟା ମାନେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।ଏହି ଅନିୟମିତତା କାର୍ଯ୍ୟକୁ ଅଧ୍ୟକ୍ଷାଙ୍କ ଜୈନେକ ଛାୟା ନେତା କରିଥିବା ଅଭିଯୋଗ କରିଛନ୍ତି। ତମାମ ଘଟଣାକୁ ନେଇ ସମସ୍ତ ସଭ୍ୟ ସଭ୍ୟା ମାନେ କୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ। ଶେଷରେ ମାନ୍ୟବର କୋର୍ଟ ଘଟଣାର ଗମ୍ଭୀରତାକୁ ନେଇ ଚୂଡାନ୍ତ ରାୟ ପ୍ରକାଶ କରି ରହିତାଦେଶ ଦେଇଛନ୍ତି ବୋଲି ସମିତି ସଭ୍ୟ ରାମଚନ୍ଦ୍ର ନାୟକ କହିଛନ୍ତି।

ପାଣି ପଶିଥିବା ସ୍କୁଲ ପରିସରକୁ ନିଜେ ସଫା କଲେ ବ୍ଲକ ଅଧ୍ୟକ୍ଷା, ସରପଞ୍ଚ ଓ ପୁରାତନ ଛାତ୍ର

ଛତ୍ରପୁର, ୪/୧୧(ନି.ପ୍ର.): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଜଳମଗ୍ନ ହୋଇପଡ଼ିଥିଲା। ବନ୍ୟାଜଳ ହ୍ରାସ ପରେ ବିଦ୍ୟାଳୟ ପରିସର ଓ ଶ୍ରେଣୀଗୃହରେ ପଙ୍କ, କାଦୁଅ ଓ ଅଳିଆ ଆବର୍ଜନା ଜମି ରହିଥିଲା। ଦୀର୍ଘ ଛୁଟି ପରେ ବୁଧବାର ବିଦ୍ୟାଳୟ ଖୋଲିବାକୁ ଥିବାରୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଗୁରୁତ୍ୱ ଦେଇ ଆଜି ବିଭିନ୍ନ ବିଦ୍ୟାଳୟରେ ସଫେଇ କାର୍ଯ୍ୟ କରାଯାଇଛି।ଏହି କ୍ରମରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡ଼ମାଧପୁର ପଞ୍ଚାୟତର ଧୀରେଶ୍ୱର ବିଦ୍ୟାପୀଠରେ ବ୍ଲକ ଅଧ୍ୟକ୍ଷା ସାଡ଼ି ଶାରଦା ରେଡ୍ଡୀ, ସରପଞ୍ଚ ଅର୍ଚ୍ଚନା କୁମାରୀ ସେଠୀ, ପ୍ରଧାନଶିକ୍ଷକ ରାଜକିଶୋର ପାଣିଗ୍ରାହୀ, ପୂର୍ବତନ ଛାତ୍ର ଅଜିତ ସ୍ୱାଇଁଙ୍କ ସମେତ ଅନ୍ୟ ଶିକ୍ଷକ ଓ ପୁରାତନ ଛାତ୍ରମାନେ ନିଜେ ହାତରେ ଝାଡୁ ଓ ସଫେଇ ସାମଗ୍ରୀ ଧରି ପରିସର ସଫା କରିଥିଲେ।ଋଷିକୁଲ୍ୟା ନଦୀ ନିକଟରେ ଅବସ୍ଥିତ ଏହି ଗ୍ରାମରେ ବନ୍ୟାଜଳ ପ୍ରବେଶ କରିବା ଫଳରେ ବିଦ୍ୟାଳୟ ଭିତରେ ପ୍ରାୟ ୪ରୁ ୫ ଫୁଟ ପାଣି ପଶିଥିଲା। ଫଳରେ ବହୁ ଫାଇଲପତ୍ର ସମେତ ବିଦ୍ୟାଳୟର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଥିଲା। ପାଣି ଛାଡ଼ିବା ପରେ ବିଦ୍ୟାଳୟ ଭିତରେ ମୋଟା ପଙ୍କର ସ୍ତର ଜମି ରହିଥିଲା।ବିଦ୍ୟାଳୟ ଖୋଲିବା ପୂର୍ବରୁ ପରିସରକୁ ସ୍ୱଚ୍ଛ ଓ ସୁରକ୍ଷିତ କରିବା ସହ ଛାତ୍ରଛାତ୍ରୀଙ୍କୁ ସଂକ୍ରମଣରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହି ସଫେଇ କାର୍ଯ୍ୟ କରାଯାଇଥିଲା। ଜନପ୍ରତିନିଧି, ଶିକ୍ଷକ ଓ ପୁରାତନ ଛାତ୍ରଙ୍କ ଏଭଳି ସାମୂହିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

ବନ୍ୟା ପ୍ରଭାବିତ ପରିବାରଙ୍କ ପାଇଁ ଆଦାନୀ ଫାଉଣ୍ଡେସନର ରିଲିଫ୍

୬,୫୦୦ ପରିବାରଙ୍କୁ ଶୁଖିଲା ରାସନ୍ କିଟ୍ ଯୋଗାଣ

ଛତ୍ରପୁର, ୪/୧୧(ନି.ପ୍ର.): ଗଞ୍ଜାମ ଜିଲ୍ଲାରେ ସାମୁଦ୍ରିକ ଝଡ଼ ଅର୍ଣ୍ଣବ ପରବର୍ତ୍ତୀ ବନ୍ୟାରେ ପ୍ରଭାବିତ ପରିବାରଙ୍କୁ ସହାୟତା ଯୋଗାଇବା ପାଇଁ ଆଗେଇ ଆସିଛି ଆଦାନୀ ଫାଉଣ୍ଡେସନ। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ବ୍ୟାପକ ରିଲିଫ୍ ସହାୟତା କାର୍ଯ୍ୟକ୍ରମରେ ସାମିଲ ହୋଇ ଆଦାନୀ ଗ୍ରୁପ୍ ?ର ସାମାଜିକ କଲ୍ୟାଣ ଓ ବିକାଶମୂଳକ ଶାଖା, ଆଦାନୀ ଫାଉଣ୍ଡେସନ ପକ୍ଷରୁ ପ୍ରାୟ ୬,୫୦୦ ବନ୍ୟା ପ୍ରଭାବିତ ପରିବାରଙ୍କ ଉଦ୍ଦେଶ୍ୟରେ ଶୁଖିଲା ରାସନ୍ କିଟ୍ ତୁରନ୍ତ ଯୋଗାଇଦିଆଯାଇଅଛି।

ପ୍ରଭାବିତ ଅଞ୍ଚଳରେ ଏହି ରିଲିଫ କିଟ୍ ଗଞ୍ଜାମ ଜିଲ୍ଲା ପ୍ରଶାସନ ଦ୍ୱାରା ବଣ୍ଟନ କାର୍ଯ୍ୟ ପରିଚାଳନା ହେଉଥିବା ବେଳେ ଆଦାନୀ ଫାଉଣ୍ଡେସନ ସାମଗ୍ରୀଗୁଡ଼ିକର ସୁରୁଖୁରୁ ଏବଂ ସମୟାନୁବର୍ତ୍ତୀ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟଗତ ସହାୟତା ପ୍ରଦାନ କରୁଛି ଯାହାଦ୍ୱାରା ରିଲିଫ ସାମଗ୍ରୀଗୁଡ଼ିକ ଉପଯୁକ୍ତ ସମୟରେ ଏବଂ ସୁଗମ ଭାବେ




ପ୍ରଭାବିତ ପରିବାରଙ୍କ ନିକଟରେ ପହଞ୍ଚିପାରିବ।

ପ୍ରତ୍ୟେକ ରିଲିଫ୍ କିଟ୍ ?ରେ ଚାଉଳ, ଡାଲି, ରିଫାଇନ୍ ତେଲ, ଚିନି, ଚୁଡ଼ା, ବିସ୍କୁଟ୍, ମହମବତୀ ଓ ଦିଆସିଲି ଭଳି ଅତ୍ୟାବଶ୍ୟକ ଶୁଖିଲା ଖାଦ୍ୟ ଓ ଘରୋଇ ସାମଗ୍ରୀ ରହିଛି। ଏହି ସାମଗ୍ରୀଗୁଡ଼ିକ ଏକ ପରିବାରର ପ୍ରାୟ ଦୁଇ ରୁ ତିନି ଦିନର ମୌଳିକ ଖାଦ୍ୟ ଆବଶ୍ୟକତା ପୂରଣ କରିବା ସହିତ ଏହି କଠିନ ସମୟରେ ପ୍ରଭାବିତ ପରିବାରଙ୍କୁ ତତ୍କାଳ ସହାୟତା ପ୍ରଦାନ କରିବ।

ଆଦାନୀ ଫାଉଣ୍ଡେସନର ଏହି ପଦକ୍ଷେପ ଜରୁରୀକାଳୀନ ପରିସ୍ଥିତି ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମାଜ ସହିତ ଦୃଢ଼ ଭାବେ ଠିଆ ହେବା ଭଳି ଅତୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଜିଲ୍ଲା ପ୍ରଶାସନ ଓ ସରକାରୀ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଗୋପାଳପୁର ବନ୍ଦର ଓ ଆଦାନୀ ଫାଉଣ୍ଡେସନ ନିରନ୍ତର ଭାବେ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟ କରିଆସୁଛନ୍ତି।

ଲଗାଣ ବର୍ଷାରେ ଜାତୀୟ ରାଜପଥ ଖାଲ ଖମା...... ସମସ୍ୟାରେ ଗାଡି ଚାଳକ

ଗଞ୍ଜାମ : ୪/୧୧(ନି.ପ୍ର.): ଗଞ୍ଜାମ ସହର ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ଖାଲ ଖମା ଯୋଗୁଁ ବିପଦପୂର୍ଣ୍ଣ ହୋଇପଡିଛି କ୍ଷ ଗଞ୍ଜାମ ସହର



ବାଇପାସ ଶନି ମନ୍ଦିର ଠାରୁ ବିଭିନ୍ନ ସ୍ଥାନରେ ରାସ୍ତା ସାରା ଖାଲ ଖମା ସୃଷ୍ଟି ହୋଇଛି କ୍ଷ ଅର୍ଣ୍ଣବ ସାମୁଦ୍ରିକ ଝଡ଼ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଜାତୀୟ ରାଜପଥ ରୁ ଗୁଡ଼ି ସହ ପିଚୁ ଉଠିବା ସହ ଏହି ପରିସ୍ଥିତି ସୃଷ୍ଟି ହୋଇଛି କ୍ଷ ତୁରନ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଏହାକୁ ସମତୁଲ ପିଚ୍ କରିବା ପାଇଁ ବିଭିନ୍ନ ମହଲ ରଦାବୀ ହେଉଛି ।

ଛତ୍ରପୁର ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ା. ମୁକେଶ ମହାଲିଙ୍ଗଙ୍କ ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ ସହ ସ୍ୱାସ୍ଥ୍ୟସେବାର ସମୀକ୍ଷା



ଛତ୍ରପୁର, ୪/୧୧(ନି.ପ୍ର.): : ଅର୍ଣ୍ଣବ ବାତ୍ୟା ପରବର୍ତ୍ତୀ ବନ୍ୟା ପରିସ୍ଥିତି ଓ ସ୍ୱାସ୍ଥ୍ୟସେବାର ସ୍ଥିତି ଅନୁଧ୍ୟାନ ନିମନ୍ତେ ଗତକାଲି ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼ା. ମୁକେଶ ମହାଲିଙ୍ଗ ଆଜି ଛତ୍ରପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ତାଙ୍କ ସହ ଉପସ୍ଥିତ ଥିଲେ।

ପ୍ରଥମେ ମନ୍ତ୍ରୀ ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ କୋଭିଡ୍? କେୟାର ହସ୍ପିଟାଲ ପରିଦର୍ଶନ କରିଥିଲେ। ହସ୍ପିଟାଲର ଭିତ୍ତିଭୂମି, ଉପଲବ୍ଧ ସୁବିଧା, ଆବଶ୍ୟକ ସ୍ୱାସ୍ଥ୍ୟସେବା ଓ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାର ସମ୍ଭାବନା ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଭବିଷ୍ୟତରେ ଏହି ହସ୍ପିଟାଲକୁ ଲୋକଙ୍କ ହିତରେ କିପରି ଉପଯୋଗ କରାଯାଇପାରିବ, ସେନେଇ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ପରେ ଛତ୍ରପୁର ବ୍ଲକ୍? ଅନ୍ତର୍ଗତ ବଡ଼ମାଧପୁର ଗ୍ରାମ ପଞ୍ଚାୟତର ବରଙ୍ଗ ଗ୍ରାମରେ ପହଞ୍ଚି ମନ୍ତ୍ରୀ ଡ଼ା. ମହାଲିଙ୍ଗ ବାତ୍ୟା ଓ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ।

ସେହିପରି ଗଞ୍ଜାମ ବ୍ଲକ୍? ଅନ୍ତର୍ଗତ ଖଣ୍ଡିଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ମନ୍ତ୍ରୀ ସେଠାକାର ସ୍ୱାସ୍ଥ୍ୟସେବାର ସ୍ଥିତି ସମୀକ୍ଷା କରିଥିଲେ। ହସ୍ପିଟାଲରେ ଚିକିତ୍ସାଧୀନ ନବଜାତ ଶିଶୁ ଓ ମାଆମାନଙ୍କୁ ସାକ୍ଷାତ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, ଚିକିତ୍ସା ବ୍ୟବସ୍ଥା ଓ ହସ୍ପିଟାଲରେ ଉପଲବ୍ଧ ସୁବିଧା ସମ୍ପର୍କରେ ଉପସ୍ଥିତ ଚିକିତ୍ସକ ଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

ଏହାପରେ ମନ୍ତ୍ରୀ ଗଞ୍ଜାମ ବ୍ଲକ୍? ଅନ୍ତର୍ଗତ ଉମୁରିଧର୍ମଶରଣପୁର ପଞ୍ଚାୟତସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିଦର୍ଶନ କରିଥିଲେ। ସେଠାରେ ଉପଲବ୍ଧ ସ୍ୱାସ୍ଥ୍ୟସେବାର ମାନ ଓ ସ୍ଥିତି ସମ୍ପର୍କରେ ସମୀକ୍ଷା କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ଜାଣିଥିଲେ।ମମନ୍ତ୍ରୀଙ୍କ ଏହି ଗସ୍ତରେ ଅର୍ଣ୍ଣବ ବାତ୍ୟା ଓ ପରବର୍ତ୍ତୀ ବନ୍ୟାରେ ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ ସହ ଛତ୍ରପୁର ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଲୋକଙ୍କୁ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ବନ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନେଇ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।



ଗ୍ରାହକ ସଂଚୟ କ୍ଷେତ୍ରରେ ନୂଆ ରେକର୍ଡ ସୃଷ୍ଟି କରିଛି ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ

ଭୁବନେଶ୍ୱର, ୪।୧୧ (ନି.ପ୍ର) : ବର୍ତମାନ ଜାରି ରହିଥିବା ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲରେ ଆମାଜନ ହାସଲ କରିଥିବା ଏକାଧିକ ସଫଳତା ବିଷୟରେ ଘୋଷଣା କରିଛି। ଏହି ସପିଂ ଇଭେଂଟ ଗ୍ରାହକ ସଂଚୟ, ସପିଂ ପରିମାଣ, ସେଲର ସଫଳତା ଓ ଡେଲିଭରି ବେଗ କ୍ଷେତ୍ରରେ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଛି। ଏଥିସହିତ ଆମାଜନ ଏହି ସେଲ୍ ସମୟରେ ୩୯୩ କୋଟିରୁ ଅଧିକ ଗ୍ରାହକ ପରିଦର୍ଶନ ଆକର୍ଷିତ କରିପାରିଛି। ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ୨୦୨୬ ସମୟରେ ଗ୍ରାହକମାନେ ଆକର୍ଷଣୀୟ ଡିଲ୍, ତତ୍କାଳ ବ୍ୟାଙ୍କ ରିହାତି, କ୍ୟାଶବ୍ୟାକ, ଆମାଜନ ପେ ରିୱାର୍ଡ, ମାଗଣା ପ୍ରାଇମ ଡେଲିଭରି ମାଧ୍ୟମରେ ୨୮୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ସଂଚୟ କରିଛନ୍ତି ଯାହା ଏକ ନୂଆ ବେଂଚମାର୍କ ସୃଷ୍ଟି କରିଛି। ଏହି ଇଭେଂଟ ସମୟରେ କିଣାଯାଇଥିବା ପ୍ରତି ୩ ୟୁନିଟ୍ରୁ ଗୋଟିଏ ୟୁନିଟ୍ ଉପରେ କ୍ୟାଶବ୍ୟାକ୍ ମିଳିଥିଲା। ଏହାଛଡା ଏହି ସମୟରେ ଆମାଜନରେ ସପିଂ ପରିମାଣରେ ୫୦% ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ପ୍ରାଇମ ସଦସ୍ୟମାନେ ପ୍ରାଇମ-ଓନ୍ଲି ଅଫର ସହିତ ବାର୍ଷିକ ଆଧାରରେ ୧୦ଗୁଣରୁ ଅଧିକ ସଂଚୟ କରିଥିବା ବେଳେ ସେମ୍-ଡେ ଡେଲିଭରିରେ ୩.୬ ଗୁଣ ବୃଦ୍ଧି ଘଟିଛି। ଆମାଜନ ଇଣ୍ଡିଆର ଉପାଧ୍ୟକ୍ଷ ସୌରଭ ଶ୍ରୀବାସ୍ତବ କହିଛନ୍ତି, 'ଦେଶବ୍ୟାପୀ ଗ୍ରାହକମାନେ ନିଜର ପାର୍ବଣ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମାଜନ ଡଟ୍ ଇନକୁ ଚୟନ କରୁଥିବାର ଦେଖି ଆମେ କୃତଜ୍ଞ ଅନୁଭବ କରୁଛୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ଆମେ ଗ୍ରାହକଙ୍କ ପାଇଁ ୨୮୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ସଂଚୟ କରିପାରିଛୁ ଅଧିକ ସଂଖ୍ୟକ ନୂଆ ପ୍ରାଇମ ସଦସ୍ୟଙ୍କୁ ସ୍ୱାଗତ କରିଛୁ, ଆମର ସେଲରଙ୍କ ପାଇଁ ରେକର୍ଡ ଅଭିବୃଦ୍ଧି ଆଣିପାରିଛୁ ଏବଂ ଦେଶବ୍ୟାପର ଆମର ସବୁଠାରୁ ଦ୍ରୁତତମ ବେଗରେ ପ୍ରଡକ୍ଟ ଡେଲିଭର କରିଛୁ।

ଜିନ୍ଦଲ ଲାଇଫଷ୍ଟାଇଲର ପାଥରେଡି କାରଖାନାରେ ପାଉଡର କୋଟିଂ ୟୁନିଟ୍ କାର୍ଯ୍ୟକ୍ଷମ

ଭିତିଭୂମି ଓ ମୋବିଲିଟି କ୍ଷେତ୍ର ପାଇଁ ଉନ୍ନତ ଫିନିଶିଂ କ୍ଷମତାର ସମ୍ପ୍ରସାରଣ

ଭୁବନେଶ୍ୱର, ୪।୧୧ (ନି.ପ୍ର) : ଭାରତର ସର୍ବବୃହତ୍ ଷ୍ଟେନ୍ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସର ସହଯୋଗୀ ସଂସ୍ଥା ଜିନ୍ଦଲ ଲାଇଫଷ୍ଟାଇଲ୍ ହରିୟାଣାର ଗୁରୁଗ୍ରାମସ୍ଥିତ ପାଥରେଡି କାରଖାନାରେ ଏକ ଅତ୍ୟାଧୁନିକ ପାଉଡର କୋଟିଂ ୟୁନିଟ୍ କାର୍ଯ୍ୟକ୍ଷମ କରିଛି। ଏହି ୟୁନିଟର ବାର୍ଷିକ ଉତ୍ପାଦନ କ୍ଷମତା ୫,୦୦୦ ମେଟ୍ରିକ୍ ଟନ୍ ରହିଛି। ଏହା ଦ୍ୱାରା କମ୍ପାନୀର ଉତ୍ପାଦନ କ୍ଷମତାରେ ନୂତନ ଫିନିଶିଂ ସୁବିଧା ଯୋଡ଼ି ହୋଇଛି। ଫଳରେ ମେଟ୍ରୋ ରେଳ ବ୍ୟବସ୍ଥା, ଅଟୋମୋବାଇଲ୍, ଭିତିଭୂମି, ମେଡିକାଲ୍ ଉପକରଣ ରାକ୍, ଓଇଏମ୍ ଲଗେଜ୍ ହ୍ୟାଣ୍ଡଲିଂ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ଶିଳ୍ପ କ୍ଷେତ୍ର ପାଇଁ ବିଭିନ୍ନ ପ୍ରକାରର ଫିନିଶ୍ଡ ପ୍ରଡକ୍ଟ ଯୋଗାଇବାରେ କମ୍ପାନୀ ସକ୍ଷମ ହେବ। ଏହି ୟୁନିଟରେ ସ୍ୱୟଂଚାଳିତ କନଭେୟର୍ ଭିତିକ ପ୍ରକ୍ରିୟା ସହ ସ୍ପ୍ରେ ଟେକ୍ନୋଲୋଜି, ନଅଟି ୱାଟର ଟ୍ୟାଙ୍କ୍ ଏବଂ ଉନ୍ନତ



ନାନୋ ପ୍ରି-ଟ୍ରିଟମେଂଟ କେମିଷ୍ଟ୍ରି ବ୍ୟବହାର କରାଯାଇଛି। ବିଭିନ୍ନ ଆକାରର ଉପକରଣ ଓ ଯନ୍ତ୍ରାଂଶକୁ ପ୍ରକ୍ରିୟାକରଣ କରିବା ପାଇଁ ଏହାର କନଭେୟର୍ ସିଷ୍ଟମକୁ ଡିଜାଇନ୍ କରାଯାଇଛି। ଏହି ବ୍ୟବସ୍ଥା ମୋବିଲିଟି ଓ ଭିତିଭୂମି କ୍ଷେତ୍ରର ବିଭିନ୍ନ ଆବଶ୍ୟକତା ଅନୁଯାୟୀ ଉତ୍ପାଦର ଫିନିଶିଂ କାର୍ଯ୍ୟକୁ ସହଜ କରିବ। ଏହି ଅବସରରେ ଜିନ୍ଦଲ ଲାଇଫଷ୍ଟାଇଲର ସିଇଓ ଶ୍ରୀ ଧୀରେନ୍ଦ୍ର ବାହାଦୁର ସିଂହ କହିଛନ୍ତି, 'ଗ୍ରାହକଙ୍କ ଆବଶ୍ୟକତା ଓ ଆଶା ନିରନ୍ତର ପରିବର୍ତନ ହେଉଥିବାରୁ, ସେମାନଙ୍କ ବିଭିନ୍ନ କାର୍ଯ୍ୟକ୍ଷମ ଓ ସୌନ୍ଦର୍ଯ୍ୟଗତ ଆବଶ୍ୟକତା ପୂରଣ କରିପାରୁଥିବା ଫିନିଶ୍ଡ ପ୍ରଡକ୍ଟ ଯୋଗାଇବା ଉପରେ ଆମେ ଗୁରୁତ୍ୱ ଦେଉଛୁ। ନୂତନ ପାଉଡର କୋଟିଂ ୟୁନିଟ୍ ଆମ ଉତ୍ପାଦନ କ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ନୂତନ ଦିଗ ଯୋଡ଼ିଛି। ଆମର ବର୍ତମାନର ଉତ୍ପାଦ ବିଶେଷଜ୍ଞତା ସହିତ ଏହା ବିଭିନ୍ନ ପ୍ରକାରର ସର୍ଫେସ୍ ଫିନିଶ୍ ପ୍ରଦାନ କରିବାରେ ଅଧିକ ସୁବିଧା ଦେବ। ଆମର ଉତ୍ପାଦ ପୋର୍ଟଫୋଲିଓକୁ ବ୍ୟାପକ କରିବା ଏବଂ ବିଭିନ୍ନ କ୍ଷେତ୍ର ଓ ବଜାରର ଆବଶ୍ୟକତା ପୂରଣ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ବର୍ଦ୍ଧିତ ଉତ୍ପାଦନ ଓ ଫିନିଶିଂ କ୍ଷମତା ଦ୍ୱାରା କମ୍ପାନୀର ଲଗେଜ୍ ହ୍ୟାଣ୍ଡଲିଂ ସିଷ୍ଟମ୍ ଏବଂ ମେଟ୍ରୋ ରେଳ ପୋର୍ଟଫୋଲିଓ ଅଧିକ ସୁଦୃଢ଼ ହେବ। ଏହି ପୋର୍ଟଫୋଲିଓରେ ହ୍ୟାଣ୍ଡ୍ରେଲ୍, ରେଳ କୋଚ୍ର କାର୍ ବଡି ସେଲର ବିଭିନ୍ନ ଅଂଶ ଯଥା ସାଇଡ୍ ୱାଲ୍, ରୁଫ୍, ଏଣ୍ଡ ୱାଲ୍ ଓ ଅଣ୍ଡରଫ୍ରେମ୍, ଏହା ସହିତ ଇଲେକ୍ଟ୍ରିକାଲ୍ କ୍ୟାବିନେଟ୍ ଏବଂ ବ୍ୟାଟେରୀ ବକ୍ସ ଆଦି ରହିଛି। ଜିନ୍ଦଲ ଲାଇଫଷ୍ଟାଇଲ୍ ଭାରତ ସମେତ ଜର୍ମାନୀ, ନ୍ୟୁଜିଲାଣ୍ଡ, ୟୁଏଇ ଏବଂ ବ୍ରାଜିଲ୍ ଭଳି ଅନ୍ତର୍ଜାତୀୟ ବଜାରର ବିଭିନ୍ନ ପ୍ରକଳ୍ପ ଓ ଗ୍ରାହକଙ୍କୁ ପୂର୍ବରୁ ଫିନିଶ୍ଡ ପ୍ରଡକ୍ଟ ଯୋଗାଇ ଆସୁଛି। ନୂତନ ୟୁନିଟ୍ ଦ୍ୱାରା କମ୍ପାନୀ ଏବେ ଆହୁରି ବ୍ୟାପକ ଫିନିଶିଂ ସମାଧାନ ପ୍ରଦାନ କରିପାରିବ।

ଅଭିଭା ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ ଭୁବନେଶ୍ୱରରେ 'ଅବଆପକୀବାରି' ଅଭିଯାନ

ଭୁବନେଶ୍ୱର, ୪।୧୧ (ନି.ପ୍ର) : ଓଡ଼ିଶାରେ ନୂତନ କ୍ୟାରିୟର ସୁଯୋଗ ସୃଷ୍ଟି ତଥା 'ୱେଲନେସ୍ ଆଡଭାଇଜର' ନେଟୱାର୍କକୁ ମଜବୁତ କରିବା ନିମନ୍ତେ 'ଅଭିଭା ଲାଇଫ୍ ଇନ୍ସୁରାନ୍ସ କମ୍ପାନୀ ଇଣ୍ଡିଆ ଲିମିଟେଡ୍' ପକ୍ଷରୁ ଏହାର ଅବଆପକୀବାରି ଅଭିଯାନକୁ କୋଲକାତା ପରେ ଏବେ ଭୁବନେଶ୍ୱରରେ ଶୁଭାରମ୍ଭ କରାଯାଇଛି ।

ଏହି ଅଭିଯାନ ବିଭିନ୍ନ ବୃତିଗତ ଏବଂ ସାମାଜିକ ପୃଷ୍ଠଭୂମିର ବ୍ୟକ୍ତିମାନଙ୍କୁ ଅଭିଭା ୱେଲନେସ ଆଡଭାଇଜର୍ ଭାବରେ ଏକ କ୍ୟାରିୟର ଆରମ୍ଭ କରିବାକୁ ପ୍ରୋତ୍ସାହିତ କରିବ । ପୂର୍ବ ଭାରତରେ ଅଭିଭାର ଅଭିବୃଦ୍ଧି ପାଇଁ ଭୁବନେଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ବଜାର, ଯାହା ଏହି ଅଂଚଳରେ ଏହାର ଏଜେନ୍ସି ଚ୍ୟାନେଲର ଉତ୍ସାହଜନକ ପ୍ରଦର୍ଶନ ଯୋଗୁଁ ସମ୍ଭବ । ବୃଦ୍ଧି ପାଉଥିବା ବୃତିଗତ କର୍ମଶକ୍ତି ଏବଂ ଦ୍ରୁତ ଗତିରେ ପରିବର୍ତିତ ହେଉଥିବା ଉଦ୍ୟୋଗ ପରିବେଶ ସହିତ, ଏହି ସହର ଆଡଭାଇଜର୍ ନେଟୱାର୍କକୁ ବ୍ୟାପକ କରିବା ଏବଂ ଅଧିକ ପରିବାର ପାଖରେ ବହଂଚିବା ପାଇଁ ବଡ଼ ସୁଯୋଗ ପ୍ରଦାନ କରେ ।

ଏହି ଅଂଚଳରେ ସ୍ଥାନୀୟ କାର୍ଯ୍ୟକ୍ରମଗୁଡ଼ିକ ଜରିଆରେ, ଅଭିଭା ଆଗ୍ରହୀ ଆଡ଼ଭାଇଜର ବୃତିଗତ ଏବଂ ସମ୍ପର୍କୀୟମାନଙ୍କ ସହିତ ଯୋଡ଼ି ହେବାକୁ ଲକ୍ଷ୍ୟ ରଖିଛି, ଯାହା ଆର୍ଥିକ ସୁରକ୍ଷା ଏବଂ ପ୍ରସ୍ତୁତି ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ସହିତ କମ୍ପାନୀର ଉପସ୍ଥିତିକୁ ଆହୁରି ମଜବୁତ କରିବ । ଗ୍ରାହକଙ୍କ ଆବଶ୍ୟକତା ଯେହେତୁ ବଦଳୁଛି, ବୀମା ପରାମର୍ଶଦାତାମାନଙ୍କ ଭୂମିକା କେବଳ ପଲିସି କ୍ରୟକୁ ସୁଗମ କରିବା ଠାରୁ ଆଗକୁ ବଢ଼ି ବ୍ୟକ୍ତି ଏବଂ ପରିବାରଗୁଡ଼ିକୁ ସଠିକ୍ ଆର୍ଥିକ ନିଷ୍ପତି ନେବାରେ ସାହାଯ୍ୟ କରିବା କ୍ଷେତ୍ରରେ ସମ୍ପ୍ରସାରିତ ହେଉଛି ।

ଭୁବନେଶ୍ୱରରେ ଅତ୍ୟାଧୁନିକ କିଡନୀ ଓ ୟୁରୋଲୋଜି ହସ୍ପିଟାଲ୍ ଆରମ୍ଭ କଲା ଏଆଇଏନ୍ୟୁ

ଭୁବନେଶ୍ୱର, ୪।୧୧ (ନି.ପ୍ର) : ଭାରତର ଅଗ୍ରଣୀ ସୁପର ସ୍ପେଶାଲିଟି ହସ୍ପିଟାଲ୍ ନେଟୱର୍କ ମଧ୍ୟରୁ ଅନ୍ୟତମ ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ନେଫ୍ରୋଲୋଜି ଆଣ୍ଡ ୟୁରୋଲୋଜି (ଏଆଇଏନ୍ୟୁ) ଭୁବନେଶ୍ୱରରେ ଏହାର ଅତ୍ୟାଧୁନିକ ହସ୍ପିଟାଲ୍ ଆରମ୍ଭ କରି ସାରା ଭାରତରେ ନିଜର ସେବାକୁ ଆହୁରି ସମ୍ପ୍ରସାରିତ କରିଛି। ଦେଶରେ ଏହା ଏଆଇଏନ୍ୟୁର ଅଷ୍ଟମ ହସ୍ପିଟାଲ୍। ଏହା ମାଧ୍ୟମରେ ଉନ୍ନତ ଓ ରୋଗୀକୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଅନୁଷ୍ଠାନର ୧୩ ବର୍ଷର ଯାତ୍ରାରେ ଆଉ ଏକ ମାଇଲଖୁଂଟ ଯୋଡ଼ି ହୋଇଛି। ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ହସ୍ପିଟାଲ୍ର ଶୁଭାରମ୍ଭ କରିଥିଲେ। ଓଡ଼ିଶାରେ କିଡନୀ ରୋଗ ବୃଦ୍ଧିକୁ ନେଇ ଚିଂ ପ୍ରକାଶ ପାଉଥିବା ସମୟରେ ଏହି ହସ୍ପିଟାଲ୍ ଆରମ୍ଭ ହୋଇଛି। ଅକ୍ଟୋବର ୨୦୨୬ରେ ପ୍ରକାଶିତ ଆଇସିଏମ୍ଆର-ଏନ୍ଆଇଏଚଆରର ଏକ ଅଧ୍ୟୟନ ଅନୁଯାୟୀ, ଓଡ଼ିଶାର ଆଦିବାସୀ ବହୁଳ ୧୪ଟି ଜିଲ୍ଲାର ୫୩ଟି ଆଦିବାସୀ ସମ୍ପ୍ରଦାୟର ୧୯,୭୦୩ ଜଣ ବୟସ୍କଙ୍କ ମଧ୍ୟରୁ ୨୪.୮ ପ୍ରତିଶତଙ୍କ ଠାରେ କିଡନୀ କାର୍ଯ୍ୟକ୍ଷମତା ହ୍ରାସ ପାଇଥିବା ଜଣାପଡ଼ିଛି। ଏଆଇଏନ୍ୟୁର ଏହି ନୂତନ ହସ୍ପିଟାଲ୍ରେ ନେଫ୍ରୋଲୋଜି, ୟୁରୋଲୋଜି, ୟୁରୋ-ଅଙ୍କୋଲୋଜି, ରୋବୋଟିକ୍ ସର୍ଜରୀ, କିଡନୀ ପ୍ରତିରୋପଣ, ଡାଏଲିସିସ୍, ଶିଶୁ ୟୁରୋଲୋଜି, ଆଣ୍ଡ୍ରୋଲୋଜି ଏବଂ ପୁନଃନିର୍ମାଣ ୟୁରୋଲୋଜି ଭଳି ବିଭିନ୍ନ ବିଶେଷଜ୍ଞ ଚିକିତ୍ସା ସେବା ଉପଲବ୍ଧ ହେବ। ଏଥିରେ ୧୨ଟି ଡାଏଲିସିସ୍ ଷ୍ଟେସନ୍, ତିନୋଟି ଅପରେସନ୍ ଥିଏଟର, ଅତ୍ୟାଧୁନିକ ଲେଜର୍ ପ୍ରଯୁକ୍ତି, ୩ଡି ଲାପାରୋସ୍କୋପି, ଆରଆଇଆରଏସ୍, ପିସିଏନ୍ଏଲ୍, ୩୨-ସ୍ଲାଇସ୍ ସିଟି ସ୍କାନର୍ ଏବଂ ଭିଡିଓ ୟୁରୋଡାଇନାମିକ୍ସ ଭଳି ଅତ୍ୟାଧୁନିକ ସୁବିଧା ରହିଛି। ଖୁବ୍‌ଶୀଘ୍ର ଏଠାରେ ରୋବୋଟିକ୍ ସହାୟତାରେ ୟୁରୋଲୋଜିକାଲ୍ ଅସ୍ତ୍ରୋପଚାର ସୁବିଧା ମଧ୍ୟ



ଆରମ୍ଭ କରାଯିବ। ଏଆଇଏନ୍ୟୁର ପରିଚାଳନା ନିର୍ଦ୍ଦେଶକ, ମୁଖ୍ୟ ପରାମର୍ଶଦାତା ୟୁରୋଲୋଜିଷ୍ଟ ତଥା ରୋବୋଟିକ୍ ସର୍ଜନ, ଡକ୍ଟର ମଲ୍ଲିକାର୍ଜୁନ ସି କହିଛନ୍ତି, '୧୩ ବର୍ଷର ଅଭିଜ୍ଞତା ଏବଂ ୬ ଲକ୍ଷରୁ ଅଧିକ ରୋଗୀଙ୍କ ଚିକିତ୍ସା ଅଭିଜ୍ଞତା ସହ ଏଆଇଏନ୍ୟୁ ଉନ୍ନତ ଚିକିତ୍ସା ପ୍ରଯୁକ୍ତି ଓ ଉତ୍କୃଷ୍ଟ ଚିକିତ୍ସା ସେବା ମାଧ୍ୟମରେ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ପ୍ରତିବଦ୍ଧ। ଭୁବନେଶ୍ୱରରେ ଆମର ଏହି ସମ୍ପ୍ରସାରଣ ଓଡ଼ିଶାବାସୀଙ୍କ ପାଇଁ ଗୁଣାତ୍ମକ କିଡନୀ ଓ ୟୁରୋଲୋଜି ଚିକିତ୍ସା ସେବାକୁ ଆହୁରି ସହଜ ଓ ସୁଲଭ କରିବ।' ଏଆଇଏନ୍ୟୁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ ପରାମର୍ଶଦାତା ୟୁରୋଲୋଜିଷ୍ଟ ଓ ୟୁରୋ-ଅଙ୍କୋଲୋଜିଷ୍ଟ ଡକ୍ଟର ପୂର୍ଣ୍ଣଚନ୍ଦ୍ର ରେଡ୍ଡୀ କହିଛନ୍ତି, 'ଓଡ଼ିଶାରେ ଆମର ସମ୍ପ୍ରସାରଣ ବିଶେଷଜ୍ଞ ୟୁରୋ-ନେଫ୍ରୋଲୋଜି ସେବାକୁ ଅଧିକ ଲୋକଙ୍କ ନିକଟରେ ପହଂଚାଇବା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଅତ୍ୟାଧୁନିକ ପ୍ରଯୁକ୍ତି, ଅଭିଜ୍ଞ ଡାକ୍ତର ଏବଂ ସମ୍ପୂର୍ଣ୍ଣ ଚିକିତ୍ସା ସେବାକୁ ରୋଗୀ ଓ ସେମାନଙ୍କ ପରିବାରର ନିକଟତର କରିବା ଆମର ଲକ୍ଷ୍ୟ।' ଏଆଇଏନ୍ୟୁର ବରିଷ୍ଠ ପରାମର୍ଶଦାତା ଡକ୍ଟର ପ୍ରଶାନ୍ତ ନାୟକ କହିଛନ୍ତି ଯେ, 'ଓଡ଼ିଶାବାସୀଙ୍କୁ ସେବା ଯୋଗାଇବା ପାଇଁ ପ୍ରମାଣଭିତିକ ଚିକିତ୍ସା, ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ଚିକିତ୍ସା ସେବା ଏବଂ ଅତ୍ୟାଧୁନିକ ମେଡିକାଲ୍ ପ୍ରଯୁକ୍ତି ଉପରେ ଆମର ଗୁରୁତ୍ୱ ରହିବ।' ଏସିଆ ହେଲ୍ଥକେୟାର ହୋଲ୍ଡିଂସ୍‌ର ଅଧ୍ୟକ୍ଷ ଶ୍ରୀ ବିଶାଳ ବାଲି କହିଛନ୍ତି ଯେ, ଓଡ଼ିଶାରେ ବୃଦ୍ଧି ପାଉଥିବା ବିଶେଷଜ୍ଞ ଚିକିତ୍ସା ସେବାର ଆବଶ୍ୟକତାକୁ ଏହି କେନ୍ଦ୍ର ଗୋଟିଏ ଛାତ ତଳେ ପୂରଣ କରିବ। ସେହିପରି ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସନ୍ଦୀପ ଗୁଡୁରୁ କହିଛନ୍ତି ଯେ, ଏହି ହସ୍ପିଟାଲ୍ ପୂର୍ବ ଭାରତରେ ଏଆଇଏନ୍ୟୁର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବ। ଭୁବନେଶ୍ୱରରେ ଏହି ନୂତନ ହସ୍ପିଟାଲର ଶୁଭାରମ୍ଭ ସହ ଅତ୍ୟାଧୁନିକ ଚିକିତ୍ସା ସୁବିଧା, ଅଭିଜ୍ଞ ବିଶେଷଜ୍ଞ ଡାକ୍ତର ଏବଂ ରୋଗୀକୈନ୍ଦ୍ରିକ ସେବା ମାଧ୍ୟମରେ ଓଡ଼ିଶାରେ କିଡନୀ ଓ ୟୁରୋଲୋଜି ସମ୍ବନ୍ଧୀୟ ବିଶେଷଜ୍ଞ ଚିକିତ୍ସାକୁ ଆହୁରି ସୁଦୃଢ଼ କରିବାକୁ ଏଆଇଏନ୍ୟୁ ଲକ୍ଷ୍ୟ ରଖିଛି।

ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଏବେ ନୂଆ ଆହ୍ୱାନର ସମ୍ମୁଖୀନ

ଭୁବନେଶ୍ୱର, ୪।୧୧ (ନି.ପ୍ର): : ଓଡ଼ିଶାର ଥିବା ଭରପୁର ଖଣିଜ ସମ୍ପଦ, ଦୃଢ ଶିଳ୍ପ ଭିତିଭୂମି ଏବଂ ବଡ଼ ଧରଣର ନିବେଶ ପ୍ରତିଶ୍ରୁତି ରାଜ୍ୟରେ ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ପାଇଁ ଏକ ବଡ଼ ସୁଯୋଗ ପ୍ରଦାନ କରୁଛି । ଏହା ସତ୍ତ୍ୱେ ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ବଢୁଥିବା ଶିଳ୍ପ ପ୍ରତିଯୋଗିତା ଓଡ଼ିଶା ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି । ଏଭଳି ସ୍ଥିତିରେ ପଡ଼ି ରହିଥିବା ଶିଳ୍ପ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଶେଷ କରିବା ସହ ନିବେଶକୁ ନିଯୁକ୍ତି ଓ ଆର୍ଥିକ ସମୃଦ୍ଧିରେ ପରିଣତ କରିବା ଜରୁରୀ ହୋଇପଡ଼ିଛି । ନିଜର ନୀତିଗତ ରିପୋର୍ଟ 'ଓଡ଼ିଶାର ଶିଳ୍ପାୟନ ପାଇଁ ନୂଆ ଆହ୍ୱାନ' ଜରିଆରେ ଥିଙ୍କ ଚେ ଫୋରମ୍ (ଟି.ସି.ଏଫ୍), ପୂର୍ବ ଭାରତ ଆର୍ଥିକ ପରିଷଦ ଅଧୀନରେ, ରାଜ୍ୟରେ ଖଣିଜଭିତିକ ଶିଳ୍ପାୟନକୁ ଆହୁରି ତ୍ୱରାନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛି । ଥିଙ୍କଚେଫୋରମର ଏହିରିପୋର୍ଟ ଅନୁଯାୟୀ, ପଡ଼ୋଶୀ ରାଜ୍ୟଗୁଡ଼ିକ ଶିଳ୍ପ କ୍ଷେତ୍ରରେ ବଡ଼ ନିବେଶ ଆଣିବାକୁ ଆଗେଇ ଆସୁଛନ୍ତି । ବେଦାନ୍ତ ପଶ୍ଚିମବଙ୍ଗରେ ୭୦,୦୦୦ରୁ ୮୦,୦୦୦ କୋଟି ଟଙ୍କା ନିବେଶ କରିବାକୁ ବିଚାର କରୁଛି, ଯାହାଦ୍ୱାରା ପ୍ରାୟ ୧୦,୦୦୦ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି । ସେହିପରି, ଆନ୍ଧ୍ରପ୍ରଦେଶର ଆନାକାପଲ୍ଲୀରେ ଏଏମ୍ଏନ୍ଏସ୍ ଇଣ୍ଡିଆ ୧.୩୬ ଲକ୍ଷ କୋଟି ଟଙ୍କାର ଇସ୍ପାତ ପ୍ରକଳ୍ପକୁ ଆଗକୁ ବଢ଼ାଉଛି । ଏହି ନିବେଶଗୁଡ଼ିକ ଆଞ୍ଚଳିକ ଶିଳ୍ପାୟନର ବଢୁଥିବା ପ୍ରତିଯୋଗିତାକୁ ଦର୍ଶାଉଥିବାବେଳେ ଓଡ଼ିଶା ନିଜର ଶିଳ୍ପ ସମ୍ଭାବନାକୁ ନିବେଶ ଓ ନିଯୁକ୍ତିରେ ପରିଣତ କରିବାର ଆବଶ୍ୟକତାକୁ ମଧ୍ୟ ସ୍ପଷ୍ଟ କରୁଛି । ଭାରତର ମୋଟ ଚିହ୍ନଟ ବକ୍ସାଇଟ୍ ସମ୍ପଦର ୪୧% ଏବଂ ଦେଶର ମୋଟ ବକ୍ସାଇଟ୍ ଉତ୍ପାଦନର ୭୨.୫% ଓଡ଼ିଶାରେ ରହିଛି । ରାଜ୍ୟରେ ଏକ ସୁଦୃଢ଼ ଆଲୁମିନିୟମ୍ ଶିଳ୍ପ ବ୍ୟବସ୍ଥା ଥିବାରୁ ପଡ଼ି ରହିଥିବା ପ୍ରକଳ୍ପଗୁଡ଼ିକ ଉପରେ ଠିକ୍ ସମୟରେ ନିଷ୍ପତି ନେଲେ ଆହୁରି ଅଧିକ ନିବେଶ ଆସିପାରିବ । ଏହାଦ୍ୱାରା ଆଲୁମିନିୟମ୍ ଉତ୍ପାଦନ ଓ ଏହାର ପରବର୍ତୀ ଶିଳ୍ପ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବା ସହ ବ୍ୟାପକ ନିଯୁକ୍ତି ଓ ଆର୍ଥିକ ଅଭିବୃଦ୍ଧି ସମ୍ଭବ ହେବ । ଥିଙ୍କ୍ ଚେ ଫୋରମ୍ର ସେକ୍ରେଟାରୀ ଜେନେରାଲ୍ ଶ୍ରୀ ରଙ୍ଗାନାଥ ତନ୍ନିର କହିଛନ୍ତି, 'ପୂର୍ବ ଭାରତରେ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ନୂଆ ଆର୍ଥିକ ସୁଯୋଗ ସୃଷ୍ଟି କରୁଛି । ଓଡ଼ିଶାର ପ୍ରଚୁର ଖଣିଜ ସମ୍ପଦ, ସୁଦୃଢ଼ ଶିଳ୍ପ ଭିତିଭୂମି ଓ ବଡ଼ ନିବେଶ ସମ୍ଭାବନାକୁ ଉପଯୋଗ କରିବାର ଏହା ଉପଯୁକ୍ତ ସମୟ । ଏଥିପାଇଁ ପଡ଼ି ରହିଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଆଗେଇ ନେବା, ଖଣିଜଭିତିକ ଶିଳ୍ପର ସମ୍ପ୍ରସାରଣ ଏବଂ ବିଶେଷକରି ପଛୁଆ ଜିଲ୍ଲାଗୁଡ଼ିକରେ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଦରକାର । ବ୍ୟବସାୟ କରିବାର ସହଜତା ସହ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟକାରିତା, ସମୟୋଚିତ ଅନୁମୋଦନ ଓ ସମସ୍ୟାର ସମାଧାନ ମଧ୍ୟ ନିଶ୍ଚିତ କରିବାକୁ ହେବ । ଏହାଦ୍ୱାରା ଓଡ଼ିଶା ନିଜର ପ୍ରାକୃତିକ ସମ୍ପଦକୁ ଶିଳ୍ପ ଅଭିବୃଦ୍ଧି, ସ୍ଥାନୀୟ ନିଯୁକ୍ତି ଓ ଦୀର୍ଘସ୍ଥାୟୀ ଆର୍ଥିକ ସମୃଦ୍ଧିରେ ପରିଣତ କରିପାରିବ । ରିପୋର୍ଟରେ ଶିଳ୍ପ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାରେ ରହିଥିବା ସମସ୍ୟା ଉପରେ ମଧ୍ୟ ଆଲୋକପାତ କରାଯାଇଛି । ମାର୍ଚ୍ଚ ୨୦୨୬ର ଓଡ଼ିଶା ବିଧାନସଭା ତଥ୍ୟ ଅନୁଯାୟୀ, ୨୦୧୬ରୁ ଏପର୍ଯ୍ୟନ୍ତ ୨୪.୨୮ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ସହ ୧,୦୭୩ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି । କିନ୍ତୁ ଏଥିମଧ୍ୟରୁ ମାତ୍ର ୧୧୮ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ କାର୍ଯ୍ୟକ୍ଷମ ହୋଇଛି । ଅନ୍ୟ ୯୧୪ଟି ପ୍ରକଳ୍ପ ଏବେ ବି କାର୍ଯ୍ୟାନ୍ୱୟନ ପର୍ଯ୍ୟାୟରେ ଥିବାବେଳେ ୪୧ଟି ପ୍ରକଳ୍ପକୁ ପ୍ରତ୍ୟାହାର କିମ୍ବା ବାତିଲ କରାଯାଇଛି । ଥିଙ୍କଚେଫୋରମ୍ର ଏହି ରିପୋର୍ଟରେ ଓଡ଼ିଶାର ଶିଳ୍ପ ବିକାଶ ପାଇଁ ପାଞ୍ଚଟି ମୁଖ୍ୟ ପ୍ରାଥମିକତା ଉପରେ ଗୁରୁତ୍ୱ ଦିଆଯାଇଛି । ସେଗୁଡ଼ିକ ହେଲା, ଖଣିଜ ପ୍ରକଳ୍ପ ସହ ଜଡ଼ିତ ପରିବେଶ ଓ ସାମାଜିକ ସୁରକ୍ଷା ସମ୍ବନ୍ଧୀୟ ଆଇନଗତ ନିଷ୍ପତିର ଶୀଘ୍ର ସମାଧାନ, ଉଚ୍ଚସ୍ତରୀୟ ହସ୍ତକ୍ଷେପ ଓ ଉତରଦାୟିତ୍ୱ ମାଧ୍ୟମରେ ପଡ଼ି ରହିଥିବା ନିବେଶ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା, ସ୍ୱଚ୍ଛ ଓ ସମୟସୀମା ଆଧାରିତ ଅନୁମୋଦନ ବ୍ୟବସ୍ଥା ପ୍ରଚଳନ, ଖଣିଜଭିତିକ ଶିଳ୍ପକୁ ଆନୁଷଙ୍ଗିକ ଉତ୍ପାଦନ ଓ ସ୍ଥାନୀୟ ନିଯୁକ୍ତି ସହ ଯୋଡ଼ିବା ଏବଂ କାର୍ଯ୍ୟକ୍ଷମ ପ୍ରକଳ୍ପ, ବାସ୍ତବ ନିବେଶ ଓ ସୃଷ୍ଟି ହୋଇଥିବା ନିଯୁକ୍ତି ଆଧାରରେ ଶିଳ୍ପର ସଫଳତା ମାପିବା । ରିପୋର୍ଟରେ ଦ୍ରୁତ ଶିଳ୍ପାୟନ ସହିତ ପରିବେଶ ଓ ସାମାଜିକ ସୁରକ୍ଷା ଏବଂ ଆଇନଗତ ନିୟମ ପାଳନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ପ୍ରଚୁର ଖଣିଜ ସମ୍ପଦ, ସୁଦୃଢ଼ ଶିଳ୍ପ ଭିତିଭୂମି ଓ ନିବେଶକଙ୍କ ଆଗ୍ରହକୁ ଉପଯୋଗ କରି ଓଡ଼ିଶା ଦେଶର ଏକ ପ୍ରମୁଖ ଶିଳ୍ପ ଓ ଉତ୍ପାଦନ କେନ୍ଦ୍ର ଭାବେ ଗଢ଼ିଉଠିବାର ବିପୁଳ ସମ୍ଭାବନା ରଖିଛି ।

ଝାରସୁଗୁଡ଼ାରେ କିସ୍ନା ପକ୍ଷରୁ ସ୍ୱତନ୍ତ୍ର ଶୋ'ରୁମ୍ ଖୋଲିଲା

ଝାରସୁଗୁଡ଼ା,୪।୧୧ (ନି.ପ୍ର) : ଭାରତର ଅଗ୍ରଣୀ ଅଳଙ୍କାର ବ୍ରାଣ୍ଡ କିସ୍ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲରୀ ଓଡ଼ିଶାର ଝାରସୁଗୁଡାରେ ଏହାର ସ୍ୱତନ୍ତ୍ର ଶୋ'ରୁମ୍ ଉଦ୍ଘାଟନ କରିଛି । ସରବାହଲ ରୋଡରେ ଥିବା ସିଂଘଲ ଗ୍ୟାଲେରିଆରେ ଅବସ୍ଥିତ ଏହି ଶୋ'ରୁମ୍କୁ ହରିକ୍ରିଷ୍ଣା ଗ୍ରୁପର ପ୍ରତିଷ୍ଠାତା ଘନଶ୍ୟାମ ଢୋଲକିଆ ଏବଂ କିସ୍ନାର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟଲେଟ୍ ପାର୍ଟନେର୍ ବିକାଶ ଗୋଏଲ ଏବଂ ରୋଶନ ଅଗ୍ରୱାଲ ମିଳିତ ଭାବେ ଉଦ୍ଘାଟନ କରିଥିଲେ ।ବ୍ରାଣ୍ଡ ଉଦଘାଟନୀ ଉତ୍ସବକୁ ପାଳନ କରିବା ପାଇଁ କିସ୍ନା ଗ୍ରାହକଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫର ଲଂଚ କରିଛି । ଏଥିରେ ହୀରା ଏବଂ ସୁନା ଅଳଙ୍କାର ତିଆରି ଚାର୍ଜ ଉପରେ ୧୦୦% ପର୍ଯ୍ୟନ୍ତ ରିହାତି ସହିତ ମାତ୍ର ୨୫% ଅଗ୍ରୀମ ଦେୟ ବଦଳରେ ମୂଲ୍ୟର ଦୁଇଗୁଣ ପର୍ଯ୍ୟନ୍ତ ସୁନା ଦର ସୁରକ୍ଷା ସୁବିଧା ଅନ୍ତର୍ଭୁକ୍ତ । ବଦଳରେ ହୀରା ଅଳଙ୍କାର କିଣିବା ସମୟରେ ଗ୍ରାହକମାନେ ସେମାନଙ୍କ ପୁରୁଣା ସୁନାର ମୂଲ୍ୟର ୧୦୫% ପର୍ଯ୍ୟନ୍ତ ଲାଭ ମଧ୍ୟ ପାଇପାରିବେ । ଏହା ବ୍ୟତୀତ, ବ୍ରାଣ୍ଡ ହୀରା ଅଳଙ୍କାର ଉପରେ ୯୦% ବାଇବ୍ୟାକ୍ ଏବଂ ୯୫% ଏକ୍ସଚେ ମୂଲ୍ୟ ପ୍ରଦାନ କରୁଛି । ଗ୍ରାହକମାନେ କାର କିମ୍ବା ସ୍କୁଟର ଜିତିବାର ସୁଯୋଗ ପାଇଁ ଗ୍ରାଣ୍ଡ ଲକିଡ୍ରରେ ମଧ୍ୟ ଅଂଶଗ୍ରହଣ କରିପାରିବେ । ଏହି ଅବସରରେ



ହରିକ୍ରିଷ୍ଣ ଗ୍ରୁପ୍ର ପ୍ରତିଷ୍ଠାତା ଘନଶ୍ୟାମ ଢୋଲକିଆ କହିଛନ୍ତି, 'ଓଡ଼ିଶା କିସ୍ନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ସାରା ରାଜ୍ୟରେ ଆମର ଉପସ୍ଥିତି ବିସ୍ତାର କରିବାର ଅପାର ସମ୍ଭାବନା ରହିଛି । ଝାରସୁଗୁଡାରେ ଆମର ସ୍ୱତନ୍ତ୍ର ଶୋ'ରୁମ୍ ର ଶୁଭାରମ୍ଭ ଓଡ଼ିଶାରେ ଆମର ସମ୍ପ୍ରସାରଣ ଯାତ୍ରାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ । ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଉତ୍ସବ ଏବଂ ପ୍ରତ୍ୟେକ ପରିବାରର ଏକ ଅଂଶ ହେବା । 'ହର ଘର କିସ୍ନା'ର ଆମର ଲକ୍ଷ୍ୟକୁ ସାକାର କରିବା ଦିଗରେ ଆମେ କ୍ରମାଗତ ଭାବରେ ଆଗକୁ ବଢୁଛୁ ।' କିସ୍ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲରୀର ସିଇଓ ପରାଗ ଶାହା କହିଛନ୍ତି, 'ଝାରସୁଗୁଡାରେ ଆମର ଶୋ'ରୁମ୍ର ଶୁଭାରମ୍ଭ ଏହି ଅଂଚଳରେ କିସ୍ନାର ବଢୁଥିବା ଉପସ୍ଥିତିକୁ ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଅଟେ । ପାର୍ବଣ ଋତୁ ଏବଂ ଦୀପାବଳି ସମୟରେ ଅଳଙ୍କାର କିଣାକିଣି ଗତିଶୀଳ ହେଉଥିବାରୁ ଆମର ଉଦ୍ଦେଶ୍ୟ ହେଉଛି ଗ୍ରାହକମାନଙ୍କୁ ହୀରା ଏବଂ ସୁନା ଅଳଙ୍କାରର ବିସ୍ତୃତ ଶୃଙ୍ଖଳା ସହିତ ଏକ ପ୍ରିମିୟମ୍ ସପିଂ ଅଭିଜ୍ଞତା ପ୍ରଦାନ କରିବା । ଆକର୍ଷଣୀୟ ଉତ୍ସବ ଅଫର ଏବଂ ସ୍ୱତନ୍ତ୍ର କ୍ୟୁରେଟେଡ୍ ସଂଗ୍ରହ ମାଧ୍ୟମରେ, ଆମେ ଝାରସୁଗୁଡାରେ ପରିବାରର ଉତ୍ସବ ଏବଂ ବିଶେଷ ମୁହୂର୍ତକୁ ଅଧିକ ସ୍ମରଣୀୟ କରିବାକୁ ଲକ୍ଷ୍ୟ ରଖୁଛୁ । କିସ୍ନାର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟଲେଟ୍ ପାର୍ଟନେର୍ ବିକାଶ ଗୋଏଲ ଏବଂ ରୋଶନ ଅଗ୍ରୱାଲ କହିଛନ୍ତି, 'କିସ୍ନାର ବିଶ୍ୱାସର ଉତରାଧିକାରୀ ଏବଂ ଅସାଧାରଣ କାରିଗରୀକୁ ଝାରସୁଗୁଡାରେ ଆଣିବା ଆମ ପାଇଁ ଏକ ଗର୍ବର ମୁହୂର୍ତ । ଦୀପାବଳି ଏବଂ ଆଗାମୀ ଉତ୍ସବ ପାଖେଇ ଆସୁଥିବାରୁ ଆମର ସ୍ୱତନ୍ତ୍ର ଶୋ'ରୁମ୍ ଗ୍ରାହକମାନଙ୍କୁ ଉତ୍ସବର ଉପହାର ଏବଂ ବିଶେଷ ଉତ୍ସବ ପାଇଁ ବିଭିନ୍ନ ପ୍ରକାରର ହୀରା ଏବଂ ସୁନା ଅଳଙ୍କାର ପ୍ରଦାନ କରିବ । ଆମେ ଆମର ଗ୍ରାହକଙ୍କ ସହ ଦୀର୍ଘସ୍ଥାୟୀ ସମ୍ପର୍କ ଗଢିବା ଏବଂ ସେମାନଙ୍କ ଜୀବନର ସବୁଠାରୁ ଖୁସିର ମୁହୂର୍ତରେ ଏକ ଅଂଶ ହେବାକୁ ଅପେକ୍ଷା କରିଛୁ । ସାମାଜିକ ଦାୟିତ୍ୱବୋଧ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ କିସ୍ନା ଶୋ'ରୁମ୍ ଉଦଘାଟନ ଅବସରରେ ବଂଚିତ ଲୋକଙ୍କ ପାଇଁ ଖାଦ୍ୟ ବଂଟନ ଅଭିଯାନ ମଧ୍ୟ ଆୟୋଜନ କରିଥିଲା । ଏହା ବ୍ୟତୀତ କମ୍ପାନୀ ସ୍ୱଚ୍ଛ ଭାରତ ଅଭିଯାନ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ରକ୍ତଦାନ ଶିବିରକୁ ସମର୍ଥନ କରି ଏକ ସ୍ୱଚ୍ଛତା ଅଭିଯାନ କରିଥିଲା । ଏହି ପଦକ୍ଷେପ ମାଧ୍ୟମରେ କମ୍ପାନୀ ସମ୍ପ୍ରଦାୟ କଲ୍ୟାଣ ଏବଂ ପରିବେଶ ସଂରକ୍ଷଣ ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି ।

ଆନ୍ତଃମହାବିଦ୍ୟାଳୟ ବାସ୍କେଟବଲ ପ୍ରତିଯୋଗିତାରେ ଖ୍ରୀଷ୍ଟକଲେଜ ଚମ୍ପିୟାନ

କଟକ, ୪।୧୧ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆନ୍ତଃବିଦ୍ୟାଳୟ ବାସ୍କେଟବଲ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ଖ୍ରୀଷ୍ଟ ମହାବିଦ୍ୟାଳୟ ଚମ୍ପିୟାନ ହେବାର ଗୌରବଲାଭ କରିଛି । ଫାଇନାଲ ମ୍ୟାଚ୍‌ରେ ଗଭର୍ଣ୍ଣମେଂଟ୍ କଲେଜ ଅଫ୍ ଫିଜିକାଲ୍ ଏଜୁକେଶନ ଦଳକୁ ଖ୍ରୀଷ୍ଟ ମହାବିଦ୍ୟାଳୟ ୫୩-୨୬ ପଏଂଟ୍‌ରେ ପରାସ୍ତ କରି ବିଜୟ ହାସଲ କରିଛି । ଉଲ୍ଲେଖନୀୟ ସଫଳତା ପାଇଁ ବାସ୍କେଟବଲ ଦଳର କ୍ୟାପଟେନ୍ ସମର୍ପଣ ନାୟକ ଓ କୋଚ୍ ତଥା ଖେଳ ପ୍ରଶିକ୍ଷକ ଶୁଭମ୍ କୁମାର ସାହୁଙ୍କ ସମେତ ସମସ୍ତ ଖେଳାଳୀମାନଙ୍କୁ କଲେଜ



ପରିଚାଳନା ସଂପାଦକ ଶୁଭାଶିଷ ସାହୁ ଓ ଅଧ୍ୟକ୍ଷା ଡଃ ଦେବଯାନୀ ଦାଶ ଅଭିନନ୍ଦନ ଜଣାଇଛନ୍ତି ।

ନର୍ଟନ ମୋଟରସାଇକଲ୍‌ସ ପକ୍ଷରୁ ନୂଆ 'ନର୍ଟନ ୪୫୦ ଅର୍ବାନ' ମୋଟରସାଇକଲ୍ ଉନ୍ମୋଚିତ

ଭୁବନେଶ୍ୱର, ୪।୧୧ (ନି.ପ୍ର) : ବ୍ରିଟେନର ଅଗ୍ରଣୀ ମୋଟରସାଇକଲ୍ କମ୍ପାନି ନର୍ଟନ ମୋଟରସାଇକଲ୍‌ସ ପକ୍ଷରୁ ଇଆଇସିଏମ୍‌ଏରେ କମ୍ପାନିର ନୂଆ ମଡେଲ୍ ନର୍ଟନ ୪୫୦ ଅର୍ବାନକୁ ଉନ୍ମୋଚନ କରାଯାଇଛି। କମ୍ପାନି ପକ୍ଷରୁ ମ୍ୟାନ୍‌ଏକ୍ସ ଓ ମ୍ୟାନ୍ ଏକ୍ସଆର୍, ଆଟ୍‌ଲାସ୍ ଓ ଆଟ୍‌ଲାସ୍ ଜିଟିକୁ ପ୍ରଦର୍ଶନ କରାଯାଇଛି। ଇଆଇସିଏମ୍‌ଏ ୨୦୨୫ରେ ନର୍ଟନ ପକ୍ଷରୁ ପୁନରୁତ୍‌ଥାନ ରଣନୀତିକୁ ଉନ୍ମୋଚନ କରାଯାଇଥିଲା ଯେଉଁଥିରେ ୨୦୦ ନିୟୁତ ୟୁରୋ ନିବେଶ, ଶ୍ରମଶକ୍ତି ଓ ବିନିର୍ମାଣ କ୍ଷମତାରେ ବୃଦ୍ଧି, ଅନ୍ତର୍ଜାତୀୟ ରିଟେଲ୍ ନେଟୱର୍କରେ ବୃଦ୍ଧି ଓ ଚାରିଟି ନୂଆ ମୋଟରସାଇକଲ୍ ଉନ୍ମୋଚନ ଭଳି ବିଷୟ ଥିଲା। ୧୨ ମାସ ପରେ ନୂଆ ମୋଟରସାଇକଲ୍ ଉତ୍ପାଦନ ହେବା ସହ ଗ୍ରାହକଙ୍କୁ ଡେଲିଭରି ଜାରି ରହିଛି। କମ୍ପାନି ଏହାର ଭିତିଭୂମିକୁ ମଧ୍ୟ ସମ୍ପ୍ରସାରଣ କରୁଛି। ନର୍ଟନ ମୋଟରସାଇକଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରିଚାର୍ଡ ଆର୍ନୋଲ୍ଡ କହିଛନ୍ତି ଯେ, "ଗୋଟିଏ ବର୍ଷ ପୂର୍ବରୁ ଇଆଇସିଏମ୍‌ଏରେ ଆମେ ନର୍ଟନର ପୁନରୁତ୍‌ଥାନ ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଥିଲୁ। ବାର ମାସ ପରେ ଆମେ ଆମ ଆକାଂକ୍ଷ ପୂରଣ କରିଛୁ। ନୂଆ ମୋଟରସାଇକଲ୍ ଗ୍ରାହକଙ୍କ ନିକଟରେ ପହଂଚିଛି ଓ ଆମ ଅନ୍ତର୍ଜାତୀୟ ରିଟେଲ୍ ନେଟୱର୍କ ବଢୁଛି ଏବଂ ଆମେ ବ୍ରାଣ୍ଡ ପଛରେ ଥିବା ଶ୍ରମବଳ ଓ ଦକ୍ଷତାରେ ନିବେଶ ଜାରି ରଖିଛୁ। ମିଲାନରେ ଉନ୍ମୋଚନ କରାଯାଇଥିବା ନୂଆ ମଡେଲଗୁଡ଼ିକ ସେହି ଯାତ୍ରାର ପରବର୍ତୀ ପର୍ଯ୍ୟାୟକୁ ଦର୍ଶାଉଛି।" ନୂଆ ନର୍ଟନ ୪୫୦ ଅର୍ବାନ ହେଉଛି ଏକ ଗୋଟିଏ ସିଲିଣ୍ଡର ଥିବା ମୋଟରସାଇକଲ୍। ହାଲୁକା ଓ ବିବିଧ ବ୍ୟବହାର ପାଇଁ ମୋଟରସାଇକଲ୍ ଖୋଜୁଥିବା ଗ୍ରାହକମାନଙ୍କ ପାଇଁ ଏହାକୁ ପ୍ରସ୍ତୁତ କରାଯାଇଛି। ଗମନାଗମନ, ଭ୍ରମଣ ଏବଂ ସହରରେ ବୁଲାବୁଲି ପାଇଁ ଏହା ବେଶ ଉପଯୋଗୀ। ଏଥିରେ ରହିଛି ଏକ ସ୍ୱତନ୍ତ୍ର ଆଲୁମିନିୟମ ଫ୍ରେମ୍ ଓ ଏହା ନିଜର ମୂଳ ଡିଜାଇନ ପରମ୍ପରାକୁ ବଜାୟ ରଖିଛି। ଏହାର ସିଟ୍ ଓ ଟାଙ୍କି ଅଣଓସାରିଆ ରହିଛି। ୧୯୨୭ ନର୍ଟନ ସିଏସ୍୧ରୁ ପ୍ରେରଣା ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ନୂଆ ନର୍ଟନ ୪୫୦ ଅର୍ବାନ ହେଉଛି ଏକ ଆଧୁନିକ ନେକେଡ୍ ମୋଟରସାଇକଲ୍ ଯେଉଁଥିରେ ୧୭ ଇଂଚର ସିଲଭର୍ କାଷ୍ଟ ଚକ, ସିଲର୍ ଫ୍ରେମ୍ ଓ ରୋଡ୍ ଟାୟାର ରହିଛି। ନର୍ଟନ ମୋଟରସାଇକଲ୍‌ସର ଡିଜାଇନ ମୁଖ୍ୟ ସାଇମନ ସ୍କିନର କହିଛନ୍ତି ଯେ, "ନୂଆ ନର୍ଟନ ୪୫୦ ଅର୍ବାନରେ ଆମେ ଯାହା ଦେଖିବାର ସୁଯୋଗ ପାଇଛଉ ଯାହା ସବୁ କିଛି ନର୍ଟନକୁ ସ୍ୱତନ୍ତ୍ର କରିଥିବା ଆମର ବିଶ୍ୱାସ ରହିଛି। ତାହା ହେଉଛି ଆମ ଐତିହ୍ୟ, ଆମ ଡିଜାଇନ ଦର୍ଶନ, ଆମ କାରିଗରୀ ଓ ପ୍ରତିଟି ବିଷୟ ପ୍ରତି ଆମର ଧ୍ୟାନ ଏବଂ ଏକ ସମ୍ପୂର୍ଣ୍ଣ ନୂଆ ବର୍ଗ ଓ ରାଇଡର୍ ସମୁଦାୟକୁ ତାହା ଯୋଗାଇଦେବା। ଉଭୟ ଭର୍ସନରେ ମୋଟରସାଇକଲ୍ ଡିଜାଇନର ଏକ ଆଧୁନିକ ଓ ପ୍ରଗତିଶୀଳ ଆଭିମୁଖ୍ୟ ରହିଛି। ଉଦାହରଣ ସ୍ୱରୂପ ମୋ ପାଇଁ ନର୍ଟନ ୪୫୦ ଅର୍ବାନ ଏକ ନେକେଡ୍ ବାଇକ୍ ନୁହେଁ, ଏହା ଉପଯୁକ୍ତ ମଧ୍ୟ ନୁହେଁ। ଏହା ହେଉଛି ଉଭୟ ଶବ୍ଦର ମିଶ୍ରଣ।" ନର୍ଟନ ୪୫୦ ଅର୍ବାନର ଉଭୟ ମଡେଲ୍‌ରେ ଏକ ଲିକ୍ୱିଡ୍ କୁଲ୍‌ଡ ୪୫୪ ସିସି ସିଙ୍ଗଲ ସିଲିଣ୍ଡର ଇଂଜିନ ରହିଛି ଯାହା ୮୦୦୦ ଆରପିଏମରେ ୪୭ ପିଏସ ଓ ୬୦୦୦ ଆରପିଏମରେ ୪୫ ଏନଏମ ଟର୍କ ଉତ୍ପନ୍ନ କରୁଛି। ଏଥିରେ ୬ ସ୍ପିଡ୍ ଗିୟରବକ୍ସ ସହିତ କ୍ୱିକ୍ ସିଫ୍ଟର ରହିଛି। ଏହାର ୧୨ ଲିଟର ଇନ୍ଧନ ଟାଙ୍କି ଓ ୧୮୦ ଓଜନ ଏହାକୁ ବେଶ ଶକ୍ତିଶାଳୀ କରିପାରିଛି। ଏଥିରେ ଅତ୍ୟାଧୁନିକ ଫୋର୍କ, ସସ୍‌ପେନ୍‌ସନ୍ ଓ ଡିସ୍କ ବ୍ରେକ ସହିତ ବାଇବ୍ରି ବ୍ରେକିଂ ବ୍ୟବସ୍ଥା ଓ ଏବିଏସ୍ ରହିଛି। ଏହା ବ୍ୟତୀତ ଏଲ୍‌ଇଡି ହେଡ୍‌ଲାଇଟ୍ ବ୍ୟବସ୍ଥା, ୮ ଇଂଚର ଟିଏଫଟି ସ୍କ୍ରିନ, ୟୁଏସବି ସି-ଟାଇପ୍ ଚାର୍ଜର, ଟାୟାର ପ୍ରେସର ନିରୀକ୍ଷଣ ବ୍ୟବସ୍ଥା ମଧ୍ୟ ରହିଛି। ନର୍ଟନ ମୋଟରସାଇକଲ୍‌ସର ମୁଖ୍ୟ ବୈଷୟିକ ଅଧିକାରୀ ବ୍ରାୟାନ ଗିଲେନ୍ କହିଛନ୍ତି ଯେ, "ନର୍ଟନର ରିସର୍ଜେଂଟ୍ ଆମ ୧୨୮ ବର୍ଷର ଇତିହାସକୁ ସମ୍ମାନ ଜଣାଉଛି ଏବଂ ଏହା ଭବିଷ୍ୟତଧର୍ମୀ ମଧ୍ୟ। ସ୍ୱତନ୍ତ୍ର ଡିଜାଇନ, ଇଞ୍ଜିନିୟରିଂ ବିବରଣୀ, ସହଜଲବ୍ଧ ପ୍ରଦର୍ଶନ ଓ ପ୍ରଯୁକ୍ତିର ସେହି ସମାନ ମୂଳ ନୀତି ଅନୁସାରେ ପ୍ରତିଟି ନୂଆ ନର୍ଟନ ମୋଟରସାଇକଲ୍‌କୁ ବିକାଶ କରାଯାଉଛି ଯାହା ରାଇଡର୍ ଓ ମେସିନ୍ ମଧ୍ୟରେ ଥିବା ସମ୍ପର୍କରେ ଉନ୍ନତି ଆଣୁଛି। ସେହି ନୀତିକୁ ଆମେ କିଭଳି ଆମର ବ୍ୟାପକ ମୋଟରସାଇକଲ୍‌ଗୁଡ଼ିକରେ ବ୍ୟବହାର କରୁଥିବା ତାହାକୁ ଇଆଇସିଏମ୍‌ଏ ୨୦୨୬ ପ୍ରଦର୍ଶିତ କରିଛି।"

ସ୍କୁଲରେ ଶିକ୍ଷକ ନଥିବାରୁ ଜିଲ୍ଲାପାଳଙ୍କୁ ଅଭିଯୋଗ

କୁଚିଣ୍ଡା,୦୪/୧୧(ନି.ପ୍ର): ସ୍କୁଲରେ ପିଲା ଅଛନ୍ତି ହେଲେ ଶିକ୍ଷକ ନଥିବା ଫଳରେ ଦାବି ଜଣାଇବାକୁ ଆସିଛନ୍ତି ଗ୍ରାମବାସୀ ଓ ସରପଞ୍ଚ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପାରୁଅଭାଡି ହାଇସ୍କୁଲରେ।୧୯୪ ଜଣ ଛାତ୍ର ଛାତ୍ରୀ ନିଜ ଭବିଷ୍ୟତ ଗଢିବା ପାଇଁ ଆସୁଥିବା ବେଳେ କୌଣସି ଶିକ୍ଷକ ନଥିବା ନେଇ ଚିନ୍ତା ପ୍ରକଟ କରିଛନ୍ତି ଅଭିଭାବକ।ସ୍କୁଲରେ ମୋଟ ୭ ଜଣ ଶିକ୍ଷକ ଥିବା ବେଳେ ଜଣକର ବଦଳି ଓ ଅନ୍ୟ ମାନଂକୁ ଡେପୁଟେସନ ଦିଆଯାଇଥିବାରୁ ଏଭଳି ଘଟଣା ଘଟିଥିବା ଜଣାପଡିଛି।ତେଣୁ ଶୀଘ୍ର ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ କରିବା ସହିତ ସ୍କୁଲ ରେ ତାଲା ପକାଇବାକୁ କହିଛନ୍ତି ସରପଞ୍ଚ ଓ ଅଭିଭାବକ। ତେବେ ଆଜି ବ୍ଲକ ଶିକ୍ଷା ଅଧିକାରୀ ଙ୍କୁ ଭେଟିବାକୁ ଓ ଦାବି ଜଣାଇବାକୁ ଆସିଥିଲେ ମଧ୍ୟ ସେ ଉପସ୍ଥିତ ନଂ ଥିବାରୁ ନିରାଶ ହୋଇ ଜିଲ୍ଲାପାଳ ଙ୍କ ପାଖକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି ସମସ୍ତେ।



ଗୃହପାଳିତ ପଶୁ ମୃତ୍ୟୁରେ ଶ୍ମଶାନ ପାଲଟିଛି ଗଉଡପୁଟ

ପ୍ରାଣୀ ଚିକିତ୍ସାଳୟରେ ତାଲା, ସୋଇଛି ବିଭାଗ



ମାଲକାନଗିରି,୪/୧୦ (ନି.ପ୍ର) : ସରକାର ଗ୍ରାମାଞ୍ଚଳରେ ପ୍ରାଣୀସମ୍ପଦର ବିକାଶ ଓ ପଶୁପାଳକଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ବିଭିନ୍ନ ଯୋଜନା କରୁଥିବା ବେଳେ ଦୁର୍ଗମ ଅଞ୍ଚଳରେ ଏହାର ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଯୋଡ଼ାଆମ୍ବ ପଞ୍ଚାୟତ ଅନ୍ତର୍ଗତ ଗଉଡପୁଟ ଗ୍ରାମରେ ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇଥିବା ବେଳେ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ତାଲା ଝୁଲୁଥିବା ଅଭିଯୋଗ ହୋଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗତ କିଛି ମାସ ହେବ ଗ୍ରାମରେ ଏକ ଅଜଣା ରୋଗର ପ୍ରାଦୁର୍ଭାବ ଯୋଗୁଁ ଗୋଟିଏ ପରେ ଗୋଟିଏ ଛେଳି, ଗାଈ ଓ କୁକୁଡ଼ାଙ୍କ ମୃତ୍ୟୁ ଘଟୁଛି। ଗୃହପାଳିତ ପଶୁପକ୍ଷୀ ଗ୍ରାମର ଅନେକ ଗରିବ ପରିବାରଙ୍କ ଜୀବିକାର ମୁଖ୍ୟ ଆଧାର ହୋଇଥିବାରୁ ଏହି ମୃତ୍ୟୁ ସେମାନଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି। ତେବେ ରୋଗର କାରଣ ଚିହ୍ନଟ କରିବା କିମ୍ବା ପଶୁଙ୍କ ଚିକିତ୍ସା ପାଇଁ ବିଭାଗୀୟ ସ୍ତରରେ ଆବଶ୍ୟକ ପଦକ୍ଷେପ ନିଆଯାଉନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ସୁବିଧା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପ୍ରାଣୀ ଚିକିତ୍ସା କେନ୍ଦ୍ରଟି ଦୀର୍ଘଦିନ ଧରି ଅବ୍ୟବହୃତ ହୋଇ ପଡ଼ିରହିଛି। କେନ୍ଦ୍ରରେ ନିୟମିତ ତାଲା ଝୁଲୁଥିବା ବେଳେ ଚାରିପାଖ ଅନାବନା ଗଛଲତାରେ ଭରିଯାଇଛି। ଫଳରେ ସରକାରୀ ଅର୍ଥ ବ୍ୟୟରେ ନିର୍ମିତ ଏହି ଚିକିତ୍ସା କେନ୍ଦ୍ରର ଉଦ୍ଦେଶ୍ୟ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିଯୁକ୍ତ ଡାକ୍ତର ଓ କର୍ମଚାରୀମାନେ କେଉଁଠି ଏବଂ କେଉଁ ପରିସ୍ଥିତିରେ ଦାୟିତ୍ୱ ତୁଲାଉଛନ୍ତି, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ସରକାରଙ୍କ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଓ ଅନ୍ୟାନ୍ୟ ଯୋଜନା ଦୁର୍ଗମ ଅଞ୍ଚଳର ପଶୁପାଳକଙ୍କ ପାଖରେ କେତେଦୂର ପହଞ୍ଚୁଛି, ଗଉଡପୁଟର ସ୍ଥିତି ତାହାର ଏକ ଉଦାହରଣ ପାଲଟିଛି। ଗ୍ରାମରେ ପଶୁମୃତ୍ୟୁ ଜାରି ରହିଥିବା ବେଳେ ସମ୍ପୃକ୍ତ ବିଭାଗର ନିରବତାକୁ ନେଇ ଉଠିଛି ପ୍ରଶ୍ନ।

ତେଣୁ ଜିଲ୍ଲା ପ୍ରାଣୀସମ୍ପଦ ବିଭାଗ ତୁରନ୍ତ ଗଉଡପୁଟ ଗ୍ରାମରେ ଏକ ସ୍ୱତନ୍ତ୍ର ଚିକିତ୍ସକ ଦଳ ପଠାଇ ପଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗର କାରଣ ଚିହ୍ନଟ ଓ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରିବା ସହ ବନ୍ଦ ପଡ଼ିଥିବା ଚିକିତ୍ସା କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟ ଏବଂ ଅନୁପସ୍ଥିତି ସମ୍ପର୍କରେ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦାବି ହୋଇଛି।

ଡଙ୍କାରୀ ଜଙ୍ଗଲରେ ଦୁଇ ଦନ୍ତା ହାତୀଙ୍କ ପ୍ରବେଶ : ଲୋକେ ଆତଙ୍କିତ



ଚଣ୍ଡିଖୋଲ, ଧର୍ମଶାଳା, ୪।୧୧ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅଞ୍ଚଳ ର କଟକ ବନ ଖଣ୍ଡ ବୈରୀ- ଡାଳିଯୋଡ଼ା ବନାଞ୍ଚଳ ଗଡ଼ମଧୁପୁର ଫରେଷ୍ଟ ସେକ୍ସନ ର ଡଙ୍କାରୀ ଜଙ୍ଗଲ ରେ ଗତ କାଲି ମଙ୍ଗଳ ବାର ଦୁଇ ଦନ୍ତା ହାତୀ ଦେଖିବାକୁ ମିଳିଛି। ଏହି ଜଙ୍ଗଲ ରେ ହାତୀ କୁ ଦେଖି ସ୍ଥାନୀୟ ଜନସାଧାରଣ ଭୟଭୀତ ହୋଇ ପଡିଛନ୍ତି । ଏ ନେଇ ସ୍ଥାନୀୟ ଲୋକ ମନେ ବନ ବିଭାଗ କୁ ଖବର ଦେଇଥିଲେ। ଖବର ପାଇ ଡାଳିଯୋଡ଼ା ବନ ବିଭାଗ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧି ଙ୍କ ନିର୍ଦ୍ଦେଶ କ୍ରମେ ଗଡ଼ ମଧୁପୁର ଫରେଷ୍ଟ ର ବିକାଶ ରଞ୍ଜନ ସିଂ ଙ୍କ ନେତୃତ୍ୱରେ ସ୍କ୍ୱାର୍ଡ ସମ୍ପିତ ରାଉତ ଅମୁଲ୍ୟ ପ୍ରଧାନ ଏସ କେ ଜାବୀର. ତୋଫାନ କର. କରୁଣାକର କର. ରବି ନାୟକ ପ୍ରମୁଖ ଡ୍ରୋନ କ୍ୟାମେରା ସହଯୋଗରେ ହାତୀଙ୍କ ଗତି ବିଧିକୁ ନଜର ରଖିଛନ୍ତି । ଏହା ଜଣା ପଡୁଛି ପାଖ ଢେଙ୍କାନାଳ ଜଙ୍ଗଲ ରୁ ଏହି ଦନ୍ତା ହାତୀ ଦୁଇଟି ଆସି ଡଙ୍କାରୀ ଜଙ୍ଗଲ ରେ ପସି ଯାଇଛନ୍ତି। ତେଣୁ ଡଙ୍କାରୀ ଜଙ୍ଗଲ ର ପାଖା ପାଖିବସ ବାସ କରୁଥିବା ଗ୍ରାମ ବାସୀ ମନେ ଭୟଭୀତ ଅବସ୍ଥାରେ ଅଛନ୍ତି। ଡୁବୁରୀ ଓ ଚଣ୍ଡିଖୋଲ ବନ ବିଭାଗ କର୍ମଚାରୀ ହାତୀ ଘଉଡ଼ାଇବାରେ ନିୟୋଜିତ ରହିଥିବା ଜଣା ପଡିଛି।

ଜେକେ କାଗଜ କଳ ତରଫରୁ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର



ରାୟଗଡ଼ା/ଜେକେପୁର, ୪।୧୧ (ନି.ପ୍ର): ଜେକେ କାଗଜ କଳ ର ସାମାଜିକ ଦାୟିତ୍ୱ ବିଭାଗ ତରଫରୁ ପିତାମହଲ୍ ସ୍ଥିତ ଏଲ୍ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ସହଯୋଗ ରେ ଆଜି କୁମୁଟିପେଣ୍ଠରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇ ଥିଲା । ଏହି ଶିବିରରେ ମୋଟ ୪୨ ଜଣ ରୋଗୀ ଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରେ ୨୩ ଜଣ ରୋଗୀ ଙ୍କ ଦୂରଦୃଷ୍ଟି ଦୋଷ , ୫ ଜଣ ମୋତିଆବିନ୍ଦୁ, ୩ ଜଣ ଟେରିଜିମ୍ ସମସ୍ୟା ଥିବା ଚିହ୍ନଟ କରାଯାଇଛି। ମୋତିଆବିନ୍ଦୁ ରୋଗୀ ଙ୍କର ଫିଟନେସ ସାର୍ଟିଫିକେଟ ହେବାପରେ ଅସ୍ତ୍ରୋପଚାର ପାଇଁ ଏଲ୍ ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ, ପିତାମହଲକୁ ପଠାଯିବ। ଦୂରଦୃଷ୍ଟି ଥିବା ରୋଗୀ ଙ୍କୁ ପରବର୍ତ୍ତୀ ସମୟରେ ଚଷମା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଏଲ୍ ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ର ଭିଜନ୍ ଟେକ୍ନିସିଏନ ରାଜକୁମାରୀ କୌଶଲ୍ୟା ଚକ୍ଷୁ ପରୀକ୍ଷା କରିଥିବା ବେଳେ, ଜେ କେ କାଗଜ କଳ ର ସାମାଜିକ ଦାୟିତ୍ୱ ବିଭାଗ ର ଉପ ପ୍ରବନ୍ଧକ ହରି ହର ଖମାରି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ

ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଧାୟକ ଆକାଶ ଦାସନାୟକଙ୍କ ନିର୍ଦ୍ଦେଶ

ଯାଜପୁର,୪।୧୧ (ନି.ପ୍ର): କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ଓ ଜନକଲ୍ୟାଣକାରୀ ଯୋଜନାର ତ୍ୱରିତ କାର୍ଯ୍ୟାନ୍ୱୟନ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି (ACDC) ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଆରକ୍ଷୀ ଅଧୀକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସପନ କୁମାର ନନ୍ଦ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (CDO) ଶ୍ରୀ ଦେବୀ ପ୍ରସାଦ ମହାନ୍ତି ଏବଂ ଉପ-ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିଲେ।



ବୈଠକରେ ବିଧାୟକ ଶ୍ରୀ ଆକାଶ ଦାସନାୟକ ପ୍ରତ୍ୟେକ ବିଭାଗର କାର୍ଯ୍ୟାବଳୀର ବିସ୍ତୃତ ସମୀକ୍ଷା କରିବା ସହ ଅଞ୍ଚଳର ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ (CDMO) ସମ୍ପର୍କରେ ଆଲୋଚନା କରି ବିଧାୟକ ଶ୍ରୀ ଦାସନାୟକ କର୍ମଚାରୀ ନିଯୁକ୍ତି, ନୂତନ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ୧୫ ଦିନ ମଧ୍ୟରେ ହସ୍ତାନ୍ତର କରିବା, ନୂଆ ଭେଷଜ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଏବଂ ସୁରକ୍ଷା ଦୃଷ୍ଟିରୁ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ପାଚେରୀ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ।ଜନସଂଖ୍ୟାକୁ ଆଖିଆଗରେ ରଖି ଅନୁପଯୁକ୍ତ ଆମ୍ବୁଲାନ୍ସଗୁଡ଼ିକୁ ବଦଳାଇ ନୂତନ ଆମ୍ବୁଲାନ୍ସ ସେବା ଯୋଗାଇଦେବାକୁ ସେ ପରାମର୍ଶ ଦେଇଥିଲେ।

ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାଘାଟ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରି ଟେଣ୍ଡର ପ୍ରକ୍ରିୟା ଶେଷ ହେବା ମାତ୍ରେ ଠିକାଦାରମାନଙ୍କୁ ଆସନ୍ତା ଜୁନ୍ ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନୋଟିସ ଦେବା, ଜମି ଅଧିଗ୍ରହଣ ସମସ୍ୟାର ଶୀଘ୍ର ସମାଧାନ କରିବା ଓ ପିଚୁ ରାସ୍ତା କାମ ତୁରନ୍ତ ଆରମ୍ଭ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସରକାରୀ ସୌଧ ନିର୍ମାଣ କାର୍ଯ୍ୟକୁ ଆସନ୍ତା ମାର୍ଚ୍ଚ ସୁଦ୍ଧା ତ୍ୱରାନ୍ୱିତ କରିବା, ବ୍ୟାସନଗର ଷ୍ଟାଡିୟମର ପାଚେରୀ ନିର୍ମାଣ ଓ ଇନଡୋର ଷ୍ଟାଡିୟମରେ ସ୍ୱିମିଂ ପୁଲ୍ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳ ଓ ପରିମଳ ବିଭାଗର ଆଲୋଚନା ବେଳେ ବିଧାୟକ ସୌରଶକ୍ତି ପ୍ରକଳ୍ପର ଅଗ୍ରଗତି, ନଦୀକୂଳିଆ ଅଞ୍ଚଳରେ କୁମ୍ଭୀର ଆକ୍ରମଣରୁ ସୁରକ୍ଷା ପାଇଁ ବ୍ୟାରିକେଡ୍ ନିର୍ମାଣ ଓ ସଚେତନତା ସୃଷ୍ଟି, ନୂତନ ନଳକୂପ ସର୍ଭେ ? ଏବଂ ରାସ୍ତା ଖୋଳାଯିବା ପରେ ତୁରନ୍ତ ମରାମତି କରିବାକୁ କହିଥିଲେ। ଜଳସେଚନ ବିଭାଗର ମାଥୁରାପୁର ସ୍ଳିଚ୍ ଗେଟ୍ ?ର ସ୍ଥିତି, ଲିଫ୍ଟ ଜଳସେଚନ ବିଭାଗର ଅଚଳ ପ୍ରକଳ୍ପର ପୁନରୁଦ୍ଧାର ଏବଂ କ୍ଷୁଦ୍ର ଜଳସେଚନ ବିଭାଗର ଚେକ୍ ?ଡ୍ୟାମ୍ ସମ୍ପର୍କରେ ବିଧାୟକ ପଚାରି ବୁଝିଥିଲେ। କୋରେଇ ଏବଂ ରସୁଲପୁର ବିଡ଼ିଓ ମାନଙ୍କ ସହ ଆଲୋଚନା କରି ବିଧାୟକ ଶ୍ରୀ ଦାସନାୟକ ପ୍ରକଳ୍ପଗୁଡ଼ିକର ନିୟମିତ ସମୀକ୍ଷା, କଲ୍ୟାଣ ମଣ୍ଡପ ନିର୍ମାଣ ଶେଷ କରିବା, 'ଭିବି ଜି ରାମ ଜି' ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା, ସ୍ଥାନୀୟ ହାଟଗୁଡ଼ିକର ଭିତ୍ତିଭୂମି ବିକାଶ ଏବଂ ଲୋକଙ୍କ ସୁବିଧା ପାଇଁ ଆବଶ୍ୟକ ଅନୁସାରେ ରାସନ ଦୋକାନୀମାନଙ୍କର ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ବ୍ୟାସନଗର ପୌରପାଳିକାର ସାଧାରଣ ବିକ୍ରେତା ଓ ପନିପରିବା ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଅବକାରୀ ବିଭାଗକୁ ନିଶା ନିବାରଣ ପାଇଁ ସ୍ୱତନ୍ତ୍ର ଡ୍ରଗ୍ସ କଣ୍ଟ୍ରୋଲ ରୁମ୍ ସ୍ଥାପନ କରିବା ସହ ରାତି ୧୦ଟା ସୁଦ୍ଧା ମଦ ଦୋକାନ ବନ୍ଦ କରିବା ନିୟମକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଏହାସହ ଯୋଗାଣ ବିଭାଗର ଡିଲର ପଦବୀ ଓ ରାସନ କାର୍ଡ ଯାଞ୍ଚ, ଟ୍ରାନ୍ସଫର୍ମର ଓ ପାଣିକୋଇଲିଠାରେ ଡିଜିଟାଲ୍ ଗ୍ରୀଡ୍ ସ୍ଥାପନ ନେଇ ବିଦ୍ୟୁତ୍ ବିଭାଗ (TPNODL) ର କାର୍ଯ୍ୟ, ଜଙ୍ଗଲ ବିଭାଗର ବଜେଟ୍, ଏବଂ କୃଷି ଓ ଉଦ୍ୟାନ କୃଷି ବିଭାଗର ଯୋଜନାଗୁଡ଼ିକ ବିଷୟରେ ଚାଷୀମାନଙ୍କୁ ସଚେତନ କରିବା ଓ ସେମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ବିଭାଗର କାର୍ଯ୍ୟକାରିତା ଉପରେ ନିଜର ମାର୍ଗଦର୍ଶନ ଦେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ କହିଥିଲେ, 'ସାଧାରଣ କାର୍ଯ୍ୟରୁ ଊର୍ଦ୍ଧ୍ୱକୁ ଯାଇ କିଛି ଅସାଧାରଣ ଓ ଉତ୍କୃଷ୍ଟ କାମ କରି ଦେଖାଇବାକୁ ହେଲେ ଆମ ସମସ୍ତଙ୍କୁ ଆଉ ପାଦେ ଆଗକୁ ଯିବାକୁ ପଡ଼ିବ।' ଆଗାମୀ ACDC ବୈଠକ ପୂର୍ବରୁ ଅଧିକାଂଶ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ସହ ନିୟମିତ ପ୍ରଗତି ରିପୋର୍ଟ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ନିଜର ବାର୍ତ୍ତାରେ କହିଥିଲେ ଯେ, ସମସ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜର ଉତ୍ତରଦାୟିତ୍ୱ ନେଇ ଉଚ୍ଚ ମାନର କାର୍ଯ୍ୟ ସମ୍ପାଦନ କରିବା ଆବଶ୍ୟକ ଏବଂ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ କୋରେଇର ବିକାଶ କାର୍ଯ୍ୟକୁ ଆହୁରି ଆଗକୁ ନିଆଯିବ। ଏହି ବୈଠକରେ ଶ୍ରୀ ଦେବୀ ପ୍ରସାଦ ମହାନ୍ତି ପ୍ରାରମ୍ଭିକ ସ୍ୱାଗତ ଭାଷଣ ଦେଇଥିବା ବେଳେ କଳିଙ୍ଗନଗରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସପନ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଯୋଜନା ଓ ସମୀକ୍ଷା ୟୁନିଟ୍‌ର ଉପ-ନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ଶ୍ରୀ ମନୋଜ କୁମାର ନାୟକ ବୈଠକ ସଞ୍ଚାଳନ କରିଥିଲେ।

ପାରାଦୀପ ବନ୍ଦରର ଅବସରପ୍ରାପ୍ତ ଅଧିକାରୀ ତଥା ଶିକ୍ଷାବିତ ବିଭୂତି ଭୂଷଣ ମହାନ୍ତିଙ୍କ ପରଲୋକ

ପାରାଦୀପ,୪/୧୧ (ନି.ପ୍ର): ପାରାଦୀପ ବନ୍ଦରର ଅବସରପ୍ରାପ୍ତ ଅଧିକାରୀ ବିଭୂତି ଭୂଷଣ ମହାନ୍ତି (୮୦) ଙ୍କର ବୁଧବାର ସକାଳ ୫ଟା ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ହୃଦଘାତ ହେବା ଦ୍ୱାରା ପରଲୋକ ହୋଇଯାଇଛି। ସେ ପାରାଦୀପ ବନ୍ଦରରେ ପ୍ରଥମେ ପୋର୍ଟ ଟ୍ରଷ୍ଟ ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ ଓ ପରେ ପାରାଦୀପ ବନ୍ଦରର କମ୍ପ୍ୟୁଟର ବିଭାଗରେ ପ୍ରୋଗ୍ରାମିଂ ଅଧିକାରୀ ଭାବରେ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ବିଜୟ ଲକ୍ଷ୍ମୀ ମହାନ୍ତିଙ୍କର ପୂର୍ବରୁ ମୃତ୍ୟୁ ହୋଇ ଥିଲା ବେଳେ ବିଭୂତି ଭୂଷଣ ମହାନ୍ତି ଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି । ମୃତ୍ୟୁ ସମୟରେ ତାଙ୍କ ବଡ଼ ପୁଅ ପୂର୍ବତନ ଭଲିବଲ ଖେଳାଳି ତଥା



ପିପିଏଲ ଡିଏଭି ସ୍କୁଲର କ୍ରୀଡା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟ, ସାନ ପୁଅ ସୁବ୍ରତ କୁମାର, ଦୁଇ ଝିଅ ସ୍ୱାତୀ ସୁଚରିତା ଓ ସଂହିତା ସୁଚରିତା ଏବଂ ବଡ଼ ବୋହୂ ଶ୍ରୀମତୀ ମୋନୀ ଲାଲ ଉପସ୍ଥିତ ଥିଲେ । ଶ୍ରୀ ମହାନ୍ତିଙ୍କ ଶେଷ ଦର୍ଶନ ପାଇଁ ବହୁ ହିତାକାଂକ୍ଷୀ ଓ ବନ୍ଧୁ ବାନ୍ଧବ ହସ୍ପିଟାଲରେ ଉପସ୍ଥିତ ଥିଲେ । ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାର ଠାରେ ସମ୍ପନ୍ନ ହୋଇଥିଲା।

୯୨ ବର୍ଷ ବୟସରେ ବି ଅବ୍ୟାହତ ରହିଛି ରୋଗୀସେବା

ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଚଣ୍ଡୀ ଦାସଙ୍କୁ ଭେଟିଲେ ମେୟର ସୁବାସ ସିଂହ

କଟକ, ୪।୧୧ (ନି.ପ୍ର) : ବୟସ କେବଳ ଏକ ସଂଖ୍ୟା, ମନରେ ଯଦି ସେବାର ଆଗ୍ରହ ଓ ମାନବିକତାର ଭାବନା ରହିଥାଏ, ତେବେ ଜୀବନର ଶେଷ ପର୍ଯ୍ୟାୟରେ ମଧ୍ୟ ମଣିଷ ସମାଜ ପାଇଁ ନିଜର ଅବଦାନ ଜାରି ରଖିପାରେ। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଓଡ଼ିଶାର ପ୍ରଖ୍ୟାତ ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଚଣ୍ଡୀ ଦାସ। ଜୀବନର ୯୨ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ଦୀର୍ଘ ୬୨ ବର୍ଷ ଧରି



ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ରୋଗୀସେବା ଜାରି ରଖି ଆସିଛନ୍ତି ସେ। କଟକ ମହାନଗର ନିଗମ ପକ୍ଷରୁ ପରିଚାଳିତ ଜନସମ୍ପର୍କ ଓ ମାନବୀୟ ସମ୍ବେଦନଶୀଳତାର ନିଆରା ପ୍ରୟାସ 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ ଅନ୍ତର୍ଗତ ମେୟର ଶ୍ରୀ ସୁବାସ ସିଂହ ଆଜି ପ୍ରଫେସର ଚଣ୍ଡୀ ଦାସଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ମେୟର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଓ ଦୈନନ୍ଦିନ ଜୀବନଚର୍ଯ୍ୟା ସମ୍ପର୍କରେ ଆତ୍ମୀୟତାର ସହ ପଚାରି ବୁଝିବା ସହ ୯୨ ବର୍ଷ ବୟସରେ ମଧ୍ୟ ସେ କିପରି ଏତେ ଚଳଚଞ୍ଚଳ ରହି ରୋଗୀସେବା, ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ ରଖିଛନ୍ତି, ସେ ସମ୍ପର୍କରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ପ୍ରଫେସର ଦାସଙ୍କ ଜୀବନଶୈଳୀ ମଧ୍ୟ ଅତ୍ୟନ୍ତ ଶୃଙ୍ଖଳିତ ଓ ଆଧ୍ୟାତ୍ମିକତାପୂର୍ଣ୍ଣ। ସେ ପ୍ରତିଦିନ ସକାଳ ୬ଟାରେ କାଳୀ ମନ୍ଦିର ଦର୍ଶନ କରି ଦିନ ଆରମ୍ଭ କରିଥାନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ତାଙ୍କ ଚିକିତ୍ସା ଉପରେ ଅଗାଧ ବିଶ୍ୱାସ ଓ ଆସ୍ଥା ରଖି ଅନେକ ରୋଗୀ ତାଙ୍କ ନିକଟକୁ ଆସିଥାନ୍ତି। ଦୀର୍ଘ ଛଅ ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କର ନିଷ୍ପାପର ଚିକିତ୍ସା ସେବା କେବଳ କଟକ ନୁହେଁ, ସମଗ୍ର ଓଡ଼ିଶାରେ ତାଙ୍କୁ ଏକ ସମ୍ମାନନୀୟ ପରିଚୟ ପ୍ରଦାନ କରିଛି। କଟକ ସହରକୁ ଜାତୀୟ ସ୍ତରରେ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ସୁନାମ ଓ ପରିଚୟ ଦେବାରେ ପ୍ରଫେସର ଦାସଙ୍କ ଅବଦାନ ଉଲ୍ଲେଖନୀୟ। ରୋଗୀସେବା ସହିତ ସେ ବିଭିନ୍ନ ସାମାଜିକ ଓ ସେବାମୂଳକ କାର୍ଯ୍ୟରେ ମଧ୍ୟ ନିଜକୁ ସକ୍ରିୟ ଭାବେ ଜଡ଼ିତ ରଖିଛନ୍ତି। ଆଧ୍ୟାତ୍ମିକ ଓ ମାନବୀୟ ଆଦର୍ଶ ପ୍ରତି ତାଙ୍କର ଗଭୀର ଆସ୍ଥା ରହିଛି। ସେ ରାମକୃଷ୍ଣ ମିଶନ ସହ ଘନିଷ୍ଠ ଭାବେ ଜଡ଼ିତ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ବିଚାର ଓ ଆଦର୍ଶକୁ ନିଜ ଜୀବନର ପ୍ରେରଣା ଭାବେ ଗ୍ରହଣ କରିଛନ୍ତି। ବିଶେଷକରି ସ୍ୱାମୀ ବିବେକାନନ୍ଦଙ୍କ ଜୀବନଦର୍ଶନ, ଚରିତ୍ର ଗଠନ ଓ ମାନବସେବାର ବାର୍ତ୍ତାକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର ପାଠ୍ୟକ୍ରମରେ ସାମିଲ କରାଗଲେ ଛାତ୍ରଛାତ୍ରୀମାନେ ଉତ୍ତମ ଚରିତ୍ର ଓ ମାନବୀୟ ମୂଲ୍ୟବୋଧରେ ଗଢ଼ି ଉଠିପାରିବେ ବୋଲି ସେ ନିଜର ମତ ପ୍ରକାଶ କରିଥିଲେ। ଏହି ସାକ୍ଷାତକାର ସମୟରେ ମେୟର ଶ୍ରୀ ସୁବାସ ସିଂହ ପ୍ରଫେସର ଦାସଙ୍କ ଦୀର୍ଘ ୬୨ ବର୍ଷର ନିଷ୍ପାପର ରୋଗୀସେବା, ସମାଜ ପ୍ରତି ଅବଦାନ ଓ ଆଧ୍ୟାତ୍ମିକ ଜୀବନଶୈଳୀର ଉଚ୍ଚ ପ୍ରଶଂସା କରିଥିଲେ। ଏଭଳି ବରିଷ୍ଠ ଓ ଅନୁଭବୀ ବ୍ୟକ୍ତିତ୍ୱମାନେ ସମାଜର ଅମୂଲ୍ୟ ସମ୍ପଦ ଏବଂ ସେମାନଙ୍କ ଜୀବନ ସଂଘର୍ଷ ଓ ସେବାମନୋଭାବ ଆଗାମୀ ପିଢ଼ି ପାଇଁ ଏକ ମହାନ ପ୍ରେରଣା ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ବାନଲତା ପ୍ରଧାନ ଏବଂ ପ୍ରଫେସର ଦାସଙ୍କ ପୁତ୍ର, ସୁନାମଧନ୍ୟ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସିଦ୍ଧାର୍ଥ ଦାସ ଉପସ୍ଥିତ ଥିଲେ। 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ ମାଧ୍ୟମରେ ବରିଷ୍ଠ ନାଗରିକ, ବିଶିଷ୍ଟ ଚିକିତ୍ସକ, ସମାଜସେବୀ ଓ ସହରର ଅନୁଭବୀ ବ୍ୟକ୍ତିତ୍ୱଙ୍କ ସହ ଆତ୍ମୀୟ ସମ୍ପର୍କ ସ୍ଥାପନ କରିବା ସହ ସେମାନଙ୍କ ସୁଖଦୁଃଖ ବୁଝିବାର ଏହି ମାନବୀୟ ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଉଛି।

ଭାରୀଯାନ ଆତଙ୍କରେ କୋଇଡ଼ା

ଦୁଇ ପୃଥକ ଦୁର୍ଘଟଣାରେ ୪ ମୃତ

କୋଇଡ଼ା, ୦୪/୧୧ (ନି.ପ୍ର): ଖଣି ଅଞ୍ଚଳ କୋଇଡ଼ାରେ ସଡ଼କ ଦୁର୍ଘଟଣା ଆଜି ଦୁଇଟି ପରିବାରକୁ ଅଶ୍ରୁଳ କରିଦେଇଛି। ପୃଥକ୍ ପୃଥକ୍ ସ୍ଥାନରେ ଦୁଇଟି ଭୟାବହ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ସମେତ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଥମ ଦୁର୍ଘଟଣାଟି ରଉଜ NO-253/2026 କୋଇଡ଼ାର ଭବାନୀ ପେଟ୍ରୋଲ ପମ୍ପ ନିକଟରେ ଘଟିଛି। ସୂଚନା ଅନୁଯାୟୀ, କୋଇଡ଼ା ଲାଲ୍ ହାଟିଂର ବାସିନ୍ଦା ଯଶୋଦା ନାଏକ (୪୫) ନିକଟସ୍ଥ ଏକ ହୋଟେଲକୁ କାମ କରିବା ପାଇଁ ଚାଲିଚାଲି ଯାଉଥିବା ବେଳେ ଓଡି-୧୪-ଏଏଫ୍-୫୧୪୦ ନମ୍ବର ବିଶିଷ୍ଟ ଏକ ହାଇୱା ତାଙ୍କୁ ଧକ୍କା ଦେଇ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଦିନମଜୁରି କରି ପରିବାର ଚଳାଉଥିବା ଯଶୋଦାଙ୍କ ମୃତ୍ୟୁ ଅଞ୍ଚଳବାସୀଙ୍କୁ ଗଭୀର ମର୍ମାହତ କରିଛି।



ସେହିପରି ଦ୍ୱିତୀୟ ଦୁର୍ଘଟଣା FIR NO- 254/2026 ରେଙ୍ଗାଲବେଡ଼ା ଅଞ୍ଚଳରେ ଘଟିଛି। କୋଇଡ଼ା ଅଭିମୁଖେ ଯାଉଥିବା ଓଡି-୧୪-ଏଏନ୍-୩୭୮୬ ନମ୍ବର ବିଶିଷ୍ଟ ହାଇୱାଟି ସାମ୍ନାପଟୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେବା ସହ ଚଢ଼ିଯାଇଥିଲା। ଏଥିରେ ବାଇକ୍ ନମ୍ବର ଓଡି-୦୯-କେ-୧୨୬୦ର ଚାଳକ ବଡ଼ବିଲ୍ ସୁନ୍ଦରାବସ୍ତି ଅଞ୍ଚଳର ସୁରେନ୍ଦ୍ର ରାୟ ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି।

ଗୋଟିଏ ଦିନରେ ଦୁଇଟି ଦୁର୍ଘଟଣା ଓ ଦୁଇଟି ଅମୂଲ୍ୟ ଜୀବନର ଅନ୍ତ ଖଣି ଅଞ୍ଚଳରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ଚିନ୍ତା ବଢ଼ାଇଛି। ଭାରୀଯାନର ଅବାଧ ଚଳାଚଳ ମଧ୍ୟରେ ପଥଚାରୀ ଓ ଦୁଇଚକିଆ ଯାନ ଚାଳକଙ୍କ ସୁରକ୍ଷା କେତେ ସୁନିଶ୍ଚିତ, ତାହା ଏବେ ବଡ଼ ପ୍ରଶ୍ନ। ଖଣି ଅଞ୍ଚଳରେ ଟ୍ରାଫିକ୍ ନିୟନ୍ତ୍ରଣ, ଭାରୀଯାନ ଚଳାଚଳ ଉପରେ ନଜରଦାରି ଓ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ଉଠିଛି। ଦୁଇ ମୃତକଙ୍କ ପରିବାର ଏବେ ଶୋକସାଗରରେ ବୁଡ଼ି ରହିଛନ୍ତି।


ଆହତ ମାନସିକ ଭିନ୍ନକ୍ଷମଙ୍କ ସମେତ ୭ ଜଣଙ୍କୁ ଉଦ୍ଧାର କଲା ବ୍ୟାସ ଫାଉଣ୍ଡେସନ



ପାରାଦୀପ, ୪।୧୧ (ନି.ପ୍ର): ପାରାଦୀପ ନେହେରୁବଙ୍ଗଳା ସ୍ଥିତ ମାଛଧରା ବନ୍ଦରରେ ଜଣେ ୨୦ ବର୍ଷ ର ଜଣେ ମାନସିକ ଭିନ୍ନକ୍ଷମ ଯୁବକକୁ କେହି ଅତି ଅମାନୁଷିକ ଭାବେ ଆକ୍ରମଣ କରି ତାର ମୁଣ୍ଡ ଫଟାଇବା ସହ ଗୋଡ଼କୁ ଭାଙ୍ଗି ପକାଇଦେଇଥିଲା। ଦୁଇଦିନ ହେବ ଉକ୍ତ ଯୁବକ ଯନ୍ତ୍ରଣାରେ ଛଟପଟ ହେଉଥିବା ଖବର ପାଇ ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଏବଂ ତାଙ୍କ ଟିମ ବୁଧବାର ଦିନ ସକାଳେ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଆହତ ମାନସିକ ଭିନ୍ନକ୍ଷମ ଯୁବକକୁ ଉଦ୍ଧାର କରି ତାର ଚିକିତ୍ସା ନିମନ୍ତେ ପୁରୀର କଣାସ ଠାରେ ଥିବା ନୀଳାଞ୍ଚଳ ସେବାଶ୍ରମ ରେ ଅବସ୍ଥାପିତ କରିଛନ୍ତି। ଏତସହିତ ଶ୍ରୀମତୀ ଆଚାର୍ଯ୍ୟ ବିଶ୍ୱାଳୀ ଓ କୁଜଙ୍ଗ ଅଞ୍ଚଳରୁ ସର୍ବମୋଟ ୭ ଅସହାୟ ମାନସିକ ଭିନ୍ନକ୍ଷମ ଙ୍କୁ ଉଦ୍ଧାର କରି କଣାସ ର ସେବାଶ୍ରମରେ ଛାଡିଛନ୍ତି କ୍ଷ ତେବେ ନିଃସହାୟ ଏହି ଭିନ୍ନକ୍ଷମ ଙ୍କ ପାଇ ସାହା ଓ ଆଶାବାଡି ସାଜିଛନ୍ତି ସ୍ନେହମୟୀ ବୋଲି ସାଧାରଣରେ ଚର୍ଚ୍ଚା ହେବା ସହ ତାଙ୍କର ଏପରି ନିସ୍ୱାର୍ଥପର ସେବା କୁ ଉଚ୍ଚ ପ୍ରଶଂସା କରାଯାଉଛି।

କୃଷକ ବୈଜ୍ଞାନିକ ଆଲୋଚନାଚକ୍ର

ଜଗତସିଂହପୁର,୪।୧୧ (ନି.ପ୍ର): କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ଆନୁକୂଲ୍ୟରେ ଏକ ଦୁଇ ଦିନିଆ କୃଷକ ବୈଜ୍ଞାନିକ ଆଲୋଚନାଚକ୍ର ନଭେମ୍ବର ୩ ଓ ୪ତାରିଖରେ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲା କୃଷି ବିଭାଗର ଆତ୍ମା ପ୍ରକଳ୍ପ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାର ୩ଟି ବ୍ଲକ ଯଥା ତିର୍ତ୍ତ ?ଲ, କୁଜଙ୍ଗ ଏବଂ ଏରସମାରୁ ସମୁଦାୟ ୨୫ଜଣ ଆଗଧାଡିର ଚାଷୀ ଯୋଗଦେଇଥିଲେ ଓ କାର୍ଯ୍ୟକ୍ରମର ପ୍ରଥମ ଦିନରେ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ଼. ଜୀବନଜିତ ସେନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ, ଭାଗନେଇଥିବା ଚାଷୀମାନଙ୍କୁ ସ୍ୱାଗତ କରିବାସହ ଜିଲ୍ଲା କୃଷି ଉନ୍ନତିରେ କେନ୍ଦ୍ରର ଭୂମିକା ଏବଂ ଚାଷୀମାନଙ୍କ ପାଇଁ କେନ୍ଦ୍ରଦ୍ୱାରା ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ ଓ ଡ଼. ସେନ ଚାଷୀମାନଙ୍କୁ କ୍ଷେତ ବଞ୍ଚାଅ ଅଭିଯାନ ବିଷୟରେ ମଧ୍ୟ ବୁଝାଇଥିଲେ ଓ ପ୍ରଥମଦିନର ପ୍ରଥମ ଭାଗରେ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ ପଣ୍ଡା, କୃଷି ଅଧିକାରୀ ସ୍ୱାଗତିକା ମିଶ୍ର ଏବଂ ସ୍ୱରାଜ କୁମାର ବେହେରା ଚାଷୀମାନଙ୍କସହ ଧାନ, ମୁଗ ଓ ପନିପରିବା ଆଦି ଚାଷର ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରିଥିଲେ ଓ ପ୍ରଥମଦିନର ଦ୍ୱିତୀୟ ଭାଗରେ ଡ଼. ଲଳିତ କୁମାର ମହାନ୍ତି, କ୍ଷେତ୍ର ବିଜ୍ଞାନୀ, କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର ଏବଂ ଡ଼. ଦ୍ୱାରିକା ମୋହନ ଦାସ, ସହକାରୀ



ଅଧ୍ୟାପକ, କୃଷି ଯାନ୍ତ୍ରିକ ମହାବିଦ୍ୟାଳୟ, ଓଡିଶା କୃଷି ଏବଂ ବୈଷୟିକ ବିଶ୍ୱ ବିଦ୍ୟାଳୟ ଆଭାସୀ ମାଧ୍ୟମରେ ଯୋଗଦେଇ ଚାଷୀ ମାନଙ୍କସହ ଯଥାକ୍ରମେ ବିଭିନ୍ନ ଫସଲରେ ତୃଣ ନାଶକ ପରିଚାଳନା ଏବଂ ଆଧୁନିକ କୃଷିରେ ଯନ୍ତ୍ରପାତିର ବ୍ୟବହାର ବିଷୟରେ ଆଲୋଚନା କରିଥିଲେ ଓ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ, ଡ଼. ଉମାଶଙ୍କର ନାୟକ, ଯୁଗ୍ମ ନିର୍ଦ୍ଦେ ?ଶକ, ଗବେଷଣା, ଓଡିଶା କୃଷି ଏବଂ ବୈଷୟିକ ବିଶ୍ୱ ବିଦ୍ୟାଳୟ ଆଭାସୀ ମାଧ୍ୟମରେ ଯୋଗଦେଇ ପରିବର୍ତ୍ତିତ ଜଳବାୟୁ ପରିପେକ୍ଷୀରେ ଫସଲରେ ରୋଗ ପୋକ ପରିଚାଳନା ବିଷୟରେ ଆଲୋକପାତ କରିଥିଲେ ଏବଂ ରୋଗପୋକ ଉଦ୍ଦିଷ୍ଟ ବିଭିନ୍ନ ସମସ୍ୟାର ସମାଧାନ ଚାଷୀମାନଙ୍କୁ କହିଥିଲେ ଓ କେନ୍ଦ୍ରର ମୃତ୍ତିକା ବିଜ୍ଞାନୀ, ଡ଼. ପ୍ରଦୀପ୍ତ ମାଝୀ ମୃତ୍ତିକା ଓ ଫସଲରେ ସମନ୍ୱିତ ଖାଦ୍ୟ ପରିଚାଳନା ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ ଓ କେନ୍ଦ୍ରର ମତ୍ସ୍ୟ ବିଶେଷଜ୍ଞ, ସରିତା ଦାସ ମାଛ ଚାଷରେ ଉନ୍ନତ ବୈଜ୍ଞାନିକ ପ୍ରଣାଳୀ ଏବଂ ବାୟୋଫ୍ଲକ୍ ରେ ମାଛ ଚାଷ ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ ଓ ଦ୍ୱିତୀୟ ଦିନର ଶେଷ ଭାଗରେ କେନ୍ଦ୍ରର ପ୍ରାଣୀ ବିଜ୍ଞାନୀ, ଡ଼. ତପନ କୁମାର ପଲାଇ ଘୁଷୁରୀ ପାଳନ ଏବଂ ଗୋ ପାଳନ କ୍ଷେତ୍ରରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରିଥିଲେ ଓ କେନ୍ଦ୍ରର ରୋଗ ପୋକ ବୈଜ୍ଞାନିକ ଦେବାଶିଷ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦୁଇ ଦିନିଆ ଆଲୋଚନାଚକ୍ର ସଫଳତା ସହ ସମାପ୍ତ ହୋଇଥିଲା ଓ କାର୍ଯ୍ୟକ୍ରମର ଶେଷରେ ଚାଷୀମାନେ କେନ୍ଦ୍ରରେ ଥିବା ବିଭିନ ପ୍ରଦର୍ଶନୀ କ୍ଷେତ୍ର, ଉଦ୍ଭିଦ ସ୍ୱାସ୍ଥ୍ୟ ଶିବିର, ମୃତ୍ତିକା ପରୀକ୍ଷାଗାର, ବିଭିନ୍ନ ପ୍ରୟୋଗଶାଳା ଆଦି ପରିଦର୍ଶନକରି ଜ୍ଞାନ ଆହରଣ କରିଥିଲେ।

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷାଙ୍କ ଗଞ୍ଜାମ ଜିଲ୍ଲା ବନ୍ୟାଞ୍ଚଳ ପରିଦର୍ଶନ


ବ୍ରହ୍ମପୁର,୫।୧୧(ନି.ପ୍ର): ରାଜ୍ଯ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ବବିତା ପାତ୍ରଙ୍କ ୨ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିଛନ୍ତି। ଏନେଇ ତାଙ୍କ ବନ୍ୟାଞ୍ଚଳ ପରିଦର୍ଶନ ଓ କାର୍ଯ୍ୟ ପନ୍ଥା ଗ୍ରହଣ ସମସ୍ତ ମହିଳା ଓ ଶିଶୁ ମାନଙ୍କ ମନରେ ଦୃଢ଼ ବିଶ୍ୱାସ ସୃଷ୍ଟି କରିପାରିଛି।



ଏହି ଅବସରରେ ସେ ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟ, ଶେରଗଡ଼ ବ୍ଲକ ଅନ୍ତର୍ଗତ କିର୍ତ୍ତିପୁର ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ, ଧରାକୋଟ ବ୍ଲକ ଅନ୍ତର୍ଗତ କୁଶପଦା ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକୁ ତନତନ କରି ପର୍ଯ୍ୟବେକ୍ଷଣ କରିଥିଲେ। ସେହିପରି ସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳା ଓ ଶିଶୁ ମାନଙ୍କ ନିମନ୍ତେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଓ ଆବଶ୍ୟକୀୟ ପଦକ୍ଷେପ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ବିଶୁଦ୍ଧ ପାନୀୟ ଜଳ ପାଇଁ ହୋଲୋଜେନ୍ ବଟିକାର ବ୍ୟବହାର ସମ୍ବନ୍ଧରେ ଅବଗତ କରାଇ, ପରିବେଶର ସ୍ୱଚ୍ଛତା ଓ ସଂକ୍ରମଣରୁ ରକ୍ଷା ପାଇବା ନିମନ୍ତେ ବ୍ଲିଚିଂ ପାଉଡର୍ ଓ ଫିନାଇଲର ବ୍ୟବହାର କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ ବ୍ୟତୀତ ଉପରୋକ୍ତ ତିନୋଟି ବ୍ଲକର ଅଧିକାଂଶ ଗ୍ରାମ ପରିଦର୍ଶନ କରି ବହୁ ମହିଳା ଓ ଶିଶୁ ମାନଙ୍କୁ ଭେଟି ସରକାରଙ୍କ ତରଫରୁ ମାଗଣା ଭୋଜନ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଅବସ୍ଥା ସହିତ ସେମାନଙ୍କର ବ୍ୟକ୍ତିଗତ ସମସ୍ୟାକୁ ଆଲୋଚନା କରି ତାହାର ସମାଧାନ ଉଦ୍ୟମ କରିଥିଲେ। ବିପର୍ଯ୍ୟୟ ସମୟରେ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଉତ୍ତମ ଚିକିତ୍ସା ସେବା ନିମନ୍ତେ ଆୟୋଗ ସର୍ବଦା, ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସୁଛି। ଯଥା ସମୟରେ କାର୍ଯ୍ୟପନ୍ଥା ଗ୍ରହଣ କରି ଯେ କୌଣସି ପରିସ୍ଥିତିରେ ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ଓ ଯତ୍ନନେବା ଆମର କର୍ତ୍ତବ୍ୟ ବୋଲି ଅଧକ୍ଷା ଶ୍ରୀମତୀ ପାତ୍ର ଆବେଗରେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଡ଼ିଓ, ଶେରଗଡ଼ ବିଡ଼ିଓ, ଜିଲ୍ଲା ଶିଶୁ ସମାଜ ମଙ୍ଗଳ ଅଧିକାରୀ, ଡିସିପିଓ, ସିଡ଼ିପିଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଗୁଳିମାଡ଼ ଘଟଣାରେ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କଲା ବୈରୀ ପୋଲିସ୍

ବଡଚଣା ୪।୧୧(ନି.ପ୍ର.): ବୈରୀ ଥାନା ଅନ୍ତର୍ଗତ ଅମୀୟଝରି ଗାଁରେ ଥିବା ମଦ ଦୋକାନରେ ଗତ ସୋମବାର ତା.୨/୧୧/୨୦୧୨୬ ବିଳମ୍ବିତ ରାତିରେ ଦୋକାନ



ମାଲିକ ରୁଦ୍ର ପ୍ରସାଦ ରାଉଳ ଙ୍କ କାରକୁ ଗୁଳିମାଡ଼ ଘଟଣାରେ ଅଟକ ଥିବା ଦୁଇଜଣ ଯୁବକଙ୍କୁ କେଶ୍ ନଂ - ୨୫୬/୨୬ ରୁଜୁ କରିବା ସହିତ ଆଜି ପୁଲିସ କୋର୍ଟ ଚାଲାଣ କରିଛି। ଗୁଳିମାଡ଼ ଘଟଣାରେ ଥାନାରେ ଅଟକ ଥିବା ଅମୀୟଝରି ଗାଁର ଅମିତ ବିଶ୍ୱାଳ ଓ ଅଶୋକ କାଣ୍ଡି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି କ୍ଷ ବୈରୀ ପୋଲିସ୍ ଏହି ମାମଲାରେ ଆଉ କେଉଁ ମାନଙ୍କ ସମ୍ପୃକ୍ତି ରହିଛି ସେ ବିଷୟରେ ଅଧିକ ତଦନ୍ତ ଚଳାଇ ଥିବା ସୂଚନା।

ଉପମୁଖ୍ୟମନ୍ତ୍ରୀଙ୍କ ହାତରୁ ହେଲେ ସମ୍ମାନୀତ

ବାଲ୍ୟବିବାହ ରୋକିବାରେ ଧରିତ୍ରୀଙ୍କ ପ୍ରୟାସକୁ ସମ୍ମାନ

ବଲାଙ୍ଗିର,.୦୪.୧୧ - ବାଲ୍ୟବିବାହ ଭଳି ଏକ ସାମାଜିକ କୁପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଅନ୍ୟ ଶିଶୁ ଓ କିଶୋରୀମାନଙ୍କ ପାଇଁ ପ୍ରେରଣାର ଉଦାହରଣ ସାଜିଛନ୍ତି ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକର ଆଦିବାସୀ ଝିଅ ଧରିତ୍ରୀ ସେଠ। ତାଙ୍କର ଏହି ଉଲ୍ଲେଖନୀୟ ସାମାଜିକ ଅବଦାନ ଓ ବାଲ୍ୟବିବାହ ନିରାକରଣ ଦିଗରେ ସଚେତନାମୂଳକ ପ୍ରୟାସ ପାଇଁ ଓଡିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ତାଙ୍କୁ ସମ୍ମାନିତ କରିଛନ୍ତି। ବେଲପଡା ବ୍ଲକର ନରୋ□ମ ସେଠଙ୍କ କନ୍ୟା ଧରିତ୍ରୀ ଆଦ୍ୟାଶା କାର୍ଯ୍ୟକ୍ରମ ସହ ଜଡିତ ରହି ବାଲ୍ୟବିବାହ ନିରାକରଣ, ଶିଶୁ ଅଧିକାର, କିଶୋରୀ ସଶକ୍ତୀକରଣ ଏବଂ ସାମାଜିକ ସଚେତନତା ଦିଗରେ ସକ୍ରିୟ ଭୂମିକା ନିର୍ବାହ କରିଆସୁଛନ୍ତି। ନିଜ ବୟସର ପିଲାମାନଙ୍କୁ ଶିକ୍ଷା ଜାରି ରଖିବା, ବାଲ୍ୟବିବାହକୁ ନା କହିବା ଏବଂ ନିଜ ଅଧିକାର ପାଇଁ ସ୍ୱର ଉ□ୋଳନ କରିବାକୁ ସେ ପ୍ରେରିତ କରୁଛନ୍ତି। ୟୁନିସେଫ୍ ଏବଂ ଏଡ୍ଏଟ୍ଆକ୍ସନ ର ସହଯୋଗ ରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ ଆଦ୍ୟାଶା କାର୍ଯ୍ୟକ୍ରମ କିଶୋରୀମାନଙ୍କ ମଧ୍ୟରେ ନେତୃତ୍ୱ, ଆତ୍ମ ବିଶ୍ୱାସ ଓ ସାମାଜିକ ଦାୟିତ୍ୱବୋଧ ବିକାଶ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି।



ବଲାଙ୍ଗିର ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ବେଲପଡା ସିଡିପିଓଙ୍କ ଉଲ୍ଲେଖନୀୟ ସହଯୋଗ ରହିଛି। ଗ୍ରାମା□ଳ ର ଶିଶୁ ଓ କିଶୋରୀମାନେ ମଧ୍ୟ ପ୍ରୟାସ କଲେ ସମାଜରେ ପରିବ□ନ ସମ୍ଭବ ବୋଲି ଧରିତ୍ରୀ ପ୍ରକାଶ କରିଛନ୍ତି।

ବନ୍ୟା ବିପନ୍ନଙ୍କ ପରେ ଅସହାୟ ଓ ଗରିବ ଲୋକଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ

ବ୍ରହ୍ମପୁର,୪।୧୧(ନି.ପ୍ର.): ବ୍ରହ୍ମପୁର ସହରର ଜଳବନ୍ଦୀ ଇଲାକାରୁ ଆରମ୍ଭ କରି ମହାନଗର ନିଗମର ବିଭିନ୍ନ ୱାର୍ଡରେ କ୍ଷତିଗ୍ରସ୍ତ ହୋଇଥିବା ଲୋକ ମାନେ ଯେମିତି ଭୋକ ଉପାସରେ ନ ରହିବେ ସେନେଇ ନିଜ ପ୍ରୟାସ ଓ ଅଭିଯାନକୁ ଜାରି ରଖିଛନ୍ତି ଯୁବ ନେତା ତଥା ଅର୍ବାନ ବ୍ୟାଙ୍କ ବ୍ରହ୍ମପୁର ସଭାପତି ଆର. ମୁରଲୀ ମୋହନ। ତେବେ ପ୍ରକାଶ ଯୋଗ୍ୟ ଯେ, ଅର୍ଣ୍ଣବ ବାତ୍ୟା ପ୍ରଭାବରେ ପ୍ରଳୟଙ୍କରୀ ବନ୍ୟାରେ ବିପନ୍ନଙ୍କୁ ବୁଲି ବୁଲି ସହାୟତାର ହାତ ବଢ଼ାଇବା

ଉଦ୍ଦେଶ୍ୟରେ ମୁରଲୀ ମୋହନ ପ୍ରତିଦିନ ଶହ ଶହ ଅସହାୟ ପରିବାର ବର୍ଗଙ୍କୁ



ସହାୟତା ପ୍ରଦାନ କରିଥିବା ଦେଖିବାକୁ ମିଳିଛି। ସେହିପରି ଅର୍ଣ୍ଣବ୍ ବନ୍ୟା ପ୍ରଭାବିତ ହୋଇଥିବା ପରେ ମୁରାସୁ ଦ୍ୱାରା ପ୍ରଭାବିତ ହୋଇ ନଥିବା କିଛି ରିଲିଫ ସାମଗ୍ରୀ ରହିଯାଇଥିବା ହେତୁ କିଛି ଗରିବ ଶ୍ରେଣୀର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଶୁଖିଲା ଖାଦ୍ୟ ସହ ରାସନ ସାମଗ୍ରୀ ଓ ତାର୍ପଲ ପାଲ ବଣ୍ଟନ କରିଥିଲେ। ଜୀବନ ଜୀବିକା ପ୍ରଭାବିତ ହୋଇଥିବା ବେଳେ, ସେମାନଙ୍କ ପାଖରେ ରିଲିଫ ସାମଗ୍ରୀ ଦେବା ସହ କିଛି ଆର୍ଥିକ ସହାୟତା କରିବା ଓ ସମବେଦନା ମଧ ଜଣାଇଥିଲେ। ଏହି ଅବସରରେ ବ୍ରହ୍ମପୁର ମାନ୍ୟବର ବିଧାୟକ କେ ଅନୀଲ କୁମାର, ମହାନଗର ନିଗମର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ମହାନଗର ନିଗମର କମିଶନର ଏ ଶସ୍ୟ ରେଡ୍ଡୀ ଏବଂ ବ୍ରହ୍ମପୁର ତହସିଲଦା ଉଭୟ ସମସ୍ତଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ ବ୍ୟବସ୍ଥାରେ ସହଯୋଗ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ପରିଚାଳିତ ଏହି ସମସ୍ତ ବଣ୍ଟନ କାର୍ଯ୍ୟକ୍ରମରେ ନୀଳକଣ୍ଠ ସାହୁ, ଶ୍ରୀକାନ୍ତ ପାଣିଗ୍ରାହୀ, ସୁଶୀଲ ସେନାପତି, ମନୋରଞ୍ଜନ ପଟ୍ଟନାୟକ, ତିରୁପତି ପାତ୍ର, ବାବୁଲି ଭୂୟାଁ ଏବଂ ତୁଳସୀ ନଗର ବଣିକ ସଂଘର ବହୁ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

ଭୟଙ୍କର ବନ୍ୟାଜନିତ କ୍ଷୟକ୍ଷତି ଉପରେ ଉଦ୍‌ବେଗ ପ୍ରକାଶ

ଭୁବନେଶ୍ୱର.୪।୧୧: କଂଗ୍ରେସ ଭବନ ଠାରେ ଇଣ୍ଡିଆ ବ୍ଲକ ଅନ୍ତର୍ଭୁକ୍ତ ଦଳମାନଙ୍କର ବୈଠକ ବସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଗ୍ରହଣ କରାଯାଇଛି। ବାତ୍ୟା ଅର୍ଣ୍ଣବ ଯୋଗୁଁ ଦକ୍ଷିଣ ଓଡ଼ିଶାରେ ବିଶେଷ କରି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୟଙ୍କର ବନ୍ୟା ଯୋଗୁଁ ବହୁ ଧନ ଜୀବନ, ଫସଲ ନଷ୍ଟ ଓ ପଶୁ ସଂପଦଙ୍କର ପ୍ରାଣହାନି ଘଟିଛି। ରାଜ୍ୟ ସରକାର ଏହାକୁ ମୁକାବିଲା କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଯେଉଁ ଆର୍ଥୀକ କ୍ଷତିପୂରଣ ପ୍ୟାକେଜ ଘୋଷଣା କରାଯାଇଛି ତାହା ସମୁଦ୍ରକୁ ଶଙ୍ଖେ। ସରକାର ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠି ନିୟମାବଳି ସମୟୋପଯୋଗୀ ପରିବର୍ତ୍ତନ କରି କ୍ଷତିପୂରଣ ରାଶି ଯଥେଷ୍ଟ ବୃଦ୍ଧି କରିବା ଆବଶ୍ୟକ। ଏହି ପ୍ରସଙ୍ଗ ଉପରେ ଇଣ୍ଡିଆ ବ୍ଲକ ପକ୍ଷରୁ ଏକ ସାବେଶ ଗଞ୍ଜାମ ଜିଲ୍ଲାରେ କରାଯିବ। ଖଣି ଓ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ ବାତିଲ ପାଇଁ ଇଣ୍ଡିଆ ବ୍ଲକ ପକ୍ଷରୁ ନଭେମ୍ବର ୧୮ ଓ ୧୯ ତାରିଖରେ ୨ ଦିନି ଧରି ଆର୍ଥୀକ ଅବରୋଧ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଶେଷ କରି ରାଜ୍ୟର ଖଣିଜ ସଂପଦ ପୂର୍ଣ୍ଣ ଜିଲ୍ଲାମାନଙ୍କରେ ଏହାକୁ ସଂପୂର୍ଣ୍ଣ ଭାବେ ସଫଳ କରିବା ପାଇଁ ନିବେଦନ କରାଯାଇଛି।



ଏସ୍?.ଆଇ.ଆର୍ ବାତିଲ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା / ବହିଷ୍କାର, ନିର୍ବାଚନ କମିଶନର ନିଯୁକ୍ତି ଓ ନିର୍ବାଚନ ଆଇନରେ ବ୍ୟାପକ ପରିବର୍ତ୍ତନ ଆଣିବା ଦାବି ଉପରେ ରାଜ୍ୟବ୍ୟାପୀ ପ୍ରଚାର ଅଭିଯାନ କରାଯିବ। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ଦେଶର ସମ୍ବିଧାନ ପ୍ରଣୟନ ସଭା ସ୍ୱୀକୃତି ଦେବାର ସ୍ମାରକୀ ଭାବେ ପାଳିତ ସମ୍ବିଧାନ ଦିବସକୁ "ଭୋଟ ଅଧିକାର ସୁରକ୍ଷା ଦିବସ" ଭାବେ ଜିଲ୍ଲା ସ୍ତରରେ ପାଳନ କରିବା ପାଇଁ ଇଣ୍ଡିଆ ବ୍ଲକ ନିଷ୍ପତ୍ତି କରିଛି। ଏହାଛଡା ପାଠ୍ୟ ପୁସ୍ତକ ମୁଦ୍ରଣରେ ଥିବା ଅକ୍ଷମଣୀୟ ତ୍ରୁଟି ଏବଂ ପ୍ରଶ୍ନପତ୍ର ଲିକ୍ ପାଇଁ ରାଜ୍ୟ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ପାଇଁ ଇଣ୍ଡିଆ ବ୍ଲକ ଦାବି କରିଛି। ଏହି ପ୍ରସଙ୍ଗ ଗୁଡ଼ିକ ଉପରେ ଇଣ୍ଡିଆ ବ୍ଲକ ପକ୍ଷରୁ ଡିସେମ୍ବର ୧୦ ତାରିଖରେ କଟକ ଠାରେ ଏକ ବିରାଟ ସମାବେଶ କରାଯିବ।

ଇଣ୍ଡିଆ ବ୍ଲକର ଏହି ବୈଠକରେ କଂଗ୍ରେସ ଦଳ ସଭାପତି ଭକ୍ତ ଚରଣ ଦାସ, ସନ୍ତୋଷ ସିଂ ସାଲୁଜା ଓ ଅରବିନ୍ଦ ଦାସ, ସିପିଆଇର ଜୟନ୍ତ ଦାସ, ସିପିଆଇ(ଏମ୍)ର ଦୁଷ୍ମନ୍ତ କୁମାର ଦାସ ଓ ବଦ୍ରିନାରାୟଣ ଦାସ, ସିପିଆଇ (ଏମ୍.ଏଲ) ଲିବରେସନର ମହେନ୍ଦ୍ର ପରିଡା, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ଜ୍ୟୋତିରଞ୍ଜନ ମହାପାତ୍ର, ଏନ୍?ସିପିର ବିକ୍ରମ ସ୍ୱାଇଁ ଆରଜେଡିର ହେମନ୍ତ କୁମାର, ସମାଜବାଦି ପାଟିର ମଞ୍ଜୁ ହାତି ପ୍ରମୁଖ ଯୋଗଦେଇଥିଲେ।

ବନ୍ଧୁକ ସହ ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ଜବତ

ଡେଲାଙ୍ଗ,୪।୧୧: ଡେଲାଙ୍ଗ ଥାନା ଅଂଚଳରେ ବ୍ରାଉନ ସୁଗାର କାରବାର ସମୟରେ ପୋଲିସ ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ସହ ବନ୍ଧୁକ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ଠାରୁ ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହଙ୍କ ନିର୍ଦ୍ଦେଶ କ୍ରମେ ଡେଲାଙ୍ଗ ଥାନା ଅଂଚଳ ରେ ବେଆଇନ ନିଶା କାରବାର ରୋକିବା ପାଇଁ ପ୍ରତ୍ୟକ ଦିନ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବୁଧବାର ଭୋରୁ ସମୟରେ ଡେଲାଙ୍ଗ ଥାନା ଏସଆଇ ସୁଧାଂଶୁ ବାରିକ ଓ ଦେବୀ ପ୍ରସାଦ ଲେଙ୍କା ସଦଳବଳେ ରାତ୍ର ପାଟ୍ରୋଲିଂ କରି ଫେରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ କୁଆପଦାସ୍ଥିତ ବଣିବକ୍ରେଶ୍ୱରଙ୍କ ମନ୍ଦିର ନିକଟ ଚଢ଼ାଉ କରିଥିଲେ। ଏକ ମାରୁତି କମ୍ପାନୀର ଏରଟିକା ଗାଡି ଛିଡା ହୋଇଥିବା ବେଳେ ନିକଟରେ ଦୁଇଟି ବାଇକ ରହିଥିଲା। ପୋଲିସକୁ ଦେଖି ଜଣେ ଚମ୍ପଟ ମାରିଥିବା ବେଳେ ଅନ୍ୟ ୪ଜଣଙ୍କୁ ପୁଲିସ କାବୁ କରିବାରେ ସକ୍ଷମ ହୋଇଥିଲା। ସେମାନଙ୍କ ଠାରୁ ୬ଟି ମୋବାଇଲ ଫୋନ, ୨୬୧ ଗ୍ରାମ ବ୍ରାଉନ ସୁଗାର, ଗୋଟିଏ ଦେଶୀ ବନ୍ଧୁକ, ନଗଦ ୬ହଜାର ଟଙ୍କା, ଗୋଟିଏ ପଲସର ବାଇକ, ଗୋଟିଏ ଯାମହା ଏଫ ଜେଡ୍ ବାଇକ ଜବତ କରିଥିଲା। ଏବଂ ୪ଜଣଙ୍କୁ ଗିରଫ କରି ପୁଲିସ ଥାନାକୁ ଆଣି ପଚରା ଉଚରା କରିବାରେ ପୁରୀ, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ଭଳି ବିଭିନ୍ନ ଅଂଚଳରେ ବ୍ରାଉନ ସୁଗାର କାରବାର କରୁଥିବା ପୋଲିସ ଜାଣିବାକୁ ପାଇଥିଲା। ୪ ଅଭିଯୁକ୍ତ ବିଭିନ୍ନ ଅପରାଧିକ ମାମଲା ସମ୍ପୃକ୍ତ ରହିଥିବା ପୋଲିସ ତଦନ୍ତ ରେ ଜଣାପଡିଛି। ପୂର୍ବରୁ ମଧ ସେମାନେ ଡେଲାଙ୍ଗ ଅଂଚଳର ଜଣେ ମହିଳାଙ୍କ ଠାରୁ ମୋବାଇଲ ଫୋନ ଛଡାଇ ନେବା ମାମଲାରେ ସମ୍ପୃକ୍ତ ଥିବା ପୋଲିସ କହିଛି। ଜବତ ବ୍ରାଉନ ସୁଗାର ର ମୂଲ୍ୟ ୨୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୁଲିସ ଅନୁମାନ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଗଡିଶାଗଦା ଥାନା ଅଧୀନ ତରତୁଆ ଗ୍ରାମର ଚନ୍ଦ୍ରଶେଖର ବିଶ୍ୱାଳ(୨୬), ଡେଲାଙ୍ଗ ଥାନା ଘୋଡିଅଁ ଗ୍ରାମର ଅଲୋକ ନାୟକ(୨୫), କୁଆପଦା ଗ୍ରାମର ରଶ୍ମିରଞ୍ଜନ ହରିଚନ୍ଦନ(୨୩), ପିପିଲି ଥାନା ସାତଶଙ୍ଖର ସୋମନାଥ ପ୍ରଧାନ(୨୮)। ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରିବା ସହିତ ଏମାନଙ୍କ ବିରୁଦ୍ଧରେ ଏନ୍ଡିପିଏସ୍ ଓ ଆର୍ମସ୍ ଆକ୍ଟରେ ୩୧୫୫/୨୬?ଏମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।



୧୯ରୁ ପୃଥ୍ୱୀରାଜ ହାଇସ୍କୁଲ ବଲାଙ୍ଗିର ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ଆନ୍ତଃସ୍କୁଲ ଫୁଟବଲ

ବଲାଙ୍ଗିର,୪।୧୧(ନି.ପ୍ର.): ପୃଥ୍ୱୀରାଜ ହାଇସ୍କୁଲ ବଲାଙ୍ଗିର ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେ□ ଆସନ୍ତା ୧୯ ତାରିଖରୁ ଟାଉନ ହାଇସ୍କୁଲ ପଡିଆରେ ହେବ। ସଂପାଦକ ଡା. ସୁକାନ୍ତ ପୁରୋହିତ ଙ୍କ ଅଧ୍ୟକ୍ଷତାରେ ଟାଉନ ହାଇସ୍କୁଲ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ କୋଷାଧ୍ୟକ୍ଷ ବ୍ରଜବନ୍ଧୁ ସାଏ, ଆବାହକ ଡା. ସିଦ୍ଧେଶ୍ୱର ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ନରେନ୍ଦ୍ର ଆଚାର୍ଯ୍ୟ, ରାଜକିଶୋର ଦାଶ, ସଲିମ ଖାନ, ସତ୍ୟନାରାୟଣ ପଣ୍ଡା, ଭଗବାନ ବଗ□, ସଦସ୍ୟ ଅମରଦୀପ ପାଣିଗ୍ରାହୀ ଓ ରାଜେନ୍ଦ୍ର ମିଶ୍ରମଂଚାସିନ ଥିଲେ। ଏହି ଟୁର୍ଣ୍ଣାମେ□ରେ ପୃଥ୍ୱୀରାଜ ହାଇସ୍କୁଲ, ପଲ୍ଲିଶ୍ରୀ ହାଇସ୍କୁଲ ସଦାଇପାଲି, ରାମଜୀ ହାଇସ୍କୁଲ କୁରୁଲ, ପତିତପାବନ ଏକାଡେମୀ, ସରକାରୀ ହାଇସ୍କୁଲ ଭାଲେର, ନବଜୀବନ ବିଦ୍ୟାପୀଠ, ପଂଚାୟତ ହାଇସ୍କୁଲ ଚନ୍ଦନଭାଟି ଓ ଟାଉନ ହାଇସ୍କୁଲ ବଲାଙ୍ଗିର ଅଂଶଗ୍ରହଣ କରିବେ। ପ୍ରେସ୍ଟସ କ୍ଲବ ସଭାପତି ଲୋଟସ ଷଡଙ୍ଗୀ, ସଂପାଦକ ଜଗନ୍ନାଥ ମିଶ୍ର, କ୍ରୀଡା ସଂଗଠକ ଶଶୀ ଶେଖର ପଣ୍ଡା, ଜିଲ୍ଲା କ୍ରୀଡା ସଂସଦ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ, କ୍ରୀଡାବିତ ସୁନୀଲ ଚନ୍ଦ୍ର ବିଶ୍ୱାଳ, ଭୁପେନ୍ଦ୍ର ପ୍ରସାଦ ସିଂ, ନିଶାରକାନ୍ତ ନାଗ, ଭରତ ଡାଙ୍ଗ, ଶଶାଙ୍କର ପଟ୍ଟନାୟକ, ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଗୁରୁ, ହେମନ୍ତ ପ୍ରଧାନ, ଜଗନ୍ନାଥ ସାହୁ, ରଞ୍ଜିତ ବେହେରା, ଦଧିବାବନ ବାଗ, ରାଜେଶ କୁମାର, ବିକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ରାଇଘରରେ ଦେଶୀ ମଦ ଜବତ

ରାଇଘର,୦୪।୧୧(ନି.ପ୍ର.): ନବରଙ୍ଗପୁର ଜିଲ୍ଲା ରାଇଘର ବେଆଇନ ମଦ କାରବାର ବିରୋଧରେ ଆକ୍ସନ ମୁଡରେ ରାଇଘର ପୋଲିସ ଓ ଅବକାରୀ ବିଭାଗ ରାଇଘର ଥାନା ଅନ୍ତର୍ଗତ କଳିଆପଦର ଓ କଚରାପାରା ଗ୍ରାମରେ ଚୋରା ଦେଶୀ ମଦ କାରବାର ଉପରେ ମିଳିତ ଚଢ଼ାଉ ଦ୍ୱାରା ବହୁପରିମାଣର ମଦ ନଷ୍ଟ କରାଯାଇଛି। ରାଇଘର ଥାନା ଅଧିକାରୀ ଟିକି ଚାନ୍ଦ ବାହୁବଳୀ ଖଟୁଆ ଓ ଅବକାରୀ ଥାନା ଅଧିକାରୀ ସମୀର କୌଶଲ୍ୟା ସହିତ ପୋଲିସ ଫୋର୍ସ ମିଶି କଳିଆପଦର ଓ କଚରାପାରା ଅଞ୍ଚଳରେ ମାଜିଷ୍ଟ୍ରେଟ ଭାବେ ରାଇଘର ତହସିଲଦାର ମନମୋହନ ସାହୁଙ୍କ ଉପସ୍ଥିତରେ ୧୨୫୦ ମିଟର ମହୁଲ ପୋଚ ଓ ୧୦୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଥିଲା ଘଟଣାରେ କାହାରିକୁ ଗିରଫ କରାଯାଇନଥିବା ଥାନା ଅଧିକାରୀ ଓ ଅବକାରୀ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ କଳିଆପଦର ଓ କଚରାପାରା ଦୁଇଟି ପୃଥକ ସ୍ଥାନରେ ଦୀର୍ଘଦିନ ଧରି ବେଧଡ଼କ ଭାବରେ ମଦ ବ୍ୟବସାୟ ଚାଲିଥିଲା ମିଳିତ ଚଢ଼ାଉ ପରେ ଏବେ ରାଇଘର ଅଞ୍ଚଳରେ ମଦ ବେପାରୀଙ୍କ ମନରେ ଏକା ଭୟ ସୃଷ୍ଟି ହେଉଥିବାର ଦେଖିବାକୁ ମିଳିଛି।

ସଫେଇ କର୍ମଚାରୀଙ୍କୁ ବସ୍ତ୍ର ଓ ଶୁଖିଲା ଖାଦ୍ୟ ବଣ୍ଟନ କଲେ ଅନିଲ

ବ୍ରହ୍ମପୁର,୪।୧୧(ନି.ପ୍ର.): ସ୍ଥାନୀୟ ଧାନମେରା ସାହି ଠାରେ ଅନିଲ ନାୟକ ସୋସିଆଲ ସର୍ଭିସ ତରଫରୁ ସଫେଇ କର୍ମଚାରୀ ମାନଙ୍କୁ ପବିତ୍ର ଦୀପାବଳି ଉପଲକ୍ଷେ ବସ୍ତ୍ର ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ କର୍ପୋରେଟର ତଥା ସୋସିଆଲ ସର୍ଭିସ ପ୍ରତିଷ୍ଠାତା ସଭାପତି ଅନିଲ ନାୟକଙ୍କ ନିଜସ୍ୱ ବାସଭବନ ଠାରେ ଆଜି ସନ୍ଧ୍ୟା ସମୟରେ ମହାନଗର ନିଗମ ଅଧୀନରେ କାର୍ଯ୍ୟ କରୁଥିବା ତାଙ୍କ ଅଞ୍ଚଳର ଉଭୟ ପୁରୁଷ ଓ ମହିଳା କର୍ମଚାରୀ ମାନଙ୍କୁ ଦୀପାବଳି ଉପହାର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ଡ଼ା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ରୂପେ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ସୁବାସ ଚନ୍ଦ୍ର ମହାରଣା, ବିଜେଡି ରାଜ୍ୟ ସମ୍ପାଦକ ତଥା ଅର୍ବାନ ବ୍ୟାଙ୍କ ସଭାପତି ଆର୍ ମୁରଲୀ ମୋହନ, ଛତ୍ରପୁର ଓକିଲ ସଂଘ ସମ୍ପାଦକ ଏନ୍ ଗୋପୀ, ଆଇନଜୀବୀ ପ୍ରଶାନ୍ତ କୁମାର ନାୟକ ଏବଂ ମେହେନ୍ତର ସଂଘର ଉପ ସଭାପତି ତଥା ସମାଜସେବୀ ତ୍ରିଲୋଚନ ବେହେରା ପ୍ରମୁଖଙ୍କ ଦ୍ୱାରା ଅନିଲ ନାୟକ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ମାନଙ୍କୁ ଉପହାର ବଣ୍ଟନ କରିଥିଲେ। ଏନେଇ ଅତିଥି ମାନେ ଶ୍ରୀ ନାୟକଙ୍କ ଏହିଭଳି ପ୍ରୟାସକୁ ପ୍ରଶଂସା କରିବା ସହ ସଫେଇ କର୍ମଚାରୀ ମାନଙ୍କ ସହ ଏକମନ ଏକପ୍ରାଣ ହୋଇ ଭାଇଚାରାର ଏହିଭଳି ଉପହାର ବଣ୍ଟନ କାର୍ଯ୍ୟକ୍ରମ ପାଇଁ ସାଧୁବାଦ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତିଷ୍ଠାତା ସଭାପତି ଶ୍ରୀ ନାୟକ ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ ଯେ, ବର୍ଷ ସାରା ଦିନ ରାତି, ଖରା, ବର୍ଷା ଓ ଶୀତ ଭଳି ସମସ୍ତ ସମୟରେ ନିଜ ମହତ୍ କାର୍ଯ୍ୟକାରୀ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରୁଥିବା କର୍ମଚାରୀ ଭାଇ ଭଉଣୀ ଓ ମାଁ ମାନଙ୍କ ଆଗାମୀ ଦୀପାବଳି ଭଳି ପର୍ବ ଅବସରରେ ତାଙ୍କ ମୁହଁରେ ହସ ଫୁଟାଇବା ଉଦ୍ଦେଶ୍ୟରେ ଏଭଳି ପ୍ରୟାସ କରିଛି। ଯାହା ଫଳରେ ସେମାନଙ୍କ ଦୀପାବଳି ପର୍ବଟି ଅତି ଖୁସିରେ ସେମାନେ ପାଳନ କରି ପାରିବେ ବୋଲି କହିଛନ୍ତି। ସେହିପରି କର୍ମଚାରୀ ମାନେ ମଧ ଉପହାର ପାଇ ଶ୍ରୀ ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମଣ୍ଟୁ ବିଷୋୟୀ, ଜନାର୍ଦ୍ଦନ ଘଡ଼?ଇ, ମନୋରଞ୍ଜନ ନିମାଇ, ସୁନୀଲ କୁମାର ନାୟକ ପ୍ରମୁଖ ପରିଚାଳନା ସହଯୋଗ କରିଥିଲେ।



ଜାନୁଆରୀ ୨୦୨୭ରୁ ବିଭିନ୍ନ ଟ୍ରେନ୍‌ର ନମ୍ବର ଓ ସୁପରଫାଷ୍ଟରୁ ମେଲ୍/ଏକ୍ସପ୍ରେସ୍ ଶ୍ରେଣୀରେ ପରିବର୍ତ୍ତନ

ଭୁବନେଶ୍ୱର,୪।୧୧: ଜାନୁଆରୀ ୨୦୨୭ରୁ ବିଭିନ୍ନ ଟ୍ରେନ୍‌ର ନମ୍ବର ଓ ଶ୍ରେଣୀରେ ପରିବର୍ତ୍ତନ କରାଯିବ। ସୁପରଫାଷ୍ଟ ଶ୍ରେଣୀରୁ ମେଲ/ଏକ୍ସପ୍ରେସ୍ ଶ୍ରେଣୀକୁ ପରିବର୍ତ୍ତନ ଅନୁଯାୟୀ ଏହି ନୂତନ ନମ୍ବରଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରୁ କାର୍ଯ୍ୟକାରୀ ହେବ। ଋ ଟ୍ରେନ୍ ନମ୍ବର ୨୨୮୬୧ ହାଓ୍ୱଡ଼ା-କଣ୍ଟାବାଞ୍ଜି ଇସ୍ପାତ ଏକ୍ସପ୍ରେସ୍?ର ନୂତନ ନମ୍ବର ୧୮୦୭୩ ସହ ଚଳାଚଳ କରିବ ଏବଂ ଟ୍ରେନ୍ ନମ୍ବର ୨୨୮୬୨ କଣ୍ଟାବାଞ୍ଜି-ହାଓ୍ୱଡ଼ା ଇସ୍ପାତ ଏକ୍ସପ୍ରେସ୍?ର ନୂତନ ନମ୍ବର ୧୮୦୭୪ ହେବ। ଏହି ପରିବର୍ତ୍ତନ ଜାନୁଆରୀ ୧, ୨୦୨୭ରୁ ଲାଗୁ ହେବ। ଋ ସେହିପରି, ଟ୍ରେନ୍ ନମ୍ବର ୧୨୮୭୧ ହାଓ୍ୱଡ଼ା-ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍?ର ନୂତନ ନମ୍ବର ୧୮୦୭୧ ହେବ ଏବଂ ଏହା ଜାନୁଆରୀ ୨, ୨୦୨୭ରୁ କାର୍ଯ୍ୟକାରୀ ହେବ। ଅନ୍ୟପକ୍ଷରେ, ଟ୍ରେନ୍ ନମ୍ବର ୧୨୮୭୨ ଜୁନାଗଡ଼ ରୋଡ୍-ହାଓ୍ୱଡ଼ା ଇସ୍ପାତ ଏକ୍ସପ୍ରେସ୍?ର ନୂତନ ନମ୍ବର ୧୮୦୭୨ ହେବ ଏବଂ ଏହା ଜାନୁଆରୀ ୩, ୨୦୨୭ରୁ ଲାଗୁ ହେବ।

ଟ୍ରେନ୍ ନମ୍ବର ୨୨୬୪୩ ଏର୍ଣ୍ଣାକୁଲମ୍-ପାଟନା ଏକ୍ସପ୍ରେସ୍?ର ନୂତନ ନମ୍ବର ୧୬୩୫୯ ହେବ ଏବଂ ଏହା ଜାନୁଆରୀ ୪, ୨୦୨୭ରୁ କାର୍ଯ୍ୟକାରୀ ହେବ। ସେହିପରି, ଟ୍ରେନ୍ ନମ୍ବର ୨୨୬୪୪ ପାଟନା-ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍?ର ନୂତନ ନମ୍ବର ୧୬୩୬୦ ହେବ ଏବଂ ଏହା ଜାନୁଆରୀ ୧, ୨୦୨୭ରୁ ଲାଗୁ ହେବ। ଏହା



ବ୍ୟତୀତ, ଟ୍ରେନ୍ ନମ୍ବର ୧୨୮୯୩ ଭୁବନେଶ୍ୱର-ପୁରୁଣାକଟକ ସୁପରଫାଷ୍ଟ ଏକ୍ସପ୍ରେସ୍?ର ନୂତନ ନମ୍ବର ୧୮୪୧୧ ଏବଂ ଟ୍ରେନ୍ ନମ୍ବର ୧୨୮୯୪ ପୁରୁଣାକଟକ-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ୍?ର ନୂତନ ନମ୍ବର ୧୮୪୧୨ ହେବ। ଏହି ପରିବର୍ତ୍ତନ ଜାନୁଆରୀ ୬, ୨୦୨୭ରୁ କାର୍ଯ୍ୟକାରୀ ହେବ। ଋ ଟ୍ରେନ୍ ନମ୍ବର ୨୨୮୮୩ ପୁରୀ-ଯଶବନ୍ତପୁର ସୁପରଫାଷ୍ଟ ଏକ୍ସପ୍ରେସ୍?ର ନୂତନ ନମ୍ବର ୧୮୪୨୯ ହେବ ଏବଂ ଏହା ଜାନୁଆରୀ ୮, ୨୦୨୭ରୁ ଲାଗୁ ହେବ। ସେହିପରି, ଟ୍ରେନ୍ ନମ୍ବର ୨୨୮୮୪ ଯଶବନ୍ତପୁର-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍?ର ନୂତନ ନମ୍ବର ୧୮୪୩୦ ହେବ ଏବଂ ଏହା ଜାନୁଆରୀ ୯, ୨୦୨୭ରୁ କାର୍ଯ୍ୟକାରୀ ହେବ। ଟ୍ରେନ୍ ନମ୍ବର ୨୦୮୦୭ ବିଶାଖାପାଟଣା-ଅମୃତସର ହୀରାକୁଦ ଏକ୍ସପ୍ରେସ୍?ର ନୂତନ ନମ୍ବର ୧୮୫୧୩ ହେବ ଏବଂ ଏହା ଜାନୁଆରୀ ୫, ୨୦୨୭ରୁ ଲାଗୁ ହେବ। ଅନ୍ୟପକ୍ଷରେ, ଟ୍ରେନ୍ ନମ୍ବର ୨୦୮୦୮ ଅମୃତସର-ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ୍?ର ନୂତନ ନମ୍ବର ୧୮୫୧୪ ହେବ ଏବଂ ଏହା ଜାନୁଆରୀ ୯, ୨୦୨୭ରୁ କାର୍ଯ୍ୟକାରୀ ହେବ। ଯାତ୍ରୀମାନଙ୍କୁ ପରିବର୍ତ୍ତିତ ଟ୍ରେନ୍ ନମ୍ବର ସମ୍ପର୍କରେ ଅବଗତ ହୋଇ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ